୬

**ଶ୍ରୀଲଙ୍କାକୁ ୭ ୱିକେଟରେ ହରାଇଲା ମହିଳା ଭାରତୀୟ ଦଳ**





ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

E-mail : sambadkalikanews@gmail.com

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹ 2.00

● ବର୍ଷ–୩୨ ● ସଂଖ୍ୟା–୩୨୬ ● ୨୪ ଡିସେମ୍ବର ୨୦୨୫, ବୁଧବାର ● ଭୁବନେଶ୍ୱର ● Vol -32 ● Issue-326 ● 24th December 2025, Wednesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


## ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୧୧୧ କୋଟି ଟଙ୍କାରେ ୪୨୮ଟି ନୂଆ ୧୦୮ ଆମ୍ବୁଲାନ୍ସ

# ପ୍ରଥମ ପର୍ଯ୍ୟାୟରେ ୧୫୦ଟି ୧୦୮ ଆମ୍ବୁଲାନ୍ସର ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ୨୩।୧୨**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟର ସ୍ୱାସ୍ଥ୍ୟ ସେବାରେ ଆଉ ଏକ ନୂତନ ଅଧ୍ୟାୟ ଯୋଡି ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଳିଙ୍ଗ ଷ୍ଟାଡିୟମ ଠାରେ ପ୍ରଥମ ପର୍ଯ୍ୟାୟରେ ୧୫୦ ଗୋଟି ଆମ୍ବୁଲାନ୍ସର ଲୋକାର୍ପଣ କରିଛନ୍ତି।

ସୂଚନାଯୋଗ୍ୟଯେ, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ୪୨୮ଟି ନୂଆ ୧୦୮– ଆମ୍ବୁଲାନ୍ସର ବ୍ୟବସ୍ଥା କରାଯାଇଛି। ଏଥିରେ ୪୧୯ ଟି ପୁରୁଣା ଆମ୍ବୁଲାନ୍ସ, ୨ ଟି ଦୁର୍ଘଟଣାରେ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ଆମ୍ବୁଲାନ୍ସକୁ ପରିବର୍ତ୍ତନ କରାଯାଇ ନୂଆ ଆମ୍ବୁଲାନ୍ସ ବ୍ୟବହାର କରାଯିବ। ଏହା ବ୍ୟତୀତ ବାଣିଜ୍ୟ ଏବଂ ପରିବହନ ବିଭାଗରେ ବିମାନବନ୍ଦର ଓ ଏୟାରଷ୍ଟ୍ରିପରେ ବ୍ୟବହାର ପାଇଁ ୫ଟି ଏଏଲଏସ ଆମ୍ବୁଲାନ୍ସ ଏବଂ ଝାରସୁଗୁଡ଼ା କାର୍ଡିଆକ୍ କେୟାର୍ ହସ୍ପିଟାଲ୍ ପାଇଁ ୨ଟି ଏଏଲଏସ ଆମ୍ବୁଲାନ୍ସ ବ୍ୟବହାର କରାଯିବ। ସୂଚନାଯୋଗ୍ୟ ଯେ ରାଜ୍ୟରେ ଦୈନିକ ୫ ହଜାର ରୋଗୀଙ୍କୁ ୧୦୮– ଆମ୍ବୁଲାନ୍ସ ଜରିଆରେ ବିଭିନ୍ନ ହସ୍ପିଟାଲକୁ ନିଆଯାଉଛି।

କାର୍ଯ୍ୟକ୍ରମରେ ଗଣମାଧ୍ୟମକୁ ସାକ୍ଷାତକାର ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟରେ ଜରୁରୀକାଳୀନ ଆମ୍ବୁଲାନ୍ସ ସେବାରେ ଅଧିକ ଉନ୍ନତି ଆଣିବା ପାଇଁ ପର୍ଯ୍ୟାୟକ୍ରମେ ପୁରୁଣା ଆମ୍ବୁଲାନ୍ସଗୁଡିକୁ ବଦଳାଯାଇ ନୂଆ ଆମ୍ବୁଲାନ୍ସ ଅଣାଯାଇଛି। ସ୍ୱାସ୍ଥ୍ୟ ସେବାକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ଆହୁରି ୧୦୮–ଇଏମଏଏସ ଆମ୍ବୁଲାନ୍ସ କ୍ରୟ କରାଯାଇଛି। ୪୨୮ଟି ଆମ୍ବୁଲାନ୍ସ ପାଇଁ ରାଜ୍ୟ ସରକାର ୧୧୧ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି।

ମଙ୍ଗଳବାର ପ୍ରଥମ ପର୍ଯ୍ୟାୟରେ ୧୫୦ ଗୋଟି ନୂତନ ଜରୁରୀକାଳୀନ ଆମ୍ବୁଲାନ୍ସକୁ ଓଡିଶାବାସୀଙ୍କ ନିମନ୍ତେ ଲୋକାର୍ପଣ କରାଯାଉଛି । ଅବଶିଷ୍ଟ ନୂତନ ଆମ୍ବୁଲାନ୍ସ ଗୁଡିକୁ ଖୁବଶୀଘ୍ର ସ୍ୱାସ୍ଥ୍ୟ ସେବାରେ ନିୟୋଜିତ କରାଯିବ। ତା'ସହିତ ପୁରୁଣା ଇଏମଏଏସ ଫ୍ଲିଟ୍‌କୁ ପରିବର୍ତ୍ତନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । *(ପୃଷ୍ଠା ୭ରେ)*

## ବାଂଲାଦେଶରେ ହିନ୍ଦୁ ବିରୋଧୀ ହିଂସା : ବଢି ଚାଲିଛି ଅତ୍ୟାଚାର

**ଢାକା, ୨୩।୧୨**

ବାଂଲାଦେଶରେ ବଢୁଛି ହିନ୍ଦୁମାନଙ୍କ ଉପରେ ଅତ୍ୟାଚାର । ରାସ୍ତାରେ ନିରୀହ ହିନ୍ଦୁମାନଙ୍କୁ ହତ୍ୟା କରାଯାଉଛି । ବାଂଲାଦେଶରେ ଭାରତୀୟ ଉଚ୍ଚାୟୁକ୍ତ ଉପରେ ଆକ୍ରମଣ ହେଉଛି କିନ୍ତୁ ଓଲଟି ବାଂଲାଦେଶ ଭାରତୀୟ ଉଚ୍ଚାୟୁକ୍ତଙ୍କୁ ତଲବ କରୁଛି । ବାହାନା ହେଉଛି ଭାରତରେ ଥିବା ବାଂଲାଦେଶ ଦୂତାବାସ ଉପରେ ଆକ୍ରମଣ ହେଉଛି । ବିଶ୍ୱ ହିନ୍ଦୁ ପରିଷଦ ମଙ୍ଗଳବାର ଏହାର ଦିଲ୍ଲୀରେ ପ୍ରତିବାଦ କରିଛି।

ନିକଟରେ ବାଂଲାଦେଶରେ ଜଣେ ହିନ୍ଦୁ ଯୁବକ ଦୀପୁ ଚନ୍ଦ୍ରଙ୍କୁ ହତ୍ୟା କରାଯାଇଥିଲା, ଏହାର ପ୍ରତିବାଦରେ ଏହି ବିକ୍ଷୋଭ କରାଯାଉଛି । ପୀଡିତ ପରିବାରକୁ ନ୍ୟାୟ ଦାବି କରି ବିଶ୍ୱ ହିନ୍ଦୁ ପରିଷଦର କର୍ମୀମାନେ ମଙ୍ଗଳବାର ବାଂଲାଦେଶ ହାଇକମିଶନ କାର୍ଯ୍ୟାଳୟ ବାହାରେ ଏକାଠି ହୋଇଥିଲେ । କିନ୍ତୁ ଏହାକୁ ବାଂଲାଦେଶ ନିଜ ଦୂତାବାସ ଉପରେ ଆକ୍ରମଣ ବୋଲି ଭାବୁଛି ଓ ଏଥିପାଇଁ ଭାରତୀୟ ଉଚ୍ଚାୟୁକ୍ତଙ୍କୁ ତଲବ କରିଛି ।



ସେପଟେ ମଙ୍ଗଳବାର ସକାଳ ୧୦ଟା ପୂର୍ବରୁ ବାଂଲାଦେଶରେ ଭାରତର ଉଚ୍ଚାୟୁକ୍ତ ପ୍ରଣୟ ବର୍ମାଙ୍କୁ ବୈଦେଶିକ ମନ୍ତ୍ରଣାଳୟକୁ ଡକାଯାଇଥିଲା । ଏହି ଅବସରରେ ଭାରତର ଡେପୁଟି ହାଇକମିଶନର ମଧ୍ୟ ଉପସ୍ଥିତ ଥିଲେ । ବାଂଲାଦେଶ ବୈଦେଶିକ ସଚିବ ଅସଦ ଅଲ-ସିଆମ ହାଇକମିଶନରଙ୍କୁ ଡକାଯାଇଥିଲା । ବୈଦେଶିକ ମନ୍ତ୍ରଣାଳୟ ସୂତ୍ର ଅନୁଯାୟୀ, ଭାରତର ବିଭିନ୍ନ ସ୍ଥାନରେ ବାଂଲାଦେଶ ମିଶନକୁ ନେଇ ବଢୁଥିବା ସୁରକ୍ଷା ଚିନ୍ତା ଯୋଗୁଁ ଶ୍ରୀ ବର୍ମାଙ୍କୁ ଡକାଯାଇଥିଲା। ଭାରତରେ ସମସ୍ତ ବାଂଲାଦେଶ ମିଶନର ସୁରକ୍ଷାକୁ ଆହୁରି ମଜଭୁତ କରିବାକୁ ତାଙ୍କୁ ଅନୁରୋଧ କରାଯାଇଥିଲା । ସେପଟେ ବାଂଲାଦେଶରେ ଫସି ରହିଥିବା ଭାରତୀୟ ନାଗରିକ, ବିଶେଷକରି ଡାକ୍ତରୀ ଛାତ୍ରଙ୍କ ସୁରକ୍ଷା ନେଇ ଚିନ୍ତା ବଢୁଛି।

## ୨୨ ମାଓବାଦୀଙ୍କ ଆତ୍ମ ସମର୍ପଣ

**ଭୁବନେଶ୍ୱର, ୨୩।୧୨**
**ନ୍ୟୁଜ୍ ବ୍ୟୁରୋ**

ମାଓବାଦୀ ଦମନ ଅଭିଯାନରେ ଓଡ଼ିଶା ପୋଲିସକୁ ମଙ୍ଗଳବାର ଏକ ବଡ ସଫଳତା ମିଳିଛି। ମାଲକାନଗିରି ଜିଲ୍ଲା ପୋଲିସ କାର୍ଯ୍ୟାଳୟଠାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଉପସ୍ଥିତିରେ *(ପୃଷ୍ଠା ୭ରେ)*

## ଜି.ଉଦୟଗିରିରେ ପୋଲିସ୍‌ର ଫ୍ଲାଗମାର୍ଚ୍ଚ : ସୁରକ୍ଷା କଡ଼ାକଡ଼ି

**ଜି.ଉଦୟଗିରି, ୨୩।୧୨**
**ନ୍ୟୁଜ୍ ବ୍ୟୁରୋ**

ଖ୍ରୀଷ୍ଟ ସମ୍ପ୍ରଦାୟର ସବୁଠାରୁ ବଡ଼ ପର୍ବ ବଡ଼ଦିନ ଖ୍ରୀଷ୍ଟମାସ୍ ଉତ୍ସବ ପାଳନକୁ ଆଉ ଦୁଇ ଦିନ ବାକି ଥିବା ବେଳେ ଜି.ଉଦୟଗିରି ସହରରେ ପୋଲିସ ପ୍ରଶାସନ ତରଫରୁ ଫ୍ଲାଗମାର୍ଚ୍ଚ କରାଯାଇଛି । ବିଭାଗ ତରଫରୁ ମଙ୍ଗଳବାର ସକାଳ ୧୧ ଟା ବେଳେ ଆଇଆଇସି ବିଜୟ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଏସଆଇ ରୂପକ ଦଳେଇ, ଆଇଆରବି ଡେପୁଟି ସୁବେଦାର ବିନୟ ପ୍ରଧାନ,ଏଏସଆଇ ରବିନ୍ଦ୍ର ସେଠୀ, ବୁଲୁ ବେହେରାଙ୍କ ସମେତ ସଶସ୍ତ୍ର ପୋଲିସ ବାହିନୀ ଥାନାରୁ ବାହାରି ସହରରେ ଫ୍ଲାଗମାର୍ଚ୍ଚ କରିଥିଲେ । ଏହି ମାଧ୍ୟମରେ ବିଶୃଙ୍ଖଳାକାରୀଙ୍କ ଉଦ୍ଦେଶ୍ୟରେ ପୋଲିସ ପ୍ରଶାସନ ସତର୍କ ଥିବା ନେଇ ଚେତାବନୀ ଦିଆଯାଇଛି।



ବଡ଼ଦିନ ପାଳନ ନିମନ୍ତେ ଅଞ୍ଚଳବାସୀ ଉତ୍ସାହିତ ଥିବା ସହ ଅଞ୍ଚଳରେ ଭାଇଚାରା ସହ ଡିସେମ୍ବର ୨୫ ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମଦିନକୁ ଧୁମଧାମରେ ପାଳନ କରାଯିବ ବୋଲି ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଇଛି। କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲେ ପୋଲିସ ବିଭାଗ ତରଫରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ *(ପୃଷ୍ଠା ୭ରେ)*

## ମହାନଦୀ ଆନ୍ତଃରାଜ୍ୟ ଜଳବିବାଦ ଉପରେ ଆନ୍ତଃମନ୍ତ୍ରୀସ୍ତରୀୟ କମିଟିର ପ୍ରଥମ ବୈଠକ

**ଭୁବନେଶ୍ୱର, ୨୩।୧୨**
**ନ୍ୟୁଜ୍ ବ୍ୟୁରୋ**

ମହାନଦୀ ଆନ୍ତଃରାଜ୍ୟ ଜଳ ସମସ୍ୟା ଉପରେ ଆନ୍ତଃମନ୍ତ୍ରୀସ୍ତରୀୟ କମିଟିର ପ୍ରଥମ ବୈଠକ ମଙ୍ଗଳବାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଜଳସମ୍ପଦ ବିଭାଗର ରାଜୀବ ଭବନରେ ଅନୁଷ୍ଠିତ ହୋଇଥିଲା।



ଏହି ବୈଠକରେ ମନ୍ତ୍ରୀ ସୁରେଶ ପୂଜାରୀ, ପୃଥ୍ୱୀରାଜ ହରିଚନ୍ଦନ ଏବଂ ସମ୍ପଦ ଚନ୍ଦ୍ର ସ୍ୱାଇଁ, ବିଧାୟକ ସରୋଜ କୁମାର ପ୍ରଧାନ, ନିରଞ୍ଜନ ପୂଜାରୀ ଏବଂ ସୋଫିଆ ଫିର୍ଦ୍ଦୋସ ଯୋଗ ଦେଇଥିଲେ । ବିଧାୟକ ଜୟନାରାୟଣ ମିଶ୍ର ଆଭାସୀ ମାଧ୍ୟମରେ ବୈଠକରେ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏବଂ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ସଚିବ ଅନୁ ଗର୍ଗଙ୍କ ସହିତ ବିଭାଗୀୟ ଅଧିକାରୀ ଏବଂ ଜଳ ସମ୍ପଦ ବିଭାଗର ଅଧିକାରୀ ଓ ଯନ୍ତ୍ରୀମାନେ ମଧ୍ୟ କମିଟିକୁ ଆବଶ୍ୟକୀୟ ସୂଚନା ଦେବା ପାଇଁ ବୈଠକରେ ଉପସ୍ଥିତ ଥିଲେ।

ବୈଠକରେ ହୀରାକୁଦ ପ୍ରକଳ୍ପ, ମହାନଦୀ ଜଳ ବିବାଦର ଐତିହାସିକ ପୃଷ୍ଠଭୂମି, ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲଙ୍କ ସମ୍ମୁଖରେ କାର୍ଯ୍ୟର *(ପୃଷ୍ଠା ୭ରେ)*

### ଆଜିର ମୁଖ୍ୟ ଖବର

- କୃଷକ ଦିବସ ପାଳନ ଅବସରରେ କୃଷକମାନଙ୍କ ଭୂମିକା ନେଇ ବିତର୍କ।
- ମହାକାଶ ଅଭିଯାନକୁ ନେଇ ଦେଶର ପ୍ରସ୍ତୁତି ତ୍ୱରାନ୍ୱିତ।
- ପରିବେଶ ସୁରକ୍ଷା ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଗୁରୁତ୍ୱପୂର୍ଣ୍ଣ ଶୁଣାଣି।
- ବିଦେଶୀ ରାଷ୍ଟ୍ରମାନଙ୍କ ସହ ବାଣିଜ୍ୟ ସମ୍ପର୍କ ମଜଭୁତ କରିବାକୁ ଭାରତର ପ୍ରୟାସ।
- ଶିକ୍ଷା ବ୍ୟବସ୍ଥାକୁ ନେଇ ଜାତୀୟ ସ୍ତରରେ ଗଭୀର ଆଲୋଚନା।
- ଚିକିତ୍ସାଧୀନ ହାତୀର ମୃତ୍ୟୁ : ବିଷ ପ୍ରୟୋଗ ହୋଇଥିବା ନେଇ ବନ ବିଭାଗର ସନ୍ଦେହ।

### ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୮୫୫ (+୨୪୦)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୨,୭୦୦ (+୨୨୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୩୯୧ (+୧୮୦)

### ରୁପା ଦର

ରୂପା – ପ୍ରତି ଗ୍ରାମ ୨୩୪ (+୩)

## ନିର୍ଦ୍ଦିଷ୍ଟ ସମୟ ଭିତରେ ଜିରୋନାଇଟ୍ ଉତ୍ସବ ସାରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୨୩।୧୨**
**ନ୍ୟୁଜ୍ ବ୍ୟୁରୋ**

ଖ୍ରୀଷ୍ଟମାସ ଏବଂ ନୂଆବର୍ଷ ପାଇଁ ଦ୍ୱୈତନଗରୀ ଭୁବନେଶ୍ୱର ଏବଂ କଟକରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଏହି ଦୁଇଟି ଦିନ ପାଇଁ କମିଶନରେଟ ପୁଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଛି। ଉଭୟ ସହରରେ ଅଧିକ ୧୫ ପ୍ଲାଟୁନ ଫୋର୍ସ ମୁତୟନ କରାଯିବ ବୋଲି କମିଶନର ଏସ. ଦେବଦତ୍ତ ସିଂହ ମଙ୍ଗଳବାର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ପୁଲିସ ସାଦା ପୋଷାକରେ ମୁତୟନ ରହି ସମସ୍ତଙ୍କ ଉପରେ ନଜର ରଖିବେ ବୋଲି କମିଶନର କହିଛନ୍ତି।




ନୂଆବର୍ଷ ଆସୁଥିବାରୁ ଜିରୋନାଇଟ୍ ଉତ୍ସବ ପାଳନ ପାଇଁ ସହରର ବିଭିନ୍ନ କ୍ଲବ, ବାର୍ ଏବଂ ହୋଟେଲରେ ବ୍ୟାପକ ଆୟୋଜନ କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ସହରର ସୁରକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦେଇଛି ପୁଲିସ।

## ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟକ୍ରମର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

### ଏସ୍‌ସିବିରେ ହେବ ୧୭ ମହଲା ପାର୍କିଂ, ୭ଟି ମେଡିକାଲ କଲେଜରେ ଆଟେଣ୍ଡାଣ୍ଟଙ୍କ ପାଇଁ ହେବ ବିଶ୍ରାମ ଗୃହ

**ଭୁବନେଶ୍ୱର, ୨୩।୧୨**
**ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଲୋକସେବା ଭବନ ଠାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି।

ଏହି ବୈଠକରେ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜର ପୁନଃବିକାଶ କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ରାଜ୍ୟର ସର୍ବବୃହତ ମେଡିକାଲ କଲେଜ ହିସାବରେ ଏଠାକୁ ପ୍ରତିଦିନ ହଜାର ହଜାର ରୋଗୀ ଓ ସେମାନଙ୍କର ସମ୍ପର୍କୀୟମାନେ ଆସିଥାନ୍ତି। ଏହି ମେଡିକାଲ କଲେଜକୁ ଏକ ବିଶ୍ୱସ୍ତରୀୟ ମେଡିକାଲ କଲେଜ ରୂପେ ବିକଶିତ କରିବା ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ସେଥିପାଇଁ ଆବଶ୍ୟକୀୟ ପାର୍କିଂ ସୁବିଧା ଉପରେ ବୈଠକରେ ଆଲୋଚନା ହୋଇଥିଲା। ବୈଠକରୁ ଜଣାଯାଇଛି *(ପୃଷ୍ଠା ୭ରେ)*



## ଓଡ଼ିଆ ଏସଇବିସିଙ୍କୁ ଓବିସିରେ ସାମିଲ କରିବାକୁ ଚିଠି ଲେଖିଲେ ଧର୍ମେନ୍ଦ୍ର

**ଭୁବନେଶ୍ୱର, ୨୩।୧୨**
**ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶାର ୧୦୮ଟି ଏସଇବିସି ସମ୍ପ୍ରଦାୟକୁ କେନ୍ଦ୍ରୀୟ ଓବିସି ତାଲିକାରେ ସାମିଲ କରିବାକୁ କେନ୍ଦ୍ର ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରୀ ବିରେନ୍ଦ୍ର କୁମାରଙ୍କୁ ଚିଠି ଲେଖିଛନ୍ତି । ଧର୍ମେନ୍ଦ୍ର ଓଡ଼ିଶାର ଏସଇବିସି ସମ୍ପ୍ରଦାୟର ପରୀକ୍ଷାର୍ଥୀଙ୍କୁ କେନ୍ଦ୍ର ସରକାରୀ ଚାକିରି ଏବଂ ଶିକ୍ଷାରେ ସଂରକ୍ଷଣ ସୁବିଧା ନ ମିଳିବା ନେଇ ଚିନ୍ତା ପ୍ରକାଶ କରିଛନ୍ତି ।

ଶ୍ରୀ ପ୍ରଧାନ ଚିଠିରେ ଲେଖିଛନ୍ତି , ଓଡିଶା ସରକାରଙ୍କ ଦ୍ୱାରା ସାମାଜିକ ଏବଂ ଶିକ୍ଷାଗତ ଭାବରେ ପଛୁଆ ବର୍ଗର ରାଜ୍ୟ ତାଲିକାରେ ପୂର୍ବରୁ ସ୍ୱୀକୃତିପ୍ରାପ୍ତ *(ପୃଷ୍ଠା ୭ରେ)*

### ଏକାଳ ପଖାଳ




କହିଲେ କହିବ ଗାଲୁଆଟା ପୁରା
ବକ୍‌ବକ କରେ ଅତି
ମହାନଦୀ କଳି ତୁଟିବା ସପନ
ଚେଇଁକି ସରୁଛି ରାତି
କୁଆଡେ ଏହାର ଗତି
ନେତୃବୃନ୍ଦ ଯାହା କରିବେ ଦେଖିବା
ଆଉ କି.ବା. ଗତି ମତି ?

## ଚଳଚଞ୍ଚଳ ରାଜଧାନୀ ଠପ୍, ହାତଗୋଡ଼ କୋଳ ମାରିଲା



**ଭୁବନେଶ୍ୱର, ୨୩।୧୨**
**ନ୍ୟୁଜ୍ ବ୍ୟୁରୋ**

ରାଜଧାନୀ ଭୁବନେଶ୍ୱରର ତାପମାତ୍ରା କ୍ରମାଗତ ଭାବେ ହ୍ରାସ ପାଇବାରେ ଲାଗିଛି। ମଙ୍ଗଳବାର ସର୍ବନିମ୍ନ ତାପମାତ୍ରା ୧୧.୯ ଡିଗ୍ରୀ ସେଲସିୟସକୁ ଖସି ଆସିଛି। ଗତ ତିନି ଦିନ ମଧ୍ୟରେ ରାଜଧାନୀ ତାପମାତ୍ରା ୩.୨ ଡିଗ୍ରୀ ସେଲସିୟସ ହ୍ରାସ ପାଇଛି। ଫଳରେ ଚଳଚଞ୍ଚଳ ଭୁବନେଶ୍ୱରର ଜୀବନଯାତ୍ରା ଠପ୍ ହୋଇଯାଇଛି। ହାତଗୋଡ଼ କୋଳ ମାରିଯାଉଛି।

ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଅନୁଯାୟୀ, ରାଜଧାନୀ ଭୁବନେଶ୍ୱରର ତାପମାତ୍ରା କ୍ରମାଗତ କମିବାରେ ଲାଗିଛି। ଡିସେମ୍ବର ୨୧ ତାରିଖରେ ରାଜଧାନୀର ସର୍ବନିମ୍ନ ତାପମାତ୍ରା ୧୫.୧ ଡିଗ୍ରୀ ସେଲସିୟସଥିଲା। ଡିସେମ୍ବର ୨୨ ତାରିଖରେ ଏହା କମି ୧୩.୬ ଡିଗ୍ରୀ ସେଲସିୟସ ହୋଇଥିଲା। ସେହିପରି ଡିସେମ୍ବର ୨୩ ତାରିଖରେ ତାପମାତ୍ରା ୧୧.୯ ଡିଗ୍ରୀ ରେକର୍ଡ କରାଯାଇଛି।

ଆଇଏମଡି ପୂର୍ବାନୁମାନ ଅନୁଯାୟୀ, ଖ୍ରୀଷ୍ଟମାସଠାରୁ ଶୁଖିଲା, ଥଣ୍ଡା ଉତ୍ତର-ପଶ୍ଚିମ ପବନ ବହିବା ସହିତ ରାଜଧାନୀର ତାପମାତ୍ରା ପୁଣି କମିବ। ଏହା ସହିତ ଆର୍ଦ୍ରତାଯୁକ୍ତ ବାୟୁ ସଞ୍ଚାଳନ ଯୋଗୁ ଘନ କୁହୁଡ଼ି ବଢ଼ିବ ବୋଲି *(ପୃଷ୍ଠା ୭ରେ)*



ଭୁବନେଶ୍ୱର : ଖ୍ରୀଷ୍ଟମାସ ପର୍ବ ପାଳନର ଅବ୍ୟବହିତ ପୂର୍ବରୁ ୟୁନିୟନ ଚର୍ଚ୍ଚକୁ ରଙ୍ଗୀନ ଆଲୋକମାଳାରେ ସଜାଯାଇଛି (ଫଟୋ–ସମ୍ବାଦ କଳିକା)

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ‘ଶାନ୍ତି’ ବିଲ୍ ଏବେ କେବଳ ଏକ ଆଇନ ନୁହେଁ ବରଂ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ

ଭାରତରେ ପରମାଣୁ ଶକ୍ତି କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ଆଣିବା ଲକ୍ଷ୍ୟରେ ସଂସଦରେ ‘ଶାନ୍ତି’ (ସଷ୍ଟେନେବଲ୍ ହାର୍ନେସିଂ ଆଣ୍ଡ ଆଡଭାନ୍ସମେଣ୍ଟ ଅଫ୍ ନ୍ୟୁକ୍ଲିୟର ଏନର୍ଜି ଫର୍ ଟ୍ରାନ୍ସଫର୍ମିଂ ଇଣ୍ଡିଆ) ବିଲ୍ ଗୃହୀତ ହୋଇଛି। ଦେଶରେ ପରମାଣୁ ଶକ୍ତିର ଉତ୍ପାଦନ ବୃଦ୍ଧି କରିବା ଏବଂ ଏଥିପାଇଁ ଆଇନଗତ ଢାଞ୍ଚାକୁ ବଦଳାଇବା ଏହି ବିଲ୍‌ର ମୂଳ ଉଦ୍ଦେଶ୍ୟ। ଯଦିଓ ଭାରତର ଭବିଷ୍ୟତ ଶକ୍ତି ଆବଶ୍ୟକତା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ, ତଥାପି ଯେଉଁଭଳି ତରବରିଆ ଭାବେ ଏହାକୁ ପାରିତ କରାଗଲା ଏବଂ କ୍ଷତିପୂରଣ ନିୟମରେ ଯେଉଁ ପରିବର୍ତ୍ତନ ଅଣାଗଲା, ତାହା ଅନେକ ପ୍ରଶ୍ନ ସୃଷ୍ଟି କରିଛି। ଡିସେମ୍ବର ୧୫ରେ ଲୋକସଭାରେ ଆଗତ ହୋଇ ମାତ୍ର ଦୁଇଦିନ ମଧ୍ୟରେ, ଅର୍ଥାତ୍ ଡିସେମ୍ବର ୧୭ରେ ଏହି ବିଲ୍ ଗୃହୀତ ହୋଇଗଲା। ବିରୋଧୀ ଦଳର ଦାବି ସତ୍ତ୍ୱେ ଏହାକୁ କୌଣସି ସଂସଦୀୟ କମିଟି ନିକଟକୁ ପଠାଗଲା ନାହିଁ। ସରକାରଙ୍କ ଯୁକ୍ତି ହେଉଛି ଯେ, ୨୦୪୭ ସୁଦ୍ଧା ଭାରତ ୧୦୦ ଗିଗାୱାଟ୍ ପରମାଣୁ ବିଦ୍ୟୁତ୍ ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖିଛି। ଏତେ ବଡ଼ ଲକ୍ଷ୍ୟ ହାସଲ କରିବା ପାଇଁ କେବଳ ସରକାରୀ କମ୍ପାନୀ (ଯେପରି କି ଏନ୍‌ପିସିଆଇଏଲ୍) ଯଥେଷ୍ଟ ନୁହନ୍ତି। ତେଣୁ ଏହି ବିଲ୍ ମାଧ୍ୟମରେ ପୁରୁଣା ଆଇନକୁ ବଦଳାଇ ଘରୋଇ ଏବଂ ବିଦେଶୀ କମ୍ପାନୀମାନଙ୍କୁ ପରମାଣୁ ରିଆକ୍ଟର କେନ୍ଦ୍ର ପ୍ରତିଷ୍ଠା ଓ ପରିଚାଳନା ପାଇଁ ଅନୁମତି ଦିଆଯାଇଛି। ନିଶ୍ଚିତ ଭାବରେ, ଦେଶର ବିକାଶ ପାଇଁ ବିପୁଳ ବିଦ୍ୟୁତ୍ ଶକ୍ତିର ଆବଶ୍ୟକତା ରହିଛି ଏବଂ ଏଥିପାଇଁ ଘରୋଇ ପୁଞ୍ଜିନିବେଶ ଜରୁରୀ; କିନ୍ତୁ ବିବାଦର ମୁଖ୍ୟ କାରଣ ହେଉଛି ‘ଦାୟିତ୍ୱ’ ବା ଲାଏବିଲିଟି ନିୟମରେ ପରିବର୍ତ୍ତନ। ପୂର୍ବରୁ ଥିବା ନିୟମ ଅନୁସାରେ, ଯଦି କୌଣସି ପରମାଣୁ ରିଆକ୍ଟର କେନ୍ଦ୍ରରେ ତ୍ରୁଟିପୂର୍ଣ୍ଣ ଯନ୍ତ୍ରାଂଶ ଯୋଗୁଁ ଦୁର୍ଘଟଣା ଘଟୁଥିଲା, ତେବେ ସେହି ଯନ୍ତ୍ରାଂଶ ଯୋଗାଇଥିବା କମ୍ପାନୀ ସେଥିପାଇଁ ଦାୟୀ ରହୁଥିଲେ; କିନ୍ତୁ ନୂଆ ‘ଶାନ୍ତି’ ବିଲ୍‌ରେ ଯୋଗାଣକାରୀଙ୍କୁ ଦାୟିତ୍ୱମୁକ୍ତ କରାଯାଇଛି ଏବଂ ସମସ୍ତ ଦାୟିତ୍ୱ କେବଳ ପ୍ଲାଣ୍ଟ ଚଳାଉଥିବା ସଂସ୍ଥା ଉପରେ ନ୍ୟସ୍ତ କରାଯାଇଛି। ଏପରି କି ଦୁର୍ଘଟଣା ହେଲେ କ୍ଷତିପୂରଣର ସୀମା ମଧ୍ୟ ନିର୍ଦ୍ଧାରିତ କରାଯାଇଛି। ସରକାର କହୁଛନ୍ତି ଯେ ଏହା ଅନ୍ତର୍ଜାତୀୟ ନିୟମ ସହ ତାଳମେଳ ରଖିବ ଏବଂ ନିବେଶକଙ୍କୁ ଆକୃଷ୍ଟ କରିବ; କିନ୍ତୁ ସମାଲୋଚକମାନଙ୍କ ମତରେ ଲାଭ କମ୍ପାନୀ ନେବ ମାତ୍ର ବିପଦ ବେଳେ ଦାୟିତ୍ୱ କମିଯିବ, ଏଭଳି ବ୍ୟବସ୍ଥା ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି କରିବା ସ୍ୱାଭାବିକ।

ଏହା ବ୍ୟତୀତ, ଏତେ ସମ୍ବେଦନଶୀଳ ବିଷୟ ଉପରେ ବିନା ବିସ୍ତୃତ ଆଲୋଚନାରେ ଆଇନ ପ୍ରଣୟନ କରିବା ଗଣତାନ୍ତ୍ରିକ ପ୍ରକ୍ରିୟା ପାଇଁ ଶୁଭଙ୍କର ନୁହେଁ। ପରମାଣୁ ଶକ୍ତି ସହ ଜନସାଧାରଣଙ୍କ ସୁରକ୍ଷା, ଦୀର୍ଘମିଆଦୀ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ଭବିଷ୍ୟତ ପିଢ଼ିର ସ୍ୱାର୍ଥ ଜଡ଼ିତ। ଏଭଳି କ୍ଷେତ୍ରରେ କେବଳ ବ୍ୟାବସାୟିକ ସୁବିଧା ଦେଖିଲେ ହେବନାହିଁ, ବରଂ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ରହିବା ଆବଶ୍ୟକ। ‘ଶାନ୍ତି’ ବିଲ୍ ଏବେ କେବଳ ଏକ ଆଇନ ନୁହେଁ, ବରଂ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ। ତେଣୁ ପରମାଣୁ ଶକ୍ତି ନିୟାମକ ବୋର୍ଡକୁ ବାସ୍ତବିକ ସ୍ୱାଧୀନତା ଦରକାର ଏବଂ ଦୁର୍ଘଟଣା ସମୟରେ ଉପଯୁକ୍ତ କ୍ଷତିପୂରଣ ବ୍ୟବସ୍ଥା ନିହାତି ଜରୁରୀ। ଭାରତରେ ପରମାଣୁ ଶକ୍ତିର ଶାନ୍ତିପୂର୍ଣ୍ଣ ବ୍ୟବହାରର ଭବିଷ୍ୟତ କେବଳ କେତେ ମେଗାୱାଟ୍ ବିଜୁଳି ଉତ୍ପାଦନ ହେଲା ତାହା ଉପରେ ନିର୍ଭର କରେନାହିଁ; ବରଂ ସରକାର କିପରି ସୁରକ୍ଷାକୁ ଅଗ୍ରାଧିକାର ଦେଇ ଲୋକଙ୍କ ବିଶ୍ୱାସ ଜିତୁଛନ୍ତି, ତାହା ଉପରେ ନିର୍ଭର କରେ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ
## ବିଶ୍ୱରୂପ ଦର୍ଶନ

ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀଙ୍କ ଅନ୍ୟ ଏକ ପୁସ୍ତକ ‘ବିଶ୍ୱରୂପ ଦର୍ଶନ’ ଆଜିଠାରୁ ପାଠକମାନେ ପଢ଼ିବାକୁ ପାଇବେ ...



**ବିପ୍ଳବ**

ଜଗତରେ ଆଜି ବିପ୍ଳବର ଝଡ ମୁଁ ବଡ ମୁଁ ବଡ
କା ଆଖିରେ ଦିଶୁ ନାହିଁ ଝରିଯାଏ କେଉଁଭଳି
ଗରିବର ରକ୍ତ, ମାଂସ ହାଡ

ଜଗତରେ ଆଜି ଖାଲି ବିପ୍ଳବର ଝଡ । ୧ ।
ଜୀବ ଅଭ୍ୟନ୍ତରେ ଆତ୍ମା କାନ୍ଦୁଛି, ବାହାରେ ପଦବୀ ଝଡ
କିଏ କହେ ମନ୍ତ୍ରୀ, କିଏ କହେ ରାଜା
କିଏ କହେ ମୁହିଁ ଆଇ.ଏ.ଏସ୍ ଅଫିସର ।
ଥରେ କିଏ ଦେଖୁଛକି ଗରିବର, ଶୁଖିଲା ପେଟର ଝଡ
ଜଗତରେ ଆଜିଖାଲି ବିପ୍ଳବର ଝଡ । ୨ ।
କିଏ କହେ ନେତା କିଏ କହେ ଭୋକ୍ତା
କିଏ କହେ ଶ୍ରୋତା ବଡ
କିଏ କହେ ଗୁରୁ କିଏ କହେ ଚେଲା
ଆମେତ ଜଗତେ ବଡ
ଥରେ କିଏ ଦେଖୁଛକି ଗରିବର, ଶୁଖିଲା ପେଟର ଝଡ
ଜଗତରେ ଆଜିଖାଲି ବିପ୍ଳବର ଝଡ । ୩ ।
ସବୁ ଛଦ୍ମ ବେଶୀ ଅନ୍ତରେ କପଟ
ବାହାରେ ପଦବୀ ତୋଡ
ଲୋଭ ମୋହ ମାୟା ସ୍ୱାର୍ଥ ପରକାୟା
କଥା କହି କହି ବଡ
ଥରେ କିଏ ଦେଖୁଛକି ଗରିବର, ଶୁଖିଲା ପେଟର ଝଡ
ଜଗତରେ ଆଜି ଖାଲି ବିପ୍ଳବର ଝଡ । ୪ ।
ଏ ମାଟି ମାଆର ସନ୍ତାନ ସଭିଏଁ
କେହି ନୁହେଁ ସାନ ବଡ
ଅନ୍ତରର ଆତ୍ମା ଏକ ପରମାତ୍ମା
ସେହିତ ଜଗତେ ବଡ
ସ୍ୱାର୍ଥ ଛାଡି ଦେଖିଚକି ଗରିବର, ଶୁଖିଲା ପେଟର ଝଡ । ୫ ।
ଶାନ୍ତ ହେବ ନିଶ୍ଚେ ବିପ୍ଳବର ଝଡ
ନାଚିବ ଗରିବ ହାଡ
ସବୁ ଅହଙ୍କାର ଗର୍ବ ଭାଙ୍ଗିଯିବ
ଜାଗିବ ଅହିଂସା ଝଡ
ନଥିବ ପଦ ପଦବୀ, ହଜିଯିବ ଜଗତରୁ ମୁଁ ବଡ ଝଡ
ଜଗତ ହସି ଉଠିବ ଦେଖି ସମଭାବ
ଜଗତରେ ଆଜିଖାଲି ବିପ୍ଳବର ଝଡ । ୬ ।

# ଗଣମାଧ୍ୟମର ଭୂମିକା



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ଗଣମାଧ୍ୟମକୁ ଭାରତୀୟ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବରେ କେତେକ ବିବେଚନା କରିଥାନ୍ତି। ମାତ୍ର ସେପରି କହିବାରେ ବହୁ ତ୍ରୁଟି ରହିଛି। କେତେକ ଏପରି କହିବାବେଳେ ଚିନ୍ତା କରନ୍ତି ନାହିଁ ଯେ ସେପରି କହିବାରେ କେତେଟା ସଠିକତା ରହିଛି। ଗଣତନ୍ତ୍ରର ସ୍ତମ୍ଭ ରୂପେ ବିବେଚିତ ହୋଇଥାନ୍ତି ବ୍ୟବସ୍ଥାପିକା, ଶାସନ ପରିଚାଳନା ଓ ନ୍ୟାୟପାଳିକା। ବିଶେଷ ଭାବେ ଶାସନ ପରିଚାଳନାର ତ୍ରୁଟି ବା ବିଚ୍ୟୁତି କେଉଁଠି ରହିଲା ବା ରହିଯାଉଛି ତାହାସବୁ ଲୋକଲୋଚନକୁ ଆଣିବା ସହ ବ୍ୟବସ୍ଥା ସଭାରେ ବିଲ୍ ପାସ୍ ଓ ଅବ୍ୟବସ୍ଥା ସମ୍ପର୍କୀୟ ଖବର ପ୍ରକାଶ ପାଇବା ବ୍ୟତୀତ ଆଉ କିଛି ହୁଏନାହିଁ। ନ୍ୟାୟପାଳିକା ପରିଚାଳନା ତ୍ରୁଟି ସମ୍ପର୍କରେ ପଦେ ହେଲେ ଲେଖା କେହି ପ୍ରକାଶ କରନ୍ତି ନାହିଁ। ସମ୍ମାନୀୟ ଧରିତ୍ରୀ ସମ୍ପାଦକ ତଥାଗତ ଶତପଥି କେତେବର୍ଷ ତଳେ ନ୍ୟାୟପାଳିକା ସମ୍ପର୍କୀୟ ସ୍ୱର ଉତ୍ତୋଳନ କରିଥିଲେ। ଏହା ଥିଲା ତାଙ୍କର ବ୍ୟକ୍ତିଗତ ସାହସିକତା। ସ୍ୱୀକୃତି ପାଇଥିବା ଉପର ଆଲୋଚ୍ୟ ତିନିଗୋଟି ବିଭାଗ କେବଳ ସମ୍ବିଧାନର ସ୍ୱୀକୃତିପ୍ରାପ୍ତ ଆଇନଦ୍ୱାରା ପରିଚାଳିତ। ମାତ୍ର ଗଣମାଧ୍ୟମଗୁଡ଼ିକ ସେପରି ଆଇନର ସୀମାବଦ୍ଧ ନୁହନ୍ତି।

ଗଣମାଧ୍ୟମ ପୁରାଣ କାଳରୁ ରହିଆସିଛି। ପୁରାଣର ନାରଦ(ନାର-ମନୁଷ୍ୟ ସମୂହ-ଦା-ଅ, ଯେ ଉପଦେଶ ଦିଅନ୍ତି, ନାର=ଜ୍ଞାନ-ଦା-ଅ, ଯେ ଆତ୍ମଜ୍ଞାନ ଦିଅନ୍ତି)ଙ୍କୁ ଏହି ମାଧ୍ୟମର ସ୍ରଷ୍ଟା ବୋଲି ବିଚାର କରାଯାଇଥାଏ। ଯଦି ଏପରି, ନାରଦ ଶବ୍ଦର ଗୁରୁତ୍ୱ କେତେ ରହିଛି ତାହା ସହଜେ ଅନୁମେୟ। ନାରଦଙ୍କୁ ଯଦି ଗଣମାଧ୍ୟମର ସ୍ରଷ୍ଟା ବା ପିତାମହ ଭାବେ ବିବେଚନା କରାଯାଏ ତେବେ ସେପରି ମାଧ୍ୟମର ସ୍ଥିତି କ’ଣ ତାହା ସହଜରେ ଆକଳନ କରିହୁଏ। ତେଣୁ ଗଣମାଧ୍ୟମର ଗୁରୁତ୍ୱ ତଥା ସେଥି ସହ ସଂଶ୍ଳିଷ୍ଟ ବ୍ୟକ୍ତି ବା ସମୂହ ସମାଜର କେତେ ଆଦରଣୀୟ ତାହା ସେପରି ଆଲୋଚନାରୁ ହିଁ ଜଣାପଡ଼େ।

ଶ୍ରୀମଦ୍‌ଭାଗବତ ମହାପୁରାଣରୁ ଜଣାଯାଏ ଯେ ମଗଧସମ୍ରାଟ ଜରାସନ୍ଧକୁ ମାରିଦେବା ପରେ ଭଗବାନ ଶ୍ରୀକୃଷ୍ଣ ସେଠାରେ ବନ୍ଦୀ ହୋଇ ରହିଥିବା ୧୬ହଜାର ରାଜକନ୍ୟାମାନଙ୍କୁ ଉଦ୍ଧାର କରିଥିଲେ। ସେହି ଯୁବତୀ ରାଜକନ୍ୟାମାନଙ୍କୁ ଯେତେବେଳେ ନିଜ ରାଜ୍ୟକୁ ପଠାଇଦେବାକୁ ସ୍ଥିର ହେଲା ସେମାନଙ୍କର ଉକ୍ତି ଥିଲା ଯେ ଜରାସନ୍ଧଦ୍ୱାରା କବଳିତ ହୋଇଥିବାରୁ ସେମାନେ ସମାଜଚ୍ୟୁତା ଭାବେ ବିବେଚିତା। ନିଜ ରାଜ୍ୟକୁ ଫେରିଯିବା ପରେ ସେଠାର ସମାଜ ସେମାନଙ୍କୁ ଗ୍ରହଣ କରିବ ନାହିଁ। ଏପରି ପ୍ରଶ୍ନର ଉତ୍ତର ଥିଲା ଅତି କଠିନ। ଏହି ପ୍ରଶ୍ନର ସମାଧାନ ପାଇଁ ରାଜକନ୍ୟାମାନେ ଶ୍ରୀକୃଷ୍ଣଙ୍କୁ ବିବାହ କରିବା ନିମନ୍ତେ ପ୍ରସ୍ତାବ ଦେଲେ। ଶ୍ରୀକୃଷ୍ଣଙ୍କ ରୂପରେ ସେମାନେ ଏପରି ମୋହିତ ହୋଇଯାଇଥିଲେ ଯେ ତାଙ୍କ ବ୍ୟତୀତ ସଂସାରରେ ଅନ୍ୟ କେହି ସେମାନଙ୍କ ପାଇଁ ସମକକ୍ଷ ବର ନାହାନ୍ତି ବୋଲି ଭାବି ନେଇଥିଲେ। ରାଜଲଳନାମାନଙ୍କର ଏପରି ଯୁକ୍ତିରେ ସମ୍ମତି ଦେଲେ ଭଗବାନ ଶ୍ରୀକୃଷ୍ଣ। ଦ୍ୱାରକାରେ ସେମାନଙ୍କର ରହିବା ପାଇଁ ବି ସମସ୍ତ ବ୍ୟବସ୍ଥା କରିଦିଆଗଲା।

ଏପରି ନିଷ୍ପତ୍ତିରେ ନାରଦ ସ୍ତବ୍ଧ ହୋଇଗଲେ। ଏତେ ସଂଖ୍ୟକ ରାଜକୁମାରୀ ଶ୍ରୀକୃଷ୍ଣଙ୍କର ରାଣୀ ହୋଇ କିପରି ଅଛନ୍ତି ତାହା ଦେଖିବା ନିମନ୍ତେ ସେ ଦ୍ୱାରକାରେ ପହଞ୍ଚିଗଲେ। ନାରଦ ଥିଲେ ବ୍ରହ୍ମଜ୍ଞାନୀ। ମାତ୍ର ଶ୍ରୀକୃଷ୍ଣଙ୍କ ମାୟା ବୁଝିବା ତାଙ୍କ ପକ୍ଷରେ ଥିଲା ବହୁ କଷ୍ଟ। ଦ୍ୱାରକା ନଗରୀରେ ପହଞ୍ଚି ସେ ନବ ବିବାହିତା ରାଜରମଣୀମାନଙ୍କୁ ଦେଖିବାକୁ ଗଲେ। ସେ ଦେଖିଲେ ଯେ ସେମାନେ ରହିଥିବା ପ୍ରତି ରାଜପୁର ଥିଲା ବେଶ୍ ସୁଦୃଶ୍ୟ। ପ୍ରତ୍ୟେକରେ ଭଗବାନ ଶ୍ରୀକୃଷ୍ଣ ନବବିବାହିତାମାନଙ୍କ ସହ ରହୁଥିଲେ। ଗୃହସ୍ଥମାନଙ୍କ ଭଳି ପ୍ରତିଟି ପୁରରେ ଥିଲା ତାଙ୍କର ଅବସ୍ଥାନ। କେଉଁଠି ସେ ସେମାନଙ୍କ ସହ କେଳିରତ ତ ଅନ୍ୟ କେଉଁଠାରେ ସନ୍ତାନମାନଙ୍କର ଯତ୍ନ ନେଉଛନ୍ତି। କେଉଁଠାରେ ଗୋପାଳନରେ ବ୍ୟସ୍ତ ରହିଛନ୍ତି ତ ଅନ୍ୟ କେଉଁଠି ଗୃହର ବିଭିନ୍ନ କାର୍ଯ୍ୟ କରୁଛନ୍ତି। ଏହିପରି ପ୍ରତି ନବ ବିବାହିତା ରାଣୀମାନଙ୍କ ପୁରରେ ଶ୍ରୀକୃଷ୍ଣଙ୍କର ଅଦ୍ଭୁତ ଅବସ୍ଥିତିକୁ ସେ ଅନୁଭବ କଲେ। ଷୋଳ ସହସ୍ର ରାଣୀମାନଙ୍କର ରହିଥିବା ପ୍ରତି ପୁରରେ ପ୍ରଭୁଙ୍କର ଅବସ୍ଥାନ ଦେଖି ନାରଦ ହତଚକିତ ହୋଇପଡ଼ିଲେ। ଶେଷରେ ସେ ମାତା ରୁକ୍ମିଣୀଙ୍କ ପୁରକୁ ଆସିଲେ। ସେଠାରେ ଉଭୟେ ଶ୍ରୀକୃଷ୍ଣ ଓ ମାତା ରୁକ୍ମିଣୀ ନାରଦଙ୍କୁ ଦ୍ୱାରରୁ ପାଛୋଟି ନେବାସହ ପ୍ରଥମେ ନମସ୍କାର କରି ପଚାରିଲେ “ହେ ବ୍ରାହ୍ମଣ ଦେବତା ! ଆଜି ଦ୍ୱାରାବତୀ ପୁରରେ କ’ଣ ଦେଖିଲେ ? ହତଚକିତ ନାରଦ କେବଳ ବିସ୍ମୟରେ ପ୍ରଭୁ ଓ ମାତାଙ୍କୁ ଚାହିଁ ରହିଥିଲେ। ଆଉ ତାଙ୍କ ଚକ୍ଷୁରୁ ବହିଯାଉଥିଲା ଅବାରିତ ଅଶ୍ରୁଧାର। ଶ୍ରୀକୃଷ୍ଣ ତାଙ୍କୁ କହିଥିଲେ ମୁଁ ପ୍ରତ୍ୟହ ଉପଯୁକ୍ତ ବ୍ରାହ୍ମଣଙ୍କୁ ଦେଖିଲେ ପ୍ରଥମେ ପ୍ରଣାମ କରିଥାଏ। ପ୍ରତ୍ୟେକ ଜୀବଜଗତରେ ତୁମେ ମୋର ସ୍ଥିତି ଉପଲବ୍ଧ କରିଥିବାରୁ ତୁମେ ହିଁ ଶ୍ରେଷ୍ଠ ବ୍ରାହ୍ମଣ। ଏହାପରେ ପ୍ରଭୁ ଓ ମାତାଙ୍କଠାରୁ ଅଶ୍ରୁପ୍ଳୁତ ନୟନରେ ବିଦାୟ ନେଇ ନାରଦ ଅନ୍ୟତ୍ର ଚାଲିଗଲେ।

ପୁରାଣର ଏହି ଗପଟିରୁ ଜଣାଯାଏ ଯେ ନାରଦ ବ୍ରହ୍ମଜ୍ଞାନୀ ଥାଇ ମଧ୍ୟ ଶ୍ରୀକୃଷ୍ଣଙ୍କ ଅନନ୍ତଲୀଳାକୁ ସହଜରେ ବୁଝି ପାରିନଥିଲେ। ତାଙ୍କ ମନରେ ସନ୍ଦେହ ହେବାରୁ ସେ ପ୍ରକୃତ କଥା ଜାଣିବା ନିମନ୍ତେ ଦ୍ୱାରାବତୀ ପୁରରେ ପହଞ୍ଚି ନିଜର ଆତ୍ମସନ୍ତୋଷ ନିମନ୍ତେ ଘୂରି ବୁଲୁଥିଲେ। ଶ୍ରୀକୃଷ୍ଣଙ୍କର ଅବସ୍ଥାନ ପ୍ରତ୍ୟେକରେ ଥିବାର ଜାଣି ମଧ୍ୟ ତାଙ୍କୁ ସେ ଭେଟିଛନ୍ତି। ତାହାପରେ ଜାଣିଗଲେ ଯେ ସେ କିଏ ? ତେଣୁ ପ୍ରତ୍ୟେକ ଜୀବ ଓ ଜଡ଼ଜଗତରେ ବ୍ରହ୍ମଙ୍କର ସତ୍ତା ଯେଉଁମାନେ ଜାଣିପାରିଛନ୍ତି ସେହିମାନେ ହିଁ ପ୍ରକୃତ ବ୍ରାହ୍ମଣ ଓ ତାଙ୍କୁ ହିଁ ଶ୍ରୀକୃଷ୍ଣ ପ୍ରତ୍ୟହ ପ୍ରତ୍ୟୁଷରୁ ପ୍ରଣାମ କରିଥାନ୍ତି। ଅର୍ଥାତ ନାରଦ ବ୍ରହ୍ମଙ୍କର ସ୍ଥିତିକୁ ଠିକ୍ ବୁଝିପାରିଥିଲେ। ତେଣୁ ସତ୍ୟ, ନ୍ୟାୟ ଓ ଧର୍ମ ନିକଟରେ ଶ୍ରୀକୃଷ୍ଣ ହିଁ ମୁଣ୍ଡ ନୁଆଁଇ ଦିଅନ୍ତି ଓ ସେ ନିଜେ ହିଁ ହେଉଛନ୍ତି ତାହାର ପ୍ରତୀକ। ବ୍ରହ୍ମଜ୍ଞାନୀ ନାରଦଙ୍କୁ ଗଣମାଧ୍ୟମର ସ୍ରଷ୍ଟା ବୋଲି ଯଦି କୁହାଯାଏ ତେବେ ତାହା ଯଥାର୍ଥ। ପ୍ରତ୍ୟେକ ସେପରି ବାଟରେ ଚାଲିଲେ ତାଙ୍କର ଉପଯୁକ୍ତ ଦାୟାଦ ହୋଇପାରିବେ। ସତ୍ୟ, ନ୍ୟାୟ ଉପରେ ସମ୍ବାଦମାନ ଲେଖିଲେ ସାମୟିକ କ୍ଷତି ହୋଇପାରେ। ମାତ୍ର ତାହା ହିଁ ସାମ୍ବାଦିକତାର ପରମ କର୍ତ୍ତବ୍ୟ। ଗଣମାଧ୍ୟମର ମାଲିକମାନଙ୍କର ଇଙ୍ଗିତରେ ସାମ୍ବାଦିକମାନେ ଲେଖନୀ ଚାଳନା କରିଥାନ୍ତି। ଯଦି ସେମାନେ ସମ୍ବାଦପତ୍ରଟିଏ ପରିଚାଳନା କରୁଛନ୍ତି ତେବେ ସର୍ବଦା ତାହା ସତ୍ୟ ଉପରେ ଆଧାରିତ ହେବା ବିଧେୟ। ଯାହା ପଛରେ ଭଗବାନଙ୍କର ଆଶୀର୍ବାଦ ସର୍ବଦା ରହିଥାଏ। କେତୋଟି କ୍ଷୁଦ୍ର ଆଲୋଚନାରୁ ବର୍ତ୍ତମାନର ଗଣମାଧ୍ୟମଦ୍ୱାରା କିଭଳି ସାମାଜିକ ସମସ୍ୟାମାନ ସୃଷ୍ଟି ହେଉଛି ସେ ସମ୍ପର୍କୀୟ କେତେକ ଝଲକ ନିମ୍ନରେ ଆଲୋଚିତ ହୋଇଛି।

(କ) ବର୍ତ୍ତମାନ ଯେଉଁ ଚିଟ୍‌ଫଣ୍ଡର ହଟ୍ଟଗୋଳ ଚାଲିଛି ତାହାର ପ୍ରଥମ ପ୍ରସାର ହିଁ ଗଣମାଧ୍ୟମ ଜରିଆରେ ହୋଇଥିଲା। ଗଣ ଅର୍ଥାତ୍ ସାଧାରଣ ଜନତାଙ୍କୁ ଆକୃଷ୍ଟ କରିବାକୁ ଏହା ହିଁ ଥାଏ ଉପଯୁକ୍ତ ମାଧ୍ୟମ। ଲୋଭନୀୟ ସୁଧ ବା ଦ୍ୱିଗୁଣିତ ଅର୍ଥରାଶି ପ୍ରତି ଆକୃଷ୍ଟ ହୋଇ ନିଆଁରେ ପୋକ ପଡ଼ିଲାପରି ଲୋଭାତୁର ବ୍ୟକ୍ତିବିଶେଷ ସେମାନଙ୍କର କବଳରେ ପଡ଼ି ସର୍ବସ୍ୱାନ୍ତ ହୋଇ ଯାଇଥାନ୍ତି। ଟଙ୍କା ଫେରସ୍ତ ନ ମିଳିବାରୁ ସରକାରଙ୍କ ଉପରେ ଦୋଷ ଲଦି ଦେଇଥାନ୍ତି ସତେ ଯେପରି ସରକାର ସମସ୍ତ ପାଇଁ ଦାୟୀ ? ଯେଉଁମାନେ ଏପରି ପ୍ରଲୋଭିତ ହୋଇ ସେମାନଙ୍କ କବଳରେ ଫସିଥାନ୍ତି ସେମାନେ ସତ କହନ୍ତୁ ଯେ ସଂସ୍ଥାଟିର ସ୍ଥିତି କଣ ଅଛି ତାହା ଜାଣିବା ପାଇଁ ପ୍ରଥମରୁ କିଛିଟା ଉଦ୍ୟମ କରିଥାନ୍ତି କି ? ଯଦି ସରକାରଙ୍କ ପାଖକୁ ସେମାନେ ପ୍ରଥମରୁ ଆସିଥାନ୍ତେ ଏହିଭଳି ଦୟନୀୟ ପରିସ୍ଥିତି ଆଦୌ ଉପୁଜି ନଥାନ୍ତା। ପ୍ରଥମରୁ ହିଁ ଏଥିରେ ଗଣମାଧ୍ୟମମାନଙ୍କର ମଧ୍ୟ ଦୋଷ ରହିଥାଏ। ଯଦି ଜଣେ କେହି ସେପରି ଲୋଭନୀୟ ବିଜ୍ଞାପନ ଛପାଇବାକୁ ଆସିଲା ତେବେ ତାହାର ସତ୍ୟତା କେତେ ଅଛି ତାହା ସମ୍ପୃକ୍ତ ବିଭାଗଠାରୁ ପ୍ରଥମେ ବୁଝିବାକୁ ହୋଇଥାନ୍ତା ବା ବିଜ୍ଞାପନଦାତାଙ୍କୁ ସେ ସମ୍ପର୍କୀୟ ସଠିକ୍ ସାର୍ଟିଫିକେଟ୍‌ର ନକଲ ବା ଆଫିଡେଭିଟ୍ ଦାଖଲ କରିବାକୁ ବାଧ୍ୟ କରିପାରନ୍ତେ। ତେଣୁ ଲୋଭନୀୟ ବିଜ୍ଞାପନ ଛପାଇ କେବଳ ଅର୍ଥ ଉପାର୍ଜନ କରିବା ସମ୍ବାଦପତ୍ରର ଧର୍ମ ନହେଉ। ଏହା ସହିତ ବହୁ କମ୍ପାନୀର ଛୋଟ ବିଜ୍ଞାପନମାନ ମଧ୍ୟ ସମ୍ବାଦପତ୍ରମାନଙ୍କର ଗୋଟାଏ ପୂରା ପୃଷ୍ଠାମଣ୍ଡନ କରି ପ୍ରତ୍ୟହ ପ୍ରକାଶ ପାଉଛି। ମୁଁ ଯାହାଜାଣିଛି ପ୍ରକାଶ ପାଇଥିବା ବା ପାଉଥିବା କେତେକ ଆକର୍ଷଣୀୟ ବିଜ୍ଞାପନମାନଙ୍କର ସତ୍ୟତା ଆଦୌ ନଥାଏ। ମାତ୍ର ଲୋକମାନେ ସେଥିପ୍ରତି ଆକର୍ଷିତ ହୋଇ ସେହି ଠକମାନଙ୍କ ହାବୁଡ଼ରେ ପଡ଼ିଯାଉଛନ୍ତି। ତାହାପରେ ଆନ୍ଦୋଳନ, ମକଦ୍ଦମା, କମିଶନ ବସାଇବା ଇତ୍ୟାଦି ଆରମ୍ଭ ହୋଇଥାଏ।

(ଖ) ପୁଣି ପୋଲିସଦ୍ୱାରା ଧରାଯାଉଥିବା ଗଣିକାମାନଙ୍କର ସମସ୍ୟା ଆଲୋଚନାକୁ ଆସିପାରେ। ପୋଲିସ ସଂସ୍ଥାଦ୍ୱାରା ବିଭିନ୍ନ ପାର୍ଲର ସମେତ ସେମାନଙ୍କର ଆଖଡ଼ାମାନଙ୍କ ଉପରେ ପ୍ରତ୍ୟହ ଚଢ଼ାଉ ହେଉଛି ବହୁ ଗଣିକାମାନଙ୍କ ସହ ସେମାନଙ୍କର ଗ୍ରାହକମାନେ ଧରା ପଡୁଛନ୍ତି। କେତେକ ସମ୍ବାଦପତ୍ରର ପ୍ରତିନିଧିମାନେ ସହରାଞ୍ଚଳମାନଙ୍କରେ ବହୁ ରାତ୍ରୀରେ ସେମାନଙ୍କ କାରନାମାକୁ ଠାବ କରି ନିଜର ଅଙ୍ଗେଲିଭା କଥାର ସମ୍ବାଦମାନ ବି ପ୍ରକାଶ କରୁଛନ୍ତି। ଏହା ଅବଶ୍ୟ ଉତ୍ତମ କଥା ହୋଇପାରେ। ମାତ୍ର ଯେଉଁ ନାରୀଟି ଏପରି ବୃତ୍ତିକୁ ଆପଣେଇ ନେଇଛି ତାହାର କାରଣ ସମ୍ପର୍କରେ ଲେଖାଟିଏ କେହି ପ୍ରକାଶ କରନ୍ତି କି ? ବହୁ ଅସହାୟ ଝିଅ ନିଜର ପାଠପଢ଼ା, ରୋଗୀଣା ବାପା ମାଙ୍କର ଚିକିତ୍ସା, ଘରେ ଉପାସରେ ରହୁଥିବା ନିଜ ଅକର୍ମଣ୍ୟ ବୃଦ୍ଧ ବାପା, ମା ବା ଭାଇ ଭଉଣୀମାନଙ୍କୁ ଆର୍ଥିକ ସହାୟତା ଦେବାପାଇଁ ଏହିସବୁ ନୀଚ କାମକୁ ଆଦରି ନେଇଥାନ୍ତି। ଭାବନ୍ତୁ ତ କୌଣସି ନାରୀ ଏହିଭଳି କାର୍ଯ୍ୟ କରିବାକୁ ସହଜରେ ଆଗେଇ ଆସିବ କି ? ସେମାନେ ବି ଜାଣିଥାନ୍ତି ଏପରି ଦେହ ଦାନରେ ଏଡ୍‌ସ, ଗନେରିଆ, ସିଫଲିସ୍ ଭଳି ଭୟଙ୍କର ରୋଗମାନ ସୃଷ୍ଟି ହେବାର ସମ୍ଭାବନା ରହିଛି। ତଥାପି ସେମାନେ ନାଚାର। ଏହିଭଳି ଯେଉଁମାନେ ପୋଲିସ୍‌ଦ୍ୱାରା ଧରାପଡ଼ିଛନ୍ତି ବା ପଡୁଛନ୍ତି ସେମାନଙ୍କର ଆର୍ଥିକ ସହାୟତା ବା ସୁଧାର ନିମନ୍ତେ କେବେହେଲେ ସରକାର ବା କୌଣସି ସାମାଜିକ ସଙ୍ଗଠନ ଆଗେଇ ଆସିଛନ୍ତି କି ? ସେଥିପାଇଁ ଜନ ସଚେତନତା ସୃଷ୍ଟି କରିବା ହେଉଛି ଗଣମାଧ୍ୟମମାନଙ୍କର କାର୍ଯ୍ୟ। ସେମାନଙ୍କର ମୁହଁଘୋଡ଼ା ଫଟୋ ସହ ସମ୍ବାଦଟିଏ ପ୍ରକାଶ କରିଦେଲେ ସମ୍ଭବତଃ କାର୍ଯ୍ୟ ଶେଷ ହୋଇଗଲା ବୋଲି ଯଦି ଧରିନିଆଯାଏ ତେବେ ତାହା ଆଦୌ ମାନବିକତାର ପରିଚୟ ଦିଏନାହିଁ ବୋଲି କହିବାକୁ ହେବ।

(ଗ) ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ଲକ୍ଷ୍ମଣ ନାୟକ, ରଘୁ ଓ ଦିବାକରଙ୍କୁ ଫାଶୀ ଦିଆଯାଇଥିଲା। ସେମାନଙ୍କ ନିମନ୍ତେ ପ୍ରତିବର୍ଷରେ ପାଳିତ ସ୍ମୃତି ଦିବସରେ ନାହିଁ ନଥିବା ସରକାରୀ ଆୟୋଜନ ହେଉଥିବାର ଦେଖାଯାଏ। ନିକଟରେ ପାଳିତ ହୋଇଯାଇଥିବା ସହିଦ୍ ଲକ୍ଷ୍ମଣ ନାୟକଙ୍କ ଉଦ୍ଦେଶ୍ୟରେ ଆୟୋଜିତ ସ୍ମୃତି ଉତ୍ସବରେ ପ୍ରାୟ ୧୬ଜଣ ବିଧାୟକ ତଥା ବିଶିଷ୍ଟ ଲୋକମାନଙ୍କ ନାମ ସମ୍ବାଦପତ୍ରମାନଙ୍କର ବିଜ୍ଞାପନରେ ଶୋଭାପାଇଥିଲା। ଲକ୍ଷ୍ମଣ ନାୟକ କିଏ, କେଉଁଥି ପାଇଁ ତାଙ୍କୁ ଫାଶୀ ଦିଆଗଲା, ଫାଶୀ ଦେବାର ଆଦେଶ କିଏ ଦେଇଥିଲା ଓ ରାଜସାକ୍ଷୀ ଭାବେ କେଉଁମାନେ ଥିଲେ ଇତ୍ୟାଦି ପଚାରିଲେ ସେମାନଙ୍କ ଭିତରୁ ବହୁ ଲୋକ ତାହା କହିପାରିବେ ନାହିଁ। ଯେଉଁମାନେ ଫାଶୀ ଦଣ୍ଡ ଦିଆଇଥିଲେ ସ୍ୱାଧୀନତା ପରେ ସେହିମାନେ ହିଁ ଦେଶ ଶାସନରେ ବହୁବର୍ଷ ରହି ଉଚ୍ଚ ସରକାରୀ ପଦବୀମାନଙ୍କରେ ଅବସ୍ଥାପିତ ହୋଇଥିଲେ। ଏପରି ବିବାଦୀୟ ବିଷୟକୁ ମୁଁ ତତ୍କାଳୀନ ବହୁ ବରିଷ୍ଠ ନେତୃବର୍ଗଙ୍କୁ କୌତୁହଳ ହେତୁ ପଚାରିଥିଲି। ଅବଶ୍ୟ ମୋର ବୟସ ସେତେବେଳେ ଯଥେଷ୍ଟ କମ୍ ଥିଲା। ଅର୍ଥାତ୍ ମୁଁ ଥିଲି ବିଦ୍ୟାଳୟର ଜଣେ ଛାତ୍ର। ମାତ୍ର ସେମାନଙ୍କଠାରୁ କୌଣସି ସନ୍ତୋଷଜନକ ଉତ୍ତର ସେତେବେଳେ ପାଇନଥିଲି। ଗଣମାଧ୍ୟମମାନେ ବି ସେହି କୃତଘ୍ନମାନଙ୍କ ବିଷୟରେ କିଛି ଲେଖନ୍ତି ନାହିଁ। ହୁଏତ ସେପରି ଜନସଚେତନତା ସୃଷ୍ଟି ହୋଇଥିଲେ ସେହି ନରହନ୍ତାକାରୀମାନଙ୍କ ଜୀବନର ଗତିପଥ ନିଶ୍ଚିତ ଭାବରେ ବଦଳି ଯାଇଥାନ୍ତା। ପୁଣି ଏପରି ହୋଇଥିଲେ ଜନଚେତନା ସୃଷ୍ଟି ହେବାସହ ଅନ୍ୟାୟ ବିରୁଦ୍ଧରେ ପ୍ରତ୍ୟେକ ସ୍ୱର ଉତ୍ତୋଳନ କରିବାକୁ ସମର୍ଥ ହୋଇପାରିଥାନ୍ତେ ଓ ଭବିଷ୍ୟତ ବଂଶଧରମାନଙ୍କ ମଧ୍ୟରୁ କେହି ଏପରି କରିବାକୁ ସାହସ କରନ୍ତେ ନାହିଁ। ଜାତିର ସମ୍ମାନ ପାଇଁ ଗଣଚେତନାକୁ ଉଦ୍‌ଜୀବିତ ନକରି ଚପାଇଦେଲେ ଦେଶରେ ସେହିଭଳି ଜନମତ ଆଦୌ ସୃଷ୍ଟି ହୋଇପାରିବ ନାହିଁ। ହୁଏତ ଫାଶୀ ପାଇଥିବା ସେହି ସହୀଦମାନଙ୍କର ସ୍ମୃତି ଉତ୍ସବମାନ ଆମ୍ଭେମାନେ ଆଡ଼ମ୍ବର ସହିତ ପାଳନ କରିଚାଲିଛେ।

ରାଜନୈତିକ ଦଳମାନଙ୍କର ବାକ୍‌ଯୁଦ୍ଧ ହିଁ ବର୍ତ୍ତମାନ ଗଣମାଧ୍ୟମର ସର୍ବସ୍ୱ ହୋଇଯାଇଛି। ଦଳୀୟ ମୁଖପାତ୍ରମାନଙ୍କର ବାକ୍‌ପଟୁତା, ନେତାମାନଙ୍କର ସ୍ୱର୍ଦ୍ଧିତ ମତ ତଥା ପରସ୍ପର ପ୍ରତି ଆକ୍ରୋଶମୂଳକ ବିବୃତିମାନଙ୍କୁ ନେଇ ବିଦ୍ୟୁତ୍ ଗଣମାଧ୍ୟମମାନେ ବେଶ୍ ପ୍ରଚାର କରିଚାଲିଛନ୍ତି। ଯେଉଁମାନେ ସମାଜରେ ଗତକାଲି ଅଲୋଡ଼ା ହୋଇ ରହିଯାଇଥିଲେ ବା ସେମାନଙ୍କ କଥାକୁ କେହି ଗୁରୁତ୍ୱ ଦେଉନଥିଲେ ସେମାନେ ଆଜି ବେଶ୍ ମର୍ଯ୍ୟାଦାଜନକ ସ୍ଥାନରେ ବସି ନିଜର ସୁଦୃଶ୍ୟ ହର୍ମ୍ୟମାନ ତୋଳାଇ ପାରିଛନ୍ତି। କେତେକଙ୍କର ପଛରେ ଏପରି କଳଙ୍କିତ ଇତିହାସ ରହିଛି ଯେ ତାହାସବୁ ପଦାକୁ ନ ଆସି କ୍ରମଶଃ ଲୋକଲୋଚନରୁ ଦୂରେଇ ଯାଉଛି। ଚିଟ୍‌ଫଣ୍ଡ ଭଳି ଠକ କାରବାରରେ ଯେଉଁ ନେତାମାନେ ସମ୍ପୃକ୍ତ ଥିଲେ ବା ଅଛନ୍ତି ସେମାନେ ବି ବିଭିନ୍ନ ସଭାସମିତିକୁ ନିମନ୍ତ୍ରିତ ହୋଇ ମଞ୍ଚ ଉପରେ ବସି ବହୁ ଜ୍ଞାନଗର୍ଭକ ଭାଷଣମାନ ଦେଉଛନ୍ତି ଓ ଗଣମାଧ୍ୟମମାନେ ହିଁ ସେମାନଙ୍କର ସେପରି କଥାକୁ ପ୍ରଚାର କରିଚାଲିଛନ୍ତି। ତେବେ ଏହା କିଭଳି ଗଣଚେତନା ସୃଷ୍ଟି କରିପାରିବ ? ଅବଶ୍ୟ ବିଜ୍ଞ ଓ ପଣ୍ଡିତମାନଙ୍କର କେତୋଟି ଲୋକହିତକର ପ୍ରବନ୍ଧମାନ ଛପା ଗଣମାଧ୍ୟମମାନଙ୍କରେ ପ୍ରକାଶ ପାଇଥାଏ। ଗଣଚେତନା ସୃଷ୍ଟି ହେବାପାଇଁ ପ୍ରତ୍ୟେକ ଗଣମାଧ୍ୟମ ଯଦି ପ୍ରକୃତରେ ଆଗ୍ରହ ପ୍ରକାଶ କରି ଆଗେଇଯାଆନ୍ତେ ତେବେ ତାହା ସମାଜ ପାଇଁ ଯଥେଷ୍ଟ ହିତକର ହୋଇପାରନ୍ତା।

ଯଦି ନାରଦଙ୍କୁ ଗଣମାଧ୍ୟମମାନେ ନିଜର ଆଦର୍ଶ ତଥା ଦାୟାଦ ଭାବେ ଗ୍ରହଣ କରିଥାନ୍ତି ତେବେ ସତ୍ୟ ଓ ନ୍ୟାୟ ମାର୍ଗକୁ ନିଶ୍ଚିତ ଭାବରେ ଆପଣେଇ ନେବାକୁ ଯତ୍ନବାନ ହୁଅନ୍ତୁ। ଗଣମାଧ୍ୟମମାନଙ୍କରେ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷମାନଙ୍କର ସମାଜ ପରିଚାଳନାରେ ଯଥେଷ୍ଟ ଅଭିଜ୍ଞତା ରହିଥାଏ। ଜଣେ ପ୍ରଶାସକର ବୁଦ୍ଧିଠାରୁ ସେମାନେ ବହୁ ଉଚ୍ଚରେ ରହିଥାନ୍ତି। ଗଣଚେତନା ସୃଷ୍ଟି କରିବାରେ ସମାଜ ପ୍ରତି ସେମାନଙ୍କର ଯେଉଁ ଦାୟିତ୍ୱ ରହିଛି ତାହା ସର୍ବଦା ଅଭିନନ୍ଦନୀୟ। ସତ୍ୟ, ନ୍ୟାୟ ଓ ଧର୍ମର ପ୍ରତୀକ ଭଗବାନ ଶ୍ରୀକୃଷ୍ଣଙ୍କର ଆଶୀର୍ବାଦ ସେମାନଙ୍କ ପ୍ରତି ନିଶ୍ଚିତ ରହିବ ବୋଲି ମୋର ବିଶ୍ୱାସ।

# ବିଶ୍ୱ ରାଜନୀତିରେ ଅନିଶ୍ଚୟତା



ମାୟାଧର ନାୟକ
ଯାଜପୁର ରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩

ବିଶ୍ୱ ରାଜନୀତିକୁ ପ୍ରବେଶକରିବା ପୂର୍ବରୁ ଭାରତୀୟ ରାଜନୀତି ସଂପର୍କରେ କିଛି କଥା। ଆମେ ଯଦି ଏଇ କେତେବର୍ଷର ଭାରତର ଇତିହାସକୁ ଲକ୍ଷ୍ୟ କରିବା – ତା’ହେଲେ ଆମ ନେତାମାନଙ୍କର ହୀନମନ୍ୟତା, ତାଙ୍କ ପୂର୍ବସୂରିମାନେ କରିଥିବା ଭୁଲ ଏବଂ ଅକ୍ଷମଣୀୟ କାର୍ଯ୍ୟରୁ କିଛି ଶିଖିବାଭଳି ମନେହେଉନି। ୧୯୭୫ରେ ସେତେବେଳର ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଜରୁରୀକାଳୀନ ପରିସ୍ଥିତି ଘୋଷଣା କଲେ ଜୁନ୍ ୨୬ ତାରିଖରେ। ରାତାରାତି ଦେଶର ଜୟପ୍ରକାଶ ନାରାୟଣଙ୍କ ସମେତ ବହୁ ତୁଙ୍ଗନେତାଙ୍କୁ ବନ୍ଦୀକଲେ। ଆମ ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଗିରଫହୋଇ କଟକ ସେଣ୍ଟ୍ରାଲ ଜେଲରେ ରହିଲେ। ଏ ଅଧୀନ ପରଦିନ ଗିରଫ ହୋଇ ସେଇ ଜେଲକୁ ଆସିଲା। ଜରୁରୀକାଳୀନ ପରିସ୍ଥିତିରେ ଇନ୍ଦିରା ଗାନ୍ଧୀଙ୍କ ସାନପୁତ୍ର ସଞ୍ଜିବ ଗାନ୍ଧୀଙ୍କ ମନମାନି ରାଜୁତି ଚାଲିଲା। କଂଗ୍ରେସଦଳର ମହାମହାନେତା ଯୁବକ ରାଜୀବ ଗାନ୍ଧୀଙ୍କୁ ଭୟ-ଖୋସାମତ କରିବାକୁ ବାଧ ହେଲେ। ଗଣମାଧ୍ୟମ, ଦେଶବାସୀ ଭୟଭୀତ। କିନ୍ତୁ ଭିତରେ ଭିତରେ ‘ନିରବ ବିପ୍ଳବ’ ଚାଲିଲା। ୧୯୭୭ରେ ଜରୁରୀକାଳୀନ ପରିସ୍ଥିତି ଉଠାଇ ସାଧାରଣ ନିର୍ବାଚନ ଘୋଷଣା ହେଲା। ଜୟପ୍ରକାଶ ନାରାୟଣଙ୍କ ନେତୃତ୍ୱରେ ଛ’ଦଳିଆ ମେଣ୍ଟ ଭାରତୀୟ ଜନତା ଦଳ ଗଠନକରି କଂଗ୍ରେସ ବିରୋଧରେ ଲଢିଲେ। ଇନ୍ଦିରା ଗାନ୍ଧୀ ହାରିଗଲେ। ମୋରାରଜୀ ଦେଶାଇଙ୍କ ପ୍ରଧାନମନ୍ତ୍ରୀତ୍ୱରେ ସରକାର ଚାଲିଲା। ସେତେବେଳେ ପୂର୍ବ ଜନସଂଘର ବାଜପେୟୀ, ଆଡଭାନୀ ଦୁଇଜଣ ଜିତି ମନ୍ତ୍ରୀ ହୋଇଗଲେ। ଏଇ ଛ’ଦଳିଆ ନେତାଙ୍କ ମଧ୍ୟରେ ସ୍ୱାର୍ଥ ଅହଂକାର ପାଇଁ ୧୨ ଦଳରେ ବିଭକ୍ତ ହେଲେ। ୧୯୮୦ ମସିହାରେ ସାଧାରଣ ନିର୍ବାଚନ। ପୁଣି ଇନ୍ଦିରା ଗାନ୍ଧୀ ବହୁମତରେ ଜୟଲାଭକରି ପ୍ରଧାନମନ୍ତ୍ରୀ ଗାଦିରେ ବସିଲେ। ସବୁଠ ବେଶି ଦୁଃଖଦାୟକ ହେଲା – ଇନ୍ଦିରା ଗାନ୍ଧୀ କିମ୍ବା ବିରୋଧୀଦଳ ତାଙ୍କ ବିଫଳତାରୁ କିଛି ଶିଖିଲେ ନାହିଁ।

ଇନ୍ଦିରା ଗାନ୍ଧୀ ତାଙ୍କ ୩ୟ ପାଳିରେ ଦେଶବାସୀଙ୍କୁ ସ୍ୱଚ୍ଛ ପିଇବାପାଣି, ସବୁଘରକୁ ବିଜୁଳିଆଲୁଅ ଦେବାପାଇଁ ଘୋଷଣା କଲେ। ଏହି ଘୋଷଣାର ସପ୍ତାହକ ଭିତରେ ବଡ଼ଦୁର୍ନୀତି ମୁଣ୍ଡଟେକିଲା। ବଜେଟର ଅର୍ଥବ୍ୟବସ୍ଥାରେ ପରିବର୍ତ୍ତନକରି ଯେଉଁମାନେ ଇନ୍ଦିରା ଗାନ୍ଧୀ ଯେତେବେଳେ କ୍ଷମତାରେ ନଥିଲେ – ସାହାଯ୍ୟ ସହଯୋଗ କରିଥିଲେ – ସେମାନେ ସବୁ ସୁବିଧାସୁଯୋଗ ପାଇଲେ। ଲଣ୍ଡନରେ ବ୍ୟବସାୟ କରୁଥିବା ବେପାରୀ ସ୍ୱରାଜ ପାଲ, ଅରୁଣ ଭଗତ ରାମ, ରାଜନ ନନ୍ଦା ପ୍ରମୁଖ ଯେଉଁମାନେ ରାଜୀବ ଗାନ୍ଧୀ ଡୁନ୍ ସ୍କୁଲରେ ସହପାଠୀ ଥିଲେ – ସେମାନେ ଏର୍ସକଟ୍ ଓ ଡି.ସି.ଏମ୍.ରେ ଲକ୍ଷଲକ୍ଷ କୋଟି ଡଲାର ଖଟାଇଥିଲେ। ବିଜୁ ପଟ୍ଟନାୟକ ସ୍ୱରାଜ ପାଲକୁ ଆଣି କଳିଙ୍ଗନଗର ଜଖପୁରାରେ ଇସ୍ପାତକାରଖାନା କରିବାପାଇଁ ଦୁଇଟି କଦମ୍ବଗଛ ପୋତି ଶୁଭଦେଲେ। ୧୯୮୦ରୁ ଆଜି ୨୦୨୩ ମସିହା ସେ କଦମ୍ବଗଛ ନାହିଁ କି ସ୍ୱରାଜ ପାଲ ମାଟିରେ ଖୁଣ୍ଟ ପୋତିନି। ସେଇ ୧୯୮୦ ମସିହାରେ ରଂଗିନ୍ ଟିଭିର ପ୍ରଚଳନକରି ୧୯୮୨ ମସିହାରେ ‘ଏସିଆନ୍ ଗେମସ୍’ ଅନ୍ୟାନ୍ୟ ବିଶ୍ୱସଂସ୍ଥାର ପ୍ରଚାରକରାଯାଇ ଇନ୍ଦିରା ଗାନ୍ଧୀଙ୍କୁ ବିଶ୍ୱନେତା ଭାବେ କଂଗ୍ରେସଦଳ ଧୂମ୍ ପ୍ରଚାର କଲେ। କିନ୍ତୁ ଇନ୍ଦିରା ଗାନ୍ଧୀ ଖଲିସ୍ତାନ ଉଗ୍ରବାଦୀଙ୍କୁ ଦମନକରିବା ଫଳରେ ତାଙ୍କର ପତନ ଆରମ୍ଭ ହେଲା। ଶିଖ୍ ସଂପ୍ରଦାୟର ଜଣେ ଦେହରକ୍ଷୀ ଗୁଳିରେ ସବୁଦିନପାଇଁ ଟଳିପଡିଲେ।

୧୯୮୫ରେ ସାଧାରଣ ନିର୍ବାଚନରେ ତାଙ୍କ ବଡ଼ପୁଅ ପାଇଲଟ୍ ରାଜୀବ ଗାନ୍ଧୀ ମା’ ଛେଉଣ୍ଡ ପୁଅ କହି ଭୋଟ୍ ଭିକ୍ଷାକଲେ – ଜିତିଲେ – ପ୍ରଧାନମନ୍ତ୍ରୀ ହୋଇ ସରକାର ଚଳାଇଲେ। ରାଜୀବ ଗାନ୍ଧୀ ମଧ୍ୟ କିଛି ଶିଖିଲେ ନାହିଁ। ଶ୍ରୀଲଙ୍କା ତାମିଲ ସଂପର୍କିତ ଘଟଣାରେ ତାଙ୍କୁ ଗୁଳିକରି ହତ୍ୟାକରାଗଲା। ଏଇ ୧୯୮୫ରୁ ୨୦୧୪ ପର୍ଯ୍ୟନ୍ତ ପି.ଭି. ନରସିଂହ ରାଓ, ମନମୋହନ ସିଂ, ଭି.ପି. ସିଂ, ଆଇ.କେ. ଗୁଜରାଲ, ଦେବଗୌଡା, ଚରଣ ସିଂ, ଅଟଳ ବିହାରୀ ବାଜପେୟୀ ପ୍ରମୁଖ କେତେ ପ୍ରଧାନମନ୍ତ୍ରୀ ଗଲେଣି। ଏବେ ନରେନ୍ଦ୍ର ଦାମୋଦର ମୋଦି ପ୍ରଧାନମନ୍ତ୍ରୀ ଅଛନ୍ତି।

କାଶ୍ମୀରରେ ମାନବାଧିକାର ଉଲ୍ଲଂଘନ, ଉତ୍ତରପ୍ରଦେଶ, ମଣିପୁରରେ ହିଂସା। ଖ୍ରୀଷ୍ଟିୟାନ୍ ପାଦ୍ରି ଓ ଚର୍ଚ୍ଚ ଉପରେ ଆକ୍ରମଣ ଦେଶର ବିଭିନ୍ନସ୍ଥାନରେ ଘଟିଚାଲିଛି। ଆମେରିକା ରାଷ୍ଟ୍ରପତି ବାଇଡେନ୍ ମୋଦିଜୀଙ୍କୁ ଭଲଦୃଷ୍ଟିରେ ଦେଖିବେ କି? ଏଣେ ରୁଷ-ୟୁକ୍ରେନ ଯୁଦ୍ଧ ବର୍ଷାଧିକକାଳ ଚାଲିଛି। ଭାରତ ଡିଜେଲ ପାଇଁ ରୁଷକୁ ବିରୋଧ କରିପାରୁନି କି ମାନବିକତା ଦୃଷ୍ଟିକୋଣରୁ ୟୁକ୍ରେନକୁ ସମର୍ଥନ କରିପାରୁନି। ନିରବ ରହିବା ଅର୍ଥ ଅନ୍ୟାୟକୁ ସମର୍ଥନ କରିବା ନୀତିରେ ଭାରତ ବଡ଼ ଅଡୁଆରେ ପଡିଛି। ଖାଲି ଭାଷଣରେ କାମ ହୁଏନି – କଥା ଓ କାମରେ ଫରକ ରହିଲେ ଇଜ୍ଜତ ରହିବ ତ? ଏବେ ଖାଲି ଧୂମ୍ ପ୍ରଚାର।

ଆପଣମାନଙ୍କର ସ୍ମରଣ ଥିବ – ଆଲେକ୍‌ଜାଣ୍ଡାର ବିଶ୍ୱବିଜୟୀ ହେବାକୁ ଚାହିଁଥିଲେ – ସେ ସବୁଠୁ ବଡ଼ଭିକାରି ହୋଇ ୩୩ବର୍ଷରେ ମରିଗଲେ। ହିଟ୍‌ଲର୍ ପୃଥିବୀର ହିରୋ ହେବାକୁ ଯାଇ ଶେଷରେ ଜିରୋ ହୋଇଗଲେ। ଏଇଭଳି ଗଦାଗଦା ଉଦାହରଣ ଅଛି। ଟାଟା କମ୍ପାନୀ ଆମ ଓଡିଶାରୁ ଲୁହାପଥର, କ୍ରୋମାଇଟ୍ ନେଇ ଜାମସେଦ୍‌ପୁରରେ ୧୯୦୭ରେ ଷ୍ଟିଲପ୍ଲାଣ୍ଟ ଓ ୨୦୦୭ରେ କଳିଙ୍ଗନଗରରେ ଷ୍ଟିଲ୍‌ପ୍ଲାଣ୍ଟ କଲା। ଲୁଣଠୁ ଉଡାଜାହାଜ ବିକି ଧନୀ। କଂଗ୍ରେସ ସରକାରଙ୍କୁ ଏକପ୍ରକାର ଚଳାଉଥିଲା। ଆମ ଓଡିଶାରୁ ଜମି, ଜଳ, ଖଣି ବିଜୁଳିନେଇ ଠକିଦେଲା। ଗୋପାଳପୁରରେ ତା’ଦ୍ୱାରା ନିର୍ମିତ ଡାକ୍ତରଖାନାକୁ ବିକିବାକୁ ଟେଣ୍ଡର ଡାକିଲା। ବର୍ଷବର୍ଷର ଖାତିରି ପାଣିରେ ମିଳେଇଯାଉଛି।

ସବୁଠୁ ବେଶି ଭୟଙ୍କର ଭାବେ ଭାରତ ବିଶ୍ୱଦୁର୍ନୀତିର ନାଗଫାଶରେ ପଡିଯାଇଛି। ବିଶ୍ୱର ଦୁଇନମ୍ବର ଧନୀ ଗୌତମ ଆଦାନୀକୁ ସରକାର ଆଖିବୁଜି ସବୁକିଛି ଠିକାଦାରୀ କାମ ସମର୍ପିଦେଲେ। ଏ ଆଦାନୀ ମହାଶୟ ସବୁବ୍ୟବସାୟରେ ମୁଣ୍ଡପୂରାଇ ବିଜେପି ସରକାରକୁ ଏକପ୍ରକାର ଚଳାଉଥିଲା – ଏବେ ଦାଣ୍ଡର ଭିକାରି ହେବାକୁ ଯାଉଛନ୍ତି। ଆଉ ମୁକେଶ ଅମ୍ବାନୀବାବୁ ପବନ ବିକି ସବୁ ଭାରତୀୟଙ୍କ ଅର୍ଥମୁଣିକୁ କଣା କରିଦେଇଛି। ତାକୁ ବି ସରକାର ସବୁ ସୁବିଧାସୁଯୋଗ ଦେଇଛନ୍ତି। ମୁକେଶ ଅମ୍ବାନୀ ପତ୍ନୀପୁତ୍ରମାନଙ୍କ କଥା ଶୁଣିଲେ ଭାରତର କୋଟିକୋଟି ଜନଗଣ ମୁଣ୍ଡରେ ହାତ ଦେଉଛନ୍ତି। ଅମ୍ବାନୀପତ୍ନୀ ନୀତା ୧୯୦ କୋଟି ଟଙ୍କାର ମୋବାଇଲ ଧରୁଛନ୍ତି। ୪୦୦ କୋଟି ଟଙ୍କାର ହୀରା ଉପହାର ଦେଉଛନ୍ତି। ତାଙ୍କ ଧନପାଖରେ ଚଳଚ୍ଚିତ୍ରଜଗତର ହିରୋହିରୋଇନ୍‌ମାନେ ଲାଇନ୍ ଲଗାଇଛନ୍ତି। ଜଣେ ଧନୀ ହୋଇପାରେ – ସେ ସମାଜକୁ କ’ଣ ଶିକ୍ଷା ଦେଉଛି – ଏତେ ଛଇଛଟକ କାହିଁକି ? ଏବେ ବିଦେଶରେ ତାଙ୍କ ଭିସା ଜାଲପାଇଁ କୋଟିକୋଟିଟଙ୍କା ଜରିମାନା ଦେଇଛନ୍ତି। କେବଳ ଗୌତମ ଆଦାନୀ, ମୁକେଶ ଅମ୍ବାନୀ, ଟାଟା କମ୍ପାନୀ ନୁହେଁ – ଆହୁରି ଅନେକ ଶିଳ୍ପପତି ଲାଭର ଲୋଭରେ ପଡି ସରକାରଙ୍କଠାରୁ ସବୁ ସୁବିଧା ସୁଯୋଗ ନେଇ ଜନଗଣଙ୍କ ସଂପତ୍ତି ରାତିଦିନ ଲୁଟ୍ କରିବାରେ ବ୍ୟସ୍ତ। ଏ ରଙ୍ଗ ସବୁଦିନ ପାଇଁ ରହିବ ତ ?

*Printed & Published by* **Basanti Roy** on behalf of **Integral Publication Pvt. Ltd.**, Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : **Jayasish Roy** E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : **ଜୟାଶୀଷ ରାୟ**

# ଅନ୍‌ଲାଇନରେ ଖାଦ୍ୟ ଅର୍ଡର କରିବା ଅଭ୍ୟାସ କାହିଁକି ବିପଦଜନକ ?

ମୋବାଇଲ୍ ଫୋନ୍‌ରେ ଖାଦ୍ୟ ବିତରଣ ଆପ୍ସ ରହିବା ଏକ ସାଧାରଣ କଥା। ଭୋକ, ଲାଳସା ଏବଂ ମାତ୍ର ଦୁଇ କିମ୍ବା ତିନି କ୍ଲିକ୍ ଦୂରରେ, ଖାଦ୍ୟ ଆପଣଙ୍କ ଦ୍ୱାର ପାଖରେ ପହଞ୍ଚାଯାଏ। ପ୍ରାରମ୍ଭରେ, ଏହି ସୁବିଧା ସୁବିଧାଜନକ ମନେହୁଏ, କିନ୍ତୁ ଧୀରେ ଧୀରେ ଅନେକଙ୍କ ପାଇଁ ଏହା ଏକ ଅଭ୍ୟାସରେ ପରିଣତ ହୋଇଯାଏ। ଏହି ଅଭ୍ୟାସରେ କିଛି ଲୋକ ଏପରି ଭାବେ ନିଶାଗ୍ରସ୍ତ ହୋଇଯାଆନ୍ତି ତାହା ନିଜେ ମଧ୍ୟ ଜାଣିପାରନ୍ତି ନାହିଁ।

ଜଣେ ବ୍ୟକ୍ତି ଖାଦ୍ୟ ବିତରଣ ଆପ୍‌ରୁ ବାରମ୍ବାର ଖାଦ୍ୟ ଅର୍ଡର କରିବାର ତାଙ୍କର ଅଭିଜ୍ଞତା ସେୟାର କରିଛନ୍ତି। ପ୍ରାରମ୍ଭରେ, ସେ ସପ୍ତାହରେ ଥରେ କିମ୍ବା ଦୁଇଥର ଅର୍ଡର କରୁଥିଲେ, କିନ୍ତୁ ପରେ ଏହା ଏକ ଦୈନନ୍ଦିନ ଅଭ୍ୟାସ ହୋଇଗଲା। ପରିସ୍ଥିତି ଏପରି ହୋଇଥିଲା ଯେ ତାଙ୍କ ଆୟର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ବାହାରୁ ଖାଦ୍ୟ ଅର୍ଡର କରିବାରେ ଖର୍ଚ୍ଚ ହେଉଥିଲା। ଯେତେବେଳେ ସେ ତାଙ୍କ ମନସ୍ତତ୍ତ୍ୱବିତ୍ ବନ୍ଧୁଙ୍କୁ ଏହା କହିଥିଲେ, ସେ ତାଙ୍କୁ କହିଥିଲେ ଯେ ଏଗୁଡ଼ିକ ଖାଦ୍ୟ ଅର୍ଡର ନିଶାର ପ୍ରାରମ୍ଭିକ ଲକ୍ଷଣ।

ଆପଣଙ୍କର ମଧ୍ୟ ଏହି ସମସ୍ୟା ଅଛି କି ନାହିଁ ତାହା ଜାଣିବା ପାଇଁ ଜଣେ ବିଶେଷଜ୍ଞ କହିଛନ୍ତି ପ୍ରାୟତଃ, ଖାଦ୍ୟ ବିତରଣ ଆପ୍ସରୁ ବାରମ୍ବାର ଖାଦ୍ୟ ଅର୍ଡର କରିବାର କାରଣ ଭୋକ ନୁହେଁ, ବରଂ ବିରକ୍ତି କିମ୍ବା ଚାପ। ଅବସର ସମୟରେ, ଲୋକମାନେ ହାତରେ ମୋବାଇଲ୍ ଫୋନ୍ ପାଇବା ମାତ୍ରେ ଆପ୍ ଖୋଲି ନିଅନ୍ତି ଏବଂ ଚିନ୍ତା ନକରି ଖାଦ୍ୟ ଅର୍ଡର କରନ୍ତି। – ଅର୍ଡର କରାଯାଇଥିବା ଅଧିକାଂଶ ଖାଦ୍ୟରେ ଉଚ୍ଚ ପରିମାଣର ଚର୍ବି, ଚିନି ଏବଂ ଲୁଣ ଥାଏ। ଏହି ଉପାଦାନଗୁଡ଼ିକ ମସ୍ତିଷ୍କକୁ ଏପରି ଭାବରେ ଉତ୍ତେଜିତ କରେ ଯେ ସେମାନେ ନିଶାଗ୍ରସ୍ତ ହୋଇଯାଆନ୍ତି, ଖାଇବାର ଇଚ୍ଛା ବୃଦ୍ଧି କରନ୍ତି। ଏହି ଆପ୍ସଗୁଡ଼ିକ ବ୍ୟବହାରକାରୀମାନଙ୍କୁ ବାରମ୍ବାର ସେମାନଙ୍କ ପାଖକୁ ଫେରିବା ପାଇଁ ଡିଜାଇନ୍ କରାଯାଇଛି। ଦିନକୁ ଅନେକ ଥର ଦେଖାଯାଉଥିବା ରିହାତି ବାର୍ତ୍ତା, ଖାଦ୍ୟ ଚିତ୍ର ଏବଂ ପରାମର୍ଶ ମସ୍ତିଷ୍କକୁ ଆକର୍ଷିତ କରିଥାଏ।

ଆପଣଙ୍କର ଦୈନନ୍ଦିନ ଖର୍ଚ୍ଚକୁ ଏକ ଡାଏରୀରେ ଲେଖନ୍ତୁ। ଏହା କମ ଖର୍ଚ୍ଚ କରିବାର ଚାପ ସୃଷ୍ଟି କରିବ। ହାଲୁକା ଭୋକକୁ ନିୟନ୍ତ୍ରଣ କରିବା ପାଇଁ ଘରେ କିଛି ପୁଷ୍ଟିକର ଖାଦ୍ୟ ରଖନ୍ତୁ। ଯେତେବେଳେ ଆପଣ ଅର୍ଡର କରିବାକୁ ଇଚ୍ଛା କରନ୍ତି, ଅଟକି ଯାଆନ୍ତୁ ଏବଂ ନିଜକୁ ପଚାରନ୍ତୁ ଯେ ଆପଣଙ୍କୁ ପ୍ରକୃତରେ ଭୋକ ଲାଗୁଛି କି ନା ଏହା କେବଳ ବିରକ୍ତି। ଅର୍ଡର କରିବା ପୂର୍ବରୁ ୧୦ ମିନିଟ୍ ଅପେକ୍ଷା କରନ୍ତୁ। ଏହି ସମୟ ମଧ୍ୟରେ, ପାଣି ପିଅନ୍ତୁ କିମ୍ବା ଇଚ୍ଛାକୁ କମ କରିବା ପାଇଁ ଅନ୍ୟ କିଛି କାର୍ଯ୍ୟ କରନ୍ତୁ। ଯଦି ଅଭ୍ୟାସ ଅତ୍ୟଧିକ ପ୍ରବଳ ହୋଇଯାଏ, ତେବେ ଆପ୍ ଡିଲିଟ୍ କରିଦିଅନ୍ତୁ। ଆପଣ ଆରମ୍ଭରେ ଆପ୍ ବିଜ୍ଞପ୍ତି ଗୁଡ଼ିକୁ ମଧ୍ୟ ବନ୍ଦ କରିପାରିବେ।

# ଶୀତଦିନ ଆସିଲେ ଆଣ୍ଠୁଗଣ୍ଠି ବ୍ୟଥା ହେଉଛି କି ?

ଥଣ୍ଡା ପାଗର ସିଧାସଳଖ ପ୍ରଭାବ ମସ୍କୁଲୋକେଲେଟାଲ ସିଷ୍ଟମ ଉପରେ ପଡ଼ିଥାଏ। ତାପମାତ୍ରା ହ୍ରାସ ପାଇବା ସହିତ, ଆମର ଶରୀର ହୃଦୟ ଏବଂ ଫୁସଫୁସ ଭଳି ଗୁରୁତ୍ୱପୂର୍ଣ୍ଣ ଅଙ୍ଗକୁ ରକ୍ତ ପ୍ରବାହ ନିର୍ଦ୍ଦେଶିତ କରି ତାପ ସଂରକ୍ଷଣ କରିବାକୁ ଚେଷ୍ଟା କରେ। ବୃଦ୍ଧ ବୟସରେ ସବୁଠାରୁ ପ୍ରଚଳିତ ଅର୍ଥୋପେଡିକ୍ ସମସ୍ୟା ମଧ୍ୟରୁ ଗୋଟିଏ ହେଉଛି ଆର୍ଥ୍ରାଇଟିସ୍। ଶୀତଦିନେ ରୋଗୀମାନେ ପ୍ରାୟତଃ ସେମାନଙ୍କ ସନ୍ଧିରେ ଅଧିକ କଠିନତା ଏବଂ ଫୁଲା ଅଭିଯୋଗ କରନ୍ତି। ଥଣ୍ଡା ପାଗ ସନ୍ଧିର ଲୁବ୍ରିକେସନ୍‌କୁ ହ୍ରାସ କରେ ଏବଂ ସାଇନୋଭିଆଲ୍ ତରଳ ପଦାର୍ଥକୁ ଘନ କରିଥାଏ, ଯାହା ଗତିକୁ ଯନ୍ତ୍ରଣାଦାୟକ କରିଥାଏ। ଶୀତଦିନେ ଅନ୍ୟ ଏକ ସାଧାରଣ ଅର୍ଥୋ ସମସ୍ୟା ହେଉଛି ପିଠି ଯନ୍ତ୍ରଣା। ଥଣ୍ଡା ମାଂସପେଶୀଗୁଡ଼ିକ ଅଧିକ ଚାପ ପକାଇବାର ସମ୍ଭାବନା ଥାଏ ଏବଂ ଦୀର୍ଘ ସମୟ ଧରି ବସିବା ସମୟରେ ଅନୁପଯୁକ୍ତ ପୋଜିସନ ଯନ୍ତ୍ରଣାକୁ ଆହୁରି ବଢ଼ାଇପାରେ। ଫ୍ରୋଜେନ୍ କାନ୍ଧ କିମ୍ବା ଆଡେସିଭ୍ କ୍ୟାପସୁଲାଇଟିସ୍ ହେଉଛି ଆଉ ଏକ ଅବସ୍ଥା ଯାହା ଶୀତଦିନେ ଆହୁରି ଖରାପ ହୋଇଯାଏ। ସୀମିତ କାର୍ଯ୍ୟକଳାପ ଏବଂ ଥଣ୍ଡା ପବନର ସଂସ୍ପର୍ଶରେ ଆସିବା ଦ୍ୱାରା କାନ୍ଧ ସନ୍ଧି ଚାରିପାଖରେ ମାଂସପେଶୀ ସଙ୍କୋଚନ ହୁଏ। ଭାରୀ ଜିନିଷ ଉଠାଇବା, ବରଫ ପୋପାଡ଼ିବା କିମ୍ବା ହଠାତ୍ ଗତିବିଧି ଭଳି ଶୀତକାଳୀନ କାର୍ଯ୍ୟକଳାପ ମାଂସପେଶୀରେ ଚାପ କିମ୍ବା ସନ୍ଧି ଏବଂ ମାଂସପେଶୀ ଯନ୍ତ୍ରଣା ଅର୍ଥୋ ସମସ୍ୟା ସୃଷ୍ଟି କରିପାରେ। ଦୁର୍ବଳ ହାଡ଼ କିମ୍ବା ଅଷ୍ଟିଓପୋରୋସିସ୍ ରୋଗୀଙ୍କ ପାଇଁ, ଏକ ସାଧାରଣ ପଡ଼ିଯିବା ଗୁରୁତର ଭଙ୍ଗା ହୋଇପାରେ। ଘରୋଇ ଚିକିତ୍ସା ହାଲୁକା ଷ୍ଟ୍ରେଚିଂ କିମ୍ବା ଯୋଗ ମଧ୍ୟ ମାଂସପେଶୀର ନମନୀୟତା ବଜାୟ ରଖିବାରେ ସାହାଯ୍ୟ କରେ। ବିଶେଷକରି ଆଣ୍ଠୁ, କାନ୍ଧ ଏବଂ କଣ୍ଠ ଘୋଡ଼ାଇ ସ୍ତରୀଭୂତ ପୋଷାକ ପିନ୍ଧନ୍ତୁ। ମଜବୁତ ହାଡ଼ ପାଇଁ କ୍ୟାଲସିୟମ, ଭିଟାମିନ ଡି ଏବଂ ପ୍ରୋଟିନଯୁକ୍ତ ଖାଦ୍ୟ ସାମିଲ କରନ୍ତୁ। ଭିଟାମିନ୍ ଡି ସ୍ତର ବଜାୟ ରଖିବାରେ ସାହାଯ୍ୟ କରେ ଏବଂ ଥଣ୍ଡା ପାଗରେ ହାଡ଼ ଯନ୍ତ୍ରଣା କମ କରେ। ବସିବା କିମ୍ବା କାମ କରିବା ସମୟଧ୍ୟାନ ରଖନ୍ତୁ। ଆଣ୍ଟି-ସ୍ଲିପ୍ ଜୋତା ପଡ଼ିଯିବା ଏବଂ ଖସିଯିବା ଏବଂ ଭାଙ୍ଗିଯିବାକୁ ରୋକିପାରେ।

# ବିବାହ ହୋଇନପାରିବା ଯୋଗୁଁ କଣ ରହିଛି ବାସ୍ତୁଦୋଷ ଜାଣନ୍ତୁ

ଜାତକ ଚକ୍ର କିମ୍ବା ବାସ୍ତୁରେ ତ୍ରୁଟି ରହିଲେ ଅସୁବିଧା ହୁଏ। ଜାତକରେ ମଙ୍ଗଳ ଦୋଷ ରହିଲେ ବା କାଳସର୍ପ ଦୋଷ ରହିଲେ ବିବାହରରେ ବିଳମ୍ବ ହୋଇଥାଏ। ପୁଅ ହେଉ ବା ଝିଅ ହେଉ ଲଗ୍ନର ଦ୍ୱିତୀୟରେ, ସପ୍ତମରେ, ଅଷ୍ଟମରେ ଦ୍ୱାଦଶରେ ମଙ୍ଗଳ ରହିଥିଲେ ମଙ୍ଗଳ ଦୋଷ ରହିଥାଏ ବୋଲି କୁହାଯାଏ। କିନ୍ତୁ କେନ୍ଦ୍ର ସ୍ଥାନରେ ଶନି ରହିଥିଲେ ମଙ୍ଗଳ ଦୋଷ ଖଣ୍ଡନ ହୋଇଥାଏ। ଯଦି ଏହି ମଙ୍ଗଳ ଦୋଷ ସପ୍ତମ କିମ୍ବା ଅଷ୍ଟମ ସ୍ଥାନରେ ଥାଏ ଏହା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ ଦ୍ୱାଦଶ ସ୍ଥାନ ଅପେକ୍ଷା। ମଙ୍ଗଳ ଦୋଷ କାରଣରୁ ପୂର୍ବକାଳ ଶାସ୍ତ୍ରକୁ ଯଦି ନଜରରେ ନେବା ତେବେ ବିବାହରେ ବିଳମ୍ବ ହୋଇଥାଏ ବୋଲି କୁହାଯାଏ। ପ୍ରକୃତ ଶାସ୍ତ୍ରାନୁଯାୟୀ, ଯଦି ଜାତକରେ ମଙ୍ଗଳ ଦୋଷ ରହିଥାଏ ତେବେ ଏହାର ଠିକ୍ ଉପଚାର କରାଯାଇପାରିଲେ ଏହି ଦୋଷ କଟିଥାଏ। ଗୃହରେ ମଧ୍ୟ କିଛି ଦୋଷ ରହିଛି ଯାହାଦ୍ୱାରା ବିବାହରରେ ବିଳମ୍ବ ହୋଇଥାଏ। ଈଶାନ୍ୟ କୋଣରେ, ଉତ୍ତରରେ, ପୂର୍ବରେ ଶିଡ଼ି ରହିଥିଲେ ବିବାହ ବିଳମ୍ବ ହୋଇଥାଏ। ତେଣୁ ବିଳମ୍ବିତ ବିବାହର ଦୋଷକୁ କାଟିବା ପାଇଁ ଆମକୁ କିଛି ଦିଗପ୍ରତି ଧ୍ୟାନ ଦେବା ଆବଶ୍ୟକ ଏବଂ ଏହାର ଠିକ୍ ଉପାର କରିପାରତିଲେ ଯାଇ ଏଥିରୁ ମୁକ୍ତି ମିଳିବ। ଉପଚାରଗୁଡ଼ିକ ହେଲା : ସାହାଡ଼ା ସୁନ୍ଦରୀ ପୂଜା ସହିତ ମା' ପାର୍ବତୀଙ୍କୁ ସୁହାଗ ପଦାର୍ଥ (ଶାଢ଼ୀ, ଚୁଡ଼ି, ସିନ୍ଦୂର, ଅଳତା, କୁଙ୍କୁମ) ଯେଉଁ ତିଥିରେ ମହାଦେବଙ୍କ ସହିତ ପାର୍ବତୀ ଥିବେ ସେହି ତିଥିରେ ଏହି ପୂଜା କରାଗଲେ ଶୁଭ ଫଳ ମିଳିଥାଏ ଏବଂ ବିବାହ ସହଜରେ ହୋଇଯାଇଥାଏ। ବାସ୍ତୁ ନିୟମରେ ପୁତ୍ର କିମ୍ବା କନ୍ୟାର ଐଶାନ୍ୟ କୋଣରେ ଏକ ବଡ଼ ଫଟୋ ଉତ୍ତର ଭାଗରେ ଦକ୍ଷିଣ ମୁଖ କରି ଯଦି ଲଗାଯାଏ ତେବେ ବିଳମ୍ବ ବିବାହଟି ଧୀରେ ଧୀରେ ଶୀଘ୍ରତର ହୋଇ ବାହାଘର ଠିକ୍ ହୋଇଯାଏ। ପ୍ରତି ଗୁରୁବାର କନ୍ୟା ସ୍ନାନ ଜଳରେ କଞ୍ଚା ହଳଦୀ ବଟାକୁ ପକାଇ ଗାଧୋଇବା ପରେ କଦଳୀ ଗଛ ମୂଳରେ ହଳଦୀ ପାଣି ପ୍ରଦାନ କଲେ ବିବାହ ଶିଘ୍ର ହୋଇଥାଏ। ଅଶ୍ୱତଥ୍ ଗଛ ମୂଳରେ ବିଧୀବିଧାନ ଅନୁସାରେ ପ୍ରତି ଶନିବାର ପୂଜା କରିଲେ ବିଳମ୍ବିତ ବିବାହ ଦୋଷ ଦୂର ହୋଇଥାଏ। ବରଗଛରେ ସାତଘେରା ସୂତା ବୁଲାଇବା ସହିତ ଗୁଡ଼, କଦଳୀ ଏବଂ କେଶର ମିଶ୍ରିତ ଜଳକୁ ପୂର୍ବ ମୁଖ ହୋଇ ଜଳ ଢାଳିବାଦ୍ୱାରା ଦୋଷ ଦୂର ହୋଇଥାଏ । ନଅ ଗୁରୁବାର ବା ନଅ ସୋମବାର ବା ଭଲ ତିଥିରେ ୫ ଗ୍ରାମ୍ ରାଶି, କେଶର, ମହୁ, ଗୁଡ଼, କ୍ଷୀର ମିଶ୍ରୀତ ଦ୍ରବ୍ୟକୁ ନିଜ ନାମ ଗୋତ୍ରରେ ପୂଜା କରିବାଦ୍ୱାରା ବିବାହ ଜଲଦୀ ହୋଇଥାଏ। ଯଦି କୌଣସି ମହିଳା ବିବାହ ହେଉନାହିଁ, ତେବେ ବିବାହ ପାଇଁ ଏକ ବିବାହ କରିବାକୁ ଥିବା କନ୍ୟା ହାତରୁ ମେହେନ୍ଦୀ ଲଗାନ୍ତୁ। ଏହା ଶୀଘ୍ର ବିବାହ ପାଇଁ ବାଟ ଖୋଲିଥାଏ।

# ବିଳମ୍ବିତ ରାତିରେ ଭୋଜନ କରନ୍ତୁ ନାହିଁ : ଦେଖାଦେବ ସ୍ୱାସ୍ଥ୍ୟ ସମସ୍ୟା

ଏକ ଜାତୀୟ ଖବର କାଗଜରେ ପ୍ରକାଶିତ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡିଛି ଯେ ବିଳମ୍ବିତ ରାତିରେ ଖାଇବା ଦ୍ୱାରା ରକ୍ତରେ ଶର୍କରା, ସ୍ଥୁଳତା ଏବଂ ହୃଦରୋଗ ଭଳି ଅନେକ ଗମ୍ଭୀର ସ୍ୱାସ୍ଥ୍ୟ ବିପଦ ବଢ଼ିପାରେ। ଅଧ୍ୟୟନ ଅନୁଯାୟୀ, ଯେତେବେଳେ ଆମେ ନିରନ୍ତର ବିଳମ୍ବିତ ରାତିରେ ଖାଉ, ସେତେବେଳେ ପାଚନ ପ୍ରକ୍ରିୟା ଧୀର ହୋଇଯାଏ।

ବିଳମ୍ବିତ ରାତିର ରାତ୍ରିଭୋଜନ ଶରୀରର ପ୍ରାକୃତିକ ଜୈବିକ ଘଣ୍ଟାକୁ ବ୍ୟାହତ କରେ। ଯେତେବେଳେ ଖାଦ୍ୟ ସଠିକ୍ ସମୟରେ ନ ଖିଆଯାଏ, ଏହା କେବଳ ପାଚନକୁ ନୁହେଁ ବରଂ ଓଜନ, ହରମୋନ୍, ହୃଦୟ, ରକ୍ତ ଶର୍କରା ଏବଂ ନିଦକୁ ମଧ୍ୟ ପ୍ରଭାବିତ କରେ। ଏହା ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ।

ଓଜନ ବୃଦ୍ଧି: ରାତି ବିଳମ୍ବ ହେଲେ, ଶରୀର ଏକ ବସିପଡ଼ିବା ମୋଡକୁ ଚାଲିଯାଏ। ଖାଦ୍ୟ ଶୀଘ୍ର ଚର୍ବିରେ ପରିଣତ ହୁଏ, ପେଟ ଏବଂ ଶରୀରରେ ଜମା ହୁଏ, ଯାହା ଫଳରେ ଓଜନ ବୃଦ୍ଧି ହୋଇଥାଏ । ମଧୁମେହ ବିପଦ: ରାତିରେ ବିଳମ୍ବିତ ଖାଦ୍ୟ ଖାଇବା ଦ୍ୱାରା ରକ୍ତରେ ଶର୍କରା ସ୍ତର ବୃଦ୍ଧି ପାଏ ଏବଂ ମଧୁମେହ ହେବାର ଆଶଙ୍କା ଥାଏ। ବିଶେଷକରି ଯଦି ଆପଣ ରାତି ୧୦ଟା ପରେ ଖାଆନ୍ତି ଏବଂ ଖାଇବା ପରେ ତୁରନ୍ତ ଶୋଇଯାଆନ୍ତି ତେବେ ମଧୁମେହ ହେବାର ଆଶଙ୍କା ଅଧିକ ରହିଛି । ହୃଦରୋଗର ଆଶଙ୍କା: ବିଳମ୍ବିତ ରାତିରେ ଖାଦ୍ୟ ଖାଇବା ହାର୍ଟ ଉପରେ ମଧ୍ୟ ପ୍ରଭାବ ପକାଇଥାଏ। ବିଳମ୍ବରେ ଖାଦ୍ୟ ଖାଇବା ରକ୍ତରେ ଟ୍ରାଇଗ୍ଲିସେରାଇଡ୍ସ (ଏକ ପ୍ରକାରର ଚର୍ବି) ବୃଦ୍ଧି କରିପାରେ, ଯାହା ହୃଦରୋଗର ଆଶଙ୍କା ବଢ଼ାଇପାରେ। ରକ୍ତଚାପ ବୃଦ୍ଧି ହେବାର ଆଶଙ୍କା: ରାତିରେ ବିଳମ୍ବିତ ଖାଦ୍ୟ ଖାଇବା ଦ୍ୱାରା ମଧ୍ୟ ରକ୍ତଚାପ ବଢ଼ିପାରେ, ଯାହା ହୃଦୟକୁ ଅଧିକ କାମ କରିବାକୁ ବାଧ୍ୟ କରେ। ଯକୃତ ଉପରେ ଚାପ: ଯକୃତ ଉପରେ ଚାପ ମଧ୍ୟ ବୃଦ୍ଧି ପାଏ। ଅତ୍ୟଧିକ ଚିନି ଏବଂ ଚର୍ବି ଯକୃତକୁ ବିଷମୁକ୍ତ କରିବା କଷ୍ଟକର କରିଥାଏ। ହରମୋନ ପ୍ରଭାବ: କେବଳ ଏତିକି ନୁହେଁ, ଶରୀରର ଇନସୁଲିନ୍ ଏବଂ ମେଲାଟୋନିନ୍ ଭଳି ହରମୋନ ମଧ୍ୟ ବାଧାପ୍ରାପ୍ତ ହୁଏ, ଯାହା ଶରୀରର ଦିବାରାତ୍ରି ଚକ୍ରକୁ ବାଧାପ୍ରାପ୍ତ କରେ ଏବଂ ସକାଳେ ଭୋକ ବୃଦ୍ଧି କରେ।

ପୁଷ୍ଟିକର ଅଭାବ: ଯେତେବେଳେ ଆମେ ବିଳମ୍ବିତ ରାତିରେ ଭୋକ ଅନୁଭବ କରୁ, ଅଧିକାଂଶ ଲୋକ ଚିପ୍ସ, ମ୍ୟାଗି, ବିସ୍କୁଟ କିମ୍ବା ମିଠା ଭଳି ସହଜରେ ଉପଲବ୍ଧ ଜିନିଷ ପାଇଁ ପହଞ୍ଚି ଯାଆନ୍ତି। ଏଗୁଡ଼ିକ ପେଟ ପୂରଣ କରେ, କିନ୍ତୁ ଏଗୁଡ଼ିକରେ ପ୍ରକୃତ ପୁଷ୍ଟିକର ଅଭାବ ଥାଏ। ଫଳସ୍ୱରୂପ, ଶରୀରରେ ଆବଶ୍ୟକୀୟ ଭିଟାମିନ୍ ଏବଂ ଖଣିଜ ପଦାର୍ଥର ଅଭାବ ଥାଏ ଏବଂ ଧୀରେ ଧୀରେ ଭିତରୁ ଦୁର୍ବଳ ହୋଇଯାଏ। ଏହାକୁ ପୁଷ୍ଟିକର ଅଭାବ କିମ୍ବା କୁପୋଷଣ କୁହାଯାଏ।

ଷ୍ଟ୍ରୋକ୍ ବିପଦ: ଡେରିରେ ଖାଇବା ଦ୍ୱାରା ଷ୍ଟ୍ରୋକ୍ ହେବାର ଆଶଙ୍କା ମଧ୍ୟ ବଢ଼ିପାରେ। ଯେତେବେଳେ ଆମେ ରାତିରେ ବିଳମ୍ବିତ ଖାଦ୍ୟ ଖାଉ, ଶରୀରକୁ ଖାଦ୍ୟ ହଜମ କରିବାରେ ଅସୁବିଧା ହୁଏ। ଏହା ଏସିଡିଟି ବୃଦ୍ଧି କରିପାରେ ଏବଂ ଶରୀରର ମେଟାବୋଲିଜିମ୍ ବାଧାପ୍ରାପ୍ତ କରିପାରେ। ଏହି ସମସ୍ତ କାରଣ ଷ୍ଟ୍ରୋକ୍ ହେବାର ଆଶଙ୍କା ବଢ଼ାଇଥାଏ।

# ଖ୍ରୀଷ୍ଟମାସ୍ ପାଇଁ ଘରେ ତିଆରି କରନ୍ତୁ ଚକୋଲେଟ୍

ଖ୍ରୀଷ୍ଟମାସ ଦିନ ଚର୍ଚ୍ଚକୁ ଯାଇ କେକ୍ କାଟିବାର ଏକ ସ୍ୱତନ୍ତ୍ର ଆନନ୍ଦ ଅଛି। ଅଧିକାଂଶ ଲୋକ ପ୍ଲମ୍ କେକ୍ କାଟି ପ୍ରସ୍ତୁତ କରିବାକୁ ପସନ୍ଦ କରନ୍ତି। ତଥାପି, ଯଦି ଆପଣ ଚକୋଲେଟ୍ ପ୍ରେମୀ ଏବଂ ଘରେ କିଛି ଭିନ୍ନ ଚେଷ୍ଟା କରିବାକୁ ଚାହାଁନ୍ତି, ତେବେ ଘରେ ବ୍ରାଉନିଜ୍ ତିଆରି କରିବା ବିଷୟରେ ବିଚାର କରନ୍ତୁ। ବର୍ବନ୍ ବିସ୍କୁଟ୍ ବ୍ରାଉନିଜ୍ ହେଉଛି ଖ୍ରୀଷ୍ଟମାସ ପାଇଁ ଏକ ଉପଯୁକ୍ତ ରେସିପି। ଏହି ବ୍ରାଉନିର ମୁଖ୍ୟ ଆକର୍ଷଣ ହେଉଛି ଏହାର କ୍ରିସ୍ପି ବିସ୍କୁଟ୍ ବେସ୍ ଉପରେ ନରମ, ଫ୍ଲଫି ଚକୋଲେଟ୍ ସ୍ତର ଲାଗିଛି। ଏହାର ସ୍ୱାଦ ଏତେ ଅପ୍ରତିରୋଧୀ ଯେ ଆପଣ ପ୍ରତ୍ୟେକ କାମୁଡ଼ି ଉପଭୋଗ କରିବେ। ଆପଣ ଏହାକୁ ଚା ସହିତ, ଆପଣଙ୍କ ପିଲାମାନଙ୍କ ମଧ୍ୟାହ୍ନ ଭୋଜନରେ କିମ୍ବା କୌଣସି ବିଶେଷ ଅବସରରେ ତିଆରି କରିପାରିବେ। ତେବେ, ଆପଣ କ'ଣ ପାଇଁ ଅପେକ୍ଷା କରିଛନ୍ତି ? ଆସନ୍ତୁ ଘରେ ତିଆରି ବର୍ବନ୍ ଚକୋଲେଟ୍ ବ୍ରାଉନିଜ୍ ପାଇଁ ସହଜ ରେସିପି ଶିଖିବା। ସହଜ ବର୍ବନ୍ ବ୍ରାଉନି ରେସିପି ଉପକରଣ ବୋରବନ୍ ଚକୋଲେଟ୍ ବିସ୍କୁଟ୍ – ୨୨ ବଟର – ୪ ଚାମଚ (ତରଳିଥିବା) ମଇଦା – ୧/୨ କପ୍ କୋକୋ ପାଉଡର – ୧/୨ କପ୍ ଚିନି – ୧/୨ କପ୍ ଭାନିଲା ଏସେନ୍ସ – ୧ ଚାମଚ ଲୁଣ – ୧ ଚିମ୍ପା ଚକୋଲେଟ୍ ଚିପ୍ସ – ୧/୨ କପ୍ ଅଣ୍ଡା – ୨, ପଦ୍ଧତି: ପ୍ରଥମେ, ଉପରେ ଉଲ୍ଲେଖ କରାଯାଇଥିବା ସାମଗ୍ରୀ ପ୍ରସ୍ତୁତ କରନ୍ତୁ। ତା'ପରେ, ଚୁଲିକୁ ୧୭୫ ଡିଗ୍ରୀ ସେଲସିୟସରେ ଗରମ କରନ୍ତୁ। ଏକ ପାତ୍ରରେ ପେଷା ହୋଇଥିବା ବର୍ବନ୍ ବିସ୍କୁଟ୍ ଏବଂ ତରଳାଇ ବଟର ରଖନ୍ତୁ। ଏହି ମିଶ୍ରଣକୁ ଏକ ୮x୮ ଇଞ୍ଚ ବେକିଂ ଟ୍ରେରେ ଢାଳନ୍ତୁ ଏବଂ ଏକ ଚାମଚ କିମ୍ବା ପାତ୍ର ସାହାଯ୍ୟରେ ଦୃଢ଼ ଭାବରେ ଚାପି ଦିଅନ୍ତୁ ଯାହା ଦ୍ୱାରା ଏକ ଦୃଢ଼ ଏବଂ ଖରାଟିଆ ବେସ୍ ସୃଷ୍ଟି ହେବ। ବର୍ତ୍ତମାନ, ବ୍ରାଉନି ବ୍ୟାଟର ପ୍ରସ୍ତୁତ କରନ୍ତୁ। ଏକ ବଡ଼ ପାତ୍ରରେ, ଚିନି, ଅଣ୍ଡା ଏବଂ ଭାନିଲା ଏସେନ୍ସକୁ ମିଶ୍ରଣ କରନ୍ତୁ ଏବଂ ଭଲ ଭାବରେ ଫେଣ୍ଟନ୍ତୁ। ଅନ୍ୟ ଏକ ପାତ୍ରରେ, ମଇଦା, କୋକୋ ପାଉଡର ଏବଂ ଲୁଣ ଛାଣନ୍ତୁ। ଏହି ଶୁଖିଲା ମିଶ୍ରଣକୁ ଓଦା ମିଶ୍ରଣରେ ଧୀରେ ଧୀରେ ମିଶାନ୍ତୁ ଏବଂ ଧୀରେ ଧୀରେ ମିଶାନ୍ତୁ। ବ୍ୟାଟରକୁ ଅଧିକ ନହେବା ପାଇଁ ସତର୍କ ରୁହନ୍ତୁ, ନଚେତ୍ ବ୍ରାଉନିଗୁଡ଼ିକ କଠିନ ହୋଇଯିବ। ଯଦି ଇଚ୍ଛା ହୁଏ, ତେବେ ଆପଣ ଚକୋଲେଟ୍ ଚିପ୍ସ ମଧ୍ୟ ଯୋଡିପାରିବେ। ସବୁକିଛି ପ୍ରସ୍ତୁତ। ବର୍ତ୍ତମାନ, ବିସ୍କୁଟ୍ ବେସ୍ ଉପରେ ବ୍ୟାଟର ବିସ୍ତାର କରନ୍ତୁ, ଟ୍ରେକୁ ଚୁଲିରେ ରଖନ୍ତୁ, ଏବଂ ୨୦-୨୫ ମିନିଟ୍ ପାଇଁ ବେକ୍ କରନ୍ତୁ। ଏହି ସମୟରେ ପରେ ବ୍ରାଉନି ପ୍ରସ୍ତୁତ।

# ୨୦୨୫ରେ ବିଶ୍ୱସ୍ତରୀୟ ମାନ୍ୟତା ହାସଲ କରିଥିବା ଖାଦ୍ୟ



୨୦୨୫ ମସିହାରେ, ଅନେକ ଖାଦ୍ୟ ସୋସିଆଲ ମିଡିଆରେ ଏବଂ ଲୋକଙ୍କ ହୃଦୟରେ ଏକ ଚହଳ ସୃଷ୍ଟି କରିଛି। ଏହି ସବୁ ଖାଦ୍ୟଗୁଡ଼ିକ ସେମାନଙ୍କର ସ୍ୱାଦ, ପରମ୍ପରା ଏବଂ ନୂତନତ୍ୱ ମାଧ୍ୟମରେ ବିଶ୍ୱ ସ୍ତରରେ ନିଜକୁ ଭିନ୍ନ କରିଛି। ଏହି ଖାଦ୍ୟଗୁଡ଼ିକ ସୋସିଆଲ ମିଡିଆରେ, ବିଶେଷଜ୍ଞଙ୍କ ମଧ୍ୟରେ ଏବଂ ଆନ୍ତର୍ଜାତୀୟ ଖାଦ୍ୟ ତାଲିକାରେ ବ୍ୟାପକ ଭାବରେ ଆଲୋଚନା ହୋଇଛି। ଯଦି ଆପଣ ଜଣେ ଖାଦ୍ୟପ୍ରେମୀ, ତେବେ ବର୍ଷ ଶେଷ ହେବା ପୂର୍ବରୁ ଏହି ସ୍ୱତନ୍ତ୍ର ଖାଦ୍ୟଗୁଡ଼ିକୁ ପ୍ରସ୍ତୁତ କରିବାକୁ ନିଶ୍ଚିତ କରନ୍ତୁ ଏବଂ ନୂତନ ବର୍ଷର ଏକ ସକାରାତ୍ମକ ଆରମ୍ଭ କରନ୍ତୁ। ମଧ୍ୟପ୍ରାଚ୍ୟର ଏକ ପ୍ରସିଦ୍ଧ ଏବଂ ରାଜକୀୟ ମିଠା କୁନାଫା, ୨୦୨୫ ମସିହାରେ ସାରା ବିଶ୍ୱର ଖାଦ୍ୟ ପ୍ରେମୀଙ୍କ ମଧ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅର୍ଜନ କରିଛି। ଏହାର କାରଣ ହେଉଛି ବିଗ୍ ବସ୍ ପ୍ରତିଯୋଗୀ ତାନିଆ, ଯିଏ ଲୋକଙ୍କ ହୃଦୟକୁ କବଜା କରିଥିଲେ। କୁନାଫାର ପତଳା ସିନ୍ଦୁର, ନରମ ପନିର ସ୍ତର ଏବଂ ଏହା ଉପରେ ପକାଯାଇଥିବା ସୁଗନ୍ଧିତ ଚିନି ସିରପ ଏହାକୁ ପ୍ରକୃତରେ ସ୍ୱାଦିଷ୍ଟ କରିଥାଏ। ଚପଲି କବାବ – ଚପଲି କବାବ ପାକିସ୍ତାନର ପେଶାୱରରେ ଉତ୍ପତ୍ତି ହୋଇଥିଲା ଏବଂ ଭାରତର ଲକ୍ଷ୍ନୌରେ ବାସ କରିଥିଲା। ଏହାର ସ୍ୱାଦ ଏତେ ସ୍ୱାଦିଷ୍ଟ ଯେ ଲୋକମାନେ ନାନ ସହିତ ଏହାକୁ ଉପଭୋଗ କରିବା ପାଇଁ ଦୂର ଦୂରାନ୍ତରୁ ଲକ୍ଷ୍ନୌ ଯାତ୍ରା କରନ୍ତି। ଏହାର ମସଲାଦାର ଏବଂ ରସାଳ କବାବ ସ୍ୱାଦ ପାଇଁ ୨୦୨୫ ମସିହାରେ ଚାପଲି କବାବ ଷ୍ଟ୍ରିଟ୍ ଫୁଡ୍ ରୁ ବିଶ୍ୱ ମେନୁରେ ପରିଣତ ହୋଇଥିଲା। ବକଲାଭା – ଯଦିଓ ଏହା ଏକ ତୁର୍କୀ ଖାଦ୍ୟ, ବିଗ୍ ବସ୍ ପ୍ରତିଯୋଗୀ ତାନିଆଙ୍କ ଯୋଗୁଁ ସାରା ଭାରତରେ ଏକ କ୍ରେଜ୍ ପାଲଟିଛି। ସ୍ତରଯୁକ୍ତ ଫିଲୋ ସିଟ୍, ଶୁଖିଲା ଫଳ ଏବଂ ମହୁର ମିଠା ସହିତ ପ୍ରସ୍ତୁତ, ବକଲାଭା ହେଉଛି ସ୍ୱାଦ ଏବଂ ରାଜକୀୟତାର ଏକ ଉତ୍ତମ ମିଶ୍ରଣ। ରେମନ୍ – ଏହି ଖାଦ୍ୟ ଏକ ଲୋକପ୍ରିୟ କୋରିଆନ୍ ଖାଦ୍ୟ, କିନ୍ତୁ ୨୦୨୫ ରେ, ଏହା ବିଶ୍ୱବ୍ୟାପୀ ଅନୁଗାମୀ ହୋଇଛି। ଏହା ଭାରତରେ ବହୁତ ଲୋକପ୍ରିୟ ହୋଇଛି ଏବଂ ଅନେକ କୋରିଆନ୍ ରେମନ୍ ଷ୍ଟଲ୍ ଖୋଲିଛି। ଯଦି ଆପଣ ଏହାକୁ ଏପର୍ଯ୍ୟନ୍ତ ଚାଖି ନାହାଁନ୍ତି, ତେବେ ଆପଣ ଥରେ ଏହାକୁ ଟେଷ୍ଟ କରନ୍ତୁ ।

ବଟର ଚିକେନ୍ – ବଟର ଚିକେନ୍ ସର୍ବଦା ଆମିଷ ଭୋଜନକାରୀଙ୍କ ପାଇଁ ଏକ ଶ୍ରେଷ୍ଠ ପସନ୍ଦ ହୋଇଆସିଛି। ଏହି ବର୍ଷ, ଏହି କ୍ଲାସିକ୍ ଭାରତୀୟ ଖାଦ୍ୟ ବିଶ୍ୱବ୍ୟାପୀ ଶ୍ରେଷ୍ଠ ଖାଦ୍ୟ ମଧ୍ୟରେ ସ୍ଥାନ ପାଇଛି। ଏହାର କ୍ରିମି ଗ୍ରେଭି ଏବଂ ମସଲା ମିଶ୍ରଣ ଏକ ହିଟ୍ ଥିଲା।

# କେତେକ ଜାତୀୟ ଓ ଅନ୍ତର୍ଜାତୀୟ ଜାଣିବା କଥା

ବିଶ୍ୱର ପରିସଂଖ୍ୟାନ ଅନୁସାରେ କିଛି ତଥ୍ୟ ଯାହା ଜାଣିବା ଆମମାନଙ୍କ ପାଇଁ ଜରୁରୀ। ସବୁବେଳେ ସବୁକଥା ମନେ ନଥାଏ। ମାତ୍ର ଲିଖିତ ଡକ୍ୟୁମେଣ୍ଟଟିଏ ହାତପାଖରେ ଥିଲେ ହଠାତ କୌଣସି ବିଷୟ ଉପରେ ଆଖି ବୁଲେଇ କହିହୁଏ। ଏହିପରି ଆସନ୍ତୁ ଆମେ ଜାଣିବା ସାରା ପୃଥିବୀର କେତୋଟି ମୁଖ୍ୟ ବିଷୟ ଉପରେ ଯାହା ଏକସଂଗେ ସଂକଳିତ ହୋଇଛି ଏବଂ ଭାରତ କିମ୍ବା ଭାରତୀୟମାନେ ଶାନ୍ତି ଓ ସୌହାର୍ଦ୍ଦ୍ୟ ବାଣ୍ଟିବା ବ୍ୟତୀତ କେବେ ହିଂସା ଆଚରଣ କରିନଥାନ୍ତି ବୋଲି।

**ବିଶ୍ୱରେ ବେଶ୍ୟାବୃତ୍ତିର ସର୍ବାଧିକ ହାର ଥିବା ୧୦ଟି ଦେଶ:**

୧. ଥାଇଲ୍ୟାଣ୍ଡ (ବୌଦ୍ଧ)
୨. ଡେନମାର୍କ (ଖ୍ରୀଷ୍ଟ)
୩. ଇଟାଲୀ (ଖ୍ରୀଷ୍ଟିଆନ)
୪. ଜର୍ମାନୀ (ଖ୍ରୀଷ୍ଟ)
୫. ଫ୍ରାନ୍ସ (ଖ୍ରୀଷ୍ଟିଆନ)
୬. ନରୱେ (ଖ୍ରୀଷ୍ଟିଆନ)
୭. ବେଲଜିୟମ (ଖ୍ରୀଷ୍ଟ)
୮. ସ୍ପାନିଶ (ଖ୍ରୀଷ୍ଟ)
୯. ୟୁକେ (ଖ୍ରୀଷ୍ଟ)
୧୦. ଫିନଲ୍ୟାଣ୍ଡ (ଖ୍ରୀଷ୍ଟ)

**ସର୍ବୋଚ୍ଚ ହତ୍ୟା ହାର ଥିବା ୧୦ଟି ଦେଶ (ପ୍ରତି ୧ ଲକ୍ଷ)**

୧. ଏଲ୍ ସାଲଭାଡୋର (୫୨.୦୬)
୨. ଜାମାଇକା (୪୩.୮୫)
୩. ଲେସୋଥୋ (୪୩.୫୬)
୪. ହଣ୍ଡୁରାସ (୩୮.୯୩)
୫. ବେଲିଜ୍ (୩୭.୭୯)
୬. ଭେନେଜୁଏଲା (୩୬.୬୯)
୭. ସେଣ୍ଟ ଭିନସେଣ୍ଟ ଏବଂ ଗ୍ରେନାଡାଇନ୍ସ (୩୬.୫୯)
୮. ଦକ୍ଷିଣ ଆଫ୍ରିକା (୩୬.୪୦)
୯. ସେଣ୍ଟ କିଟ୍ସ ଏବଂ ନେଭିସ୍ (୩୬.୦୯)
୧୦. ନାଇଜେରିଆ (୩୪.୫୨)

**ମହିଳାମାନଙ୍କ ପାଇଁ ୧୦ଟି ସବୁଠାରୁ ବିପଜ୍ଜନକ ଦେଶ**

୧. ଆଫଗାନିସ୍ତାନ (ମୁସଲିମ)
୨. ସିରିଆ (ମୁସଲିମ)
୩. ୟେମେନ (ମୁସଲିମ)
୪. ପାକିସ୍ତାନ (ମୁସଲିମ)
୫. ଇରାକ (ମୁସଲିମ)
୬. ଦକ୍ଷିଣ ସୁଡାନ (ମୁସଲିମ)
୭. ଚାଡ (ମୁସଲିମ)
୮. କଙ୍ଗୋ ଗଣତାନ୍ତ୍ରିକ ଗଣରାଜ୍ୟ (ମୁସଲିମ)
୯. ସୁଡାନ (ମୁସଲିମ)
୧୦. ସିଏରା ଲିଓନ (ମୁସଲିମ)

**ପ୍ରତି ୧୦୦,୦୦୦ ରେ ସର୍ବାଧିକ ବଳାତ୍କାର ହାର ଥିବା ୧୦ଟି ଦେଶ**

୧. ବୋତସ୍ୱାନା - ୯୨.୯୩
୨. ଲେସୋଥୋ - ୮୨.୬୮
୩. ଦକ୍ଷିଣ ଆଫ୍ରିକା - ୭୨.୧୦
୪. ବରମୁଡା - ୬୭.୨୯
୫. ସ୍ୱିଡେନ - ୬୩.୫୪
୬. ସୁରିନାମ - ୪୫.୨୧
୭. କୋଷ୍ଟାରିକା - ୩୬.୭୦
୮. ନିକାରାଗୁଆ - ୩୧.୬୦
୯. ଗ୍ରେନାଡା - ୩୦.୬୩
୯. ସେଣ୍ଟ କିଟ୍ସ ଏବଂ ନେଭିସ୍ - ୨୮.୬୨

**ବିଶ୍ୱର ୧୦ଟି ସର୍ବାଧିକ ମଦ୍ୟପାନକାରୀ ଦେଶ:**

୧) ମାଲଡୋଭା (ଖ୍ରୀଷ୍ଟିଆନ)
୨) ବେଲାରୁସିଆନ (ଖ୍ରୀଷ୍ଟିଆନ)
୩) ଲିଥୁନିଆ (ଖ୍ରୀଷ୍ଟିଆନ)
୪) ରୁଷିଆ (ଖ୍ରୀଷ୍ଟିଆନ)
୫) ଚେକ୍ ଗଣରାଜ୍ୟ (ଖ୍ରୀଷ୍ଟିଆନ)
୬) ୟୁକ୍ରେନିଆନ (ଖ୍ରୀଷ୍ଟିଆନ)
୭) ଆଣ୍ଡୋରା (ଖ୍ରୀଷ୍ଟିଆନ)
୮) ରୋମାନିଆନ (ଖ୍ରୀଷ୍ଟିଆନ)
୯) ସର୍ବିଆନ (ଖ୍ରୀଷ୍ଟିଆନ)
୧୦) ଅଷ୍ଟ୍ରେଲିଆ (ଖ୍ରୀଷ୍ଟିଆନ)

**ଭାରତ ୧.୮୧ ସହିତ ସର୍ବନିମ୍ନ ମଦ୍ୟପାନକାରୀ ଦେଶ ମଧ୍ୟରୁ ଗୋଟିଏ।**

**ବିଶ୍ୱରେ ସର୍ବାଧିକ ହତ୍ୟା ହାର ଥିବା ଦେଶଗୁଡ଼ିକ:**

୧. ହଣ୍ଡୁରାସ (ଖ୍ରୀଷ୍ଟିଆନ)
୨. ଭେନେଜୁଏଲା (ଖ୍ରୀଷ୍ଟିଆନ)
୩. ବେଲିଜ୍ (ଖ୍ରୀଷ୍ଟିଆନ)
୪. ଏଲ୍ ସାଭାଡୋର (ଖ୍ରୀଷ୍ଟିଆନ)
୫. ଗୁଆଟେମାଲା (ଖ୍ରୀଷ୍ଟିଆନ)
୬. ଦକ୍ଷିଣ ଆଫ୍ରିକା (ଖ୍ରୀଷ୍ଟିଆନ)
୭. ସେଣ୍ଟ କିଟ୍ସ ଏବଂ ନେଭିସ୍ (ଖ୍ରୀଷ୍ଟିଆନ)
୮. ବାହାମାସ୍ (ଖ୍ରୀଷ୍ଟିଆନ)
୯. ଲେସୋଥୋ (ଖ୍ରୀଷ୍ଟିଆନ)
୧୦. ଜାମାଇକା (ଖ୍ରୀଷ୍ଟିଆନ)

**ବିଶ୍ୱରେ ଶ୍ରେଷ୍ଠ ୧୩ଟି ସର୍ବାଧିକ ହିଂସାତ୍ମକ ଦେଶ**

୧. ଆଫଗାନିସ୍ତାନ - ୩.୬୩୧ (ଉଚ୍ଚ ସ୍କୋର କମ୍ ଶାନ୍ତି ସୂଚିତ କରେ)
୨. ୟେମେନ୍ - ୩.୪୦୭
୩. ସିରିଆ - ୩.୩୭୧
୪. ଦକ୍ଷିଣ ସୁଡାନ - ୩.୩୬୩
୫. ଇରାକ - ୩.୨୫୭
୬. ସୋମାଲିଆ - ୩.୨୧୧
୭. କଙ୍ଗୋ (ଡେମୋକ୍ରାଟିକ୍ ରିପବ୍ଲିକ୍) - ୩.୧୯୬
୮. ଲିବିଆ - ୩.୧୬୬
୯. ମଧ୍ୟ ଆଫ୍ରିକୀୟ ଗଣରାଜ୍ୟ - ୩.୧୩୧
୧୦. ରୁଷିଆ - ୨.୯୯୩
୧୧. ସୁଡାନ - ୨.୯୩୬
୧୨. ଭେନେଜୁଏଲା - ୨.୯୩୪
୧୩. ଉତ୍ତର କୋରିଆ - ୨.୯୨୩

**ଶ୍ରେଷ୍ଠ ଚୋରି ହାର - ଦେଶ ରାଙ୍କିଂ - ପ୍ରତି ୧୦୦,୦୦୦ରେ ଚୋରି**

୧. ଡେନମାର୍କ (୩୯୪୯)
୨. ସ୍ୱିଡେନ (୩୮୧୭)
୩. ଉରୁଗୁଏ (୩୨୦୫)
୪. ଅଷ୍ଟ୍ରେଲିଆ (୨୪୬୦)
୫. ଗ୍ରେନାଡା (୨୩୦୭)
୬. ୟୁକେ (୨୨୮୩)
୭. ବରମୁଡା (୨୧୯୦)
୮. ଫ୍ରାନ୍ସ (୨୧୩୭)
୯. ଫିନଲ୍ୟାଣ୍ଡ (୨୦୮୧)
୧୦. ନରୱେ (୧୯୯୧)
୧୧. ନେଦରଲ୍ୟାଣ୍ଡ (୧୭୯୧)
୧୨. ଆମେରିକା (୧୭୫୦)
୧୩. ସ୍ୱିଜରଲ୍ୟାଣ୍ଡ (୧୭୧୨)
୧୪. ଅଷ୍ଟ୍ରିଆ (୧୬୫୦)
୧୫. ଜର୍ମାନୀ (୧୫୭୬)
୧୬. କାନାଡା (୧୪୦୯)

**ବିଶ୍ୱର ଶୀର୍ଷ ୧୦ ସବୁଠାରୁ ଦୁର୍ନୀତିଗ୍ରସ୍ତ ଦେଶ**

୧. ଇରାକ
୨. କଲମ୍ବିଆ
୩. ମେକ୍ସିକୋ
୪. ବ୍ରାଜିଲ
୫. ରୁଷିଆ
୬. ଗୁଆଟେମାଲା
୭. କାଜାଖସ୍ତାନ
୮. ଲେବାନନ୍
୯. ଏଲ୍ ସାଲଭାଡୋର
୧୦. ଆଜରବାଇଜାନ

ବିଶ୍ୱ ଦୁର୍ନୀତି ସୂଚକାଙ୍କ ଦ୍ୱାରା ମୂଲ୍ୟାଙ୍କିତ ୧୮୦ଟି ଦେଶ ମଧ୍ୟରେ, ସବୁଠାରୁ ଖରାପ ୧୦ ହେଉଛି ସୋମାଲିଆ, ସିରିଆ, ଦକ୍ଷିଣ ସୁଡାନ, ଭେନେଜୁଏଲା, ୟେମେନ୍, ଲିବିଆ, ଉତ୍ତର କୋରିଆ, ହାଇତି, ଇକ୍ୱେଟୋରିଆଲ୍ ଗିନି ଏବଂ ବୁରୁଣ୍ଡି।

**ବିଶ୍ୱର ସବୁଠାରୁ ବିପଦପୂର୍ଣ୍ଣ ଗ୍ୟାଙ୍ଗଷ୍ଟରଙ୍କ ନାମ :**

୧. ୟାକୁଜା (ଅଣ-ମୁସଲମାନ)
୨. ଆଗବେରୋସ୍ (ଖ୍ରୀଷ୍ଟିଆନ୍)
୩. ଓ୍ୱାହ ସିଂହ (ଖ୍ରୀଷ୍ଟିଆନ୍)
୪. ଜାମାଇକା ପୋଜ୍ (ଖ୍ରୀଷ୍ଟିଆନ୍)
୫. ପ୍ରାଇମିରୋ (ଖ୍ରୀଷ୍ଟିଆନ୍)
୬. ଆର୍ଯ୍ୟନ୍ ବ୍ରଦରହୁଡ୍ (ଖ୍ରୀଷ୍ଟିଆନ୍)
୭. ରକ୍ତ (ଖ୍ରୀଷ୍ଟିଆନ୍)
୮. ୧୮ତମ ଷ୍ଟ୍ରିଟ୍ ଗ୍ୟାଙ୍ଗ୍ (ଖ୍ରୀଷ୍ଟିଆନ୍)
୯. ମୁଙ୍ଗିକି (ଖ୍ରୀଷ୍ଟିଆନ୍)
୧୦. ମାରା ସାଲଭାରୁଚା (ଖ୍ରୀଷ୍ଟିଆନ୍)

**ବିଶ୍ୱରେ ଡ୍ରଗ୍ କାର୍ଟେଲର ବଡ଼ ନାମ:**

୧. ପାବ୍ଲୋ ଏସ୍କୋବାର-କଲମ୍ବିଆ (ଖ୍ରୀଷ୍ଟିଆନ୍)
୨. ଆମାଡୋ କାରିଲୋ-କଲମ୍ବିଆ (ଖ୍ରୀଷ୍ଟିଆନ୍)
୩. କାର୍ଲୋସ୍ ଲେହଡର-ଜର୍ମାନ (ଖ୍ରୀଷ୍ଟିଆନ୍)
୪. ଗ୍ରିସେଲଡା ବ୍ଲାଙ୍କୋ-କଲମ୍ବିଆ (ଖ୍ରୀଷ୍ଟିଆନ୍)
୫. ଜୋଆକୁଇନ୍ ଗୁଜମାନ-ମେକ୍ସିକୋ (ଖ୍ରୀଷ୍ଟିଆନ୍)
୬. ରାଫେଲ୍ କାରୋ- ମେକ୍ସିକୋ (ଖ୍ରୀଷ୍ଟିଆନ୍)

କିନ୍ତୁ ହିନ୍ଦୁ ଧର୍ମକୁ ହିଂସାର କାରଣ ବୋଲି ବିବେଚନା କରାଯାଏ କାହିଁକି ? ଏତିକି ଜାଣିଲାପରେ କେହିବି କହିବକି ଭାରତୀୟ କିମ୍ବା ହିନ୍ଦୁମାନେ ହିଂସାତ୍ମକ ବୋଲି ଆମେ ଏପରି ସୂଚନା ଜାଣିବା ଉଚିତ ଏବଂ ଏହାକୁ ସମସ୍ତଙ୍କ ସହିତ ସେୟାର କରିବା ଉଚିତ, ବିଶେଷକରି ଆମର ଯୁବପିଢ଼ିଙ୍କ ସହିତ । କାରଣ ଯୁବପିଢ଼ି ନିୟମିତ ଭାବରେ ସୋସିଆଲ ମିଡିଆ ମାଧ୍ୟମରେ ଠକାମିର ଶିକାର ହେଉଛନ୍ତି । ଭୁଲବାଟରେ ଯାଉଛନ୍ତି ଏବଂ ଭୁଲ କାମ କରୁଛନ୍ତି। ତେଣୁ ସଚେତନତା ହି ପ୍ରକୃତ ଅସ୍ତ୍ର। ଏତିକି ଯଦି ସମସ୍ତେ ଜାଣିଯିବେ ହୁଏତ କୌଣସି ଭୁଲ କରିବା ଆଗରୁ ନିଜକୁ ସୁଧାରିନେବେ।

# କୁସ୍ତି ଖେଳାଳିଙ୍କୁ ଅଣଦେଖାର ତଦନ୍ତ ହେବ : ମନ୍ତ୍ରୀ



**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଟ୍ରେନ୍‌ରେ ଲାଟ୍ରିନ୍ ପାଖରେ ବସି କୁସ୍ତି ଖେଳାଳି ୟୁପିରୁ ଫେରିବା ପ୍ରସଙ୍ଗରେ ପ୍ରତିକ୍ରିୟା ରଖିଛନ୍ତି ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ମନ୍ତ୍ରୀ କହିଛନ୍ତି ଘଟଣାରେ କେତେ ସତ୍ୟାସତ୍ୟ ରହିଛି, ତାହା ସରକାର ଅନୁଧ୍ୟାନ କରିବେ। ତଦନ୍ତ ପରେ ହିଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସୂଚନା ଅନୁଯାୟୀ ରାଜ୍ୟ କୁସ୍ତି ଖେଳାଳିଙ୍କୁ ଅଣଦେଖାର ଭିଡିଓ ଭାଇରାଲ୍ ହେବାରେ ଲାଗିଛି। ଟ୍ରେନ୍ ବଗି ପାଇଖାନା ପାଖରେ ବସି ଶୀତରେ ଥରି ଥରି ୟୁପିରୁ ଆସୁଥିବା ଦେଖିବାକୁ ମିଳିଛି। ଜାତୀୟସ୍ତରୀୟ ସ୍କୁଲ୍ କୁସ୍ତିରେ ଭାଗ ନେବାକୁ କର୍ତ୍ତୃପକ୍ଷ ଏପରି କରିଛନ୍ତି।

ମାସକ ପୂର୍ବରୁ କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଥିଲା ମାତ୍ର ଟ୍ରେନ୍ ଟିକଟ୍ ହୋଇନଥିଲା। ଶିକ୍ଷକ ଭାନୁ ରଣାଙ୍କ ନାଁ ନେଇ ଅନ୍ୟ ଶିକ୍ଷକମାନେ ଅଭିଯୋଗ କରିଛନ୍ତି। ସ୍କୁଲ ଓ ଗଣ ଶିକ୍ଷା ବିଭାଗ କିପରି ଏହା ଜାଣି ପାରିଲାନି ତାକୁ ନେଇ ପ୍ରଶ୍ନ ଉଠିଛି। ତେବେ ୧୦ ପୁଅ ଓ ୮ ଝିଅ ଗଣଶିକ୍ଷା ବିଭାଗ ବ୍ୟାନରରେ ଯାଇଥିଲେ। ଜଣେ ଅଭିଭାବକ ଏବଂ ପିଲାମାନେ ନିଜ ଯିବା ଆସିବାର କାହାଣୀ କହିଛନ୍ତି । ଟ୍ରେନ୍ ଟିକଟ୍ କନଫର୍ମ ନ ଥାଇ କିପରି ଭାବେ ନିଆଗଲା ତାକୁ ନେଇ ପ୍ରଶ୍ନ ଉଠୁଛି।

# ହକି : ୫୦ ଗୋଲରେ ତ୍ରିପୁରାକୁ ହରାଇଲା ଓଡ଼ିଶା

**ଗୌହାଟୀ**

ଖେଳରେ ଅସମ୍ଭବ ବୋଲି କିଛି ନଥାଏ। ଅନେକ ସମୟରେ ବିଶ୍ୱାସ ହେଉ ନଥିବା କଥା ବାସ୍ତବ ହୋଇଥାଏ। ଏହିଭଳି ଏକ ଅସମ୍ଭବକୁ ସମ୍ଭବ କରି ଏକ ବିରଳ ରେକର୍ଡର ଅଧିକାରୀ ହୋଇଛି ଓଡ଼ିଶା ହକି। ଗୋଟିଏ ମ୍ୟାଚ୍‌ରେ ଓଡ଼ିଶା ହକି ଟିମ୍ ୫୦ ଗୋଲ୍ ସ୍କୋର କରିଛି। ବିଶ୍ୱାସ ହେଉ ନ ଥିଲେ ବି ଏହା ସତ୍ୟ। ଅସ୍ମିତା ପୂର୍ବାଞ୍ଚଳ ବାଳିକା ସବଜୁନିୟର ହକିରେ ଓଡ଼ିଶା ୫୦–୦ ଗୋଲରେ ତ୍ରିପୁରାକୁ ପରାସ୍ତ କରିଛି। ଅସ୍ମିତା ପୂର୍ବାଞ୍ଚଳ ସବଜୁନିୟର ବାଳିକା ହକି ଲିଗ୍‌ରେ ଜାତୀୟ ଚମ୍ପିଅନ ଓଡ଼ିଶା ବାଳିକା ଦଳ ରେକର୍ଡ କରିଛି। ଗୌହାଟୀର ଭେଟପାଡ଼ା ମହମ୍ମଦ ତୈବୁଲା ହକି ଷ୍ଟାଡିୟମରେ



ଖେଳାଯାଇଥିବା ମ୍ୟାଚ୍‌ରେ ତ୍ରିପୁରାକୁ ୫୦–୦ ଗୋଲରେ ହରାଇଛି। ଜାତୀୟ ପ୍ରତିଯୋଗିତରେ ବିଶେଷ କରି ଅସ୍ମିତା ହକିରେ ଏହା ଏକ ଜାତୀୟ ରେକର୍ଡ। ହକି ଇଣ୍ଡିଆ ପକ୍ଷରୁ ଆୟୋଜିତ ଯେକୌଣସି ବୟସବର୍ଗର ଟୁର୍ଣ୍ଣାମେଣ୍ଟରେ ଗୋଟିଏ ମ୍ୟାଚରେ ୫୦ ଗୋଲ୍ କରିବା ଏକ ବିରଳ ରେକର୍ଡ। ମ୍ୟାଚରେ ପ୍ରଥମ ମିନିଟରୁ ଗୋଲ୍ ଆରମ୍ଭ କରିଥିବା ଓଡ଼ିଶା ଦଳ ୬୦ ମିନିଟରେ ଶେଷ ଗୋଲ ଦେଇଥିଲା। ମ୍ୟାଚ୍‌ର ପ୍ରତି ୫ ମିନିଟରେ ହାରାହାରି ୪ଟି ଗୋଲ୍ ଦେଇଥିଲେ। ପ୍ରତି ୧.୨ ମିନିଟରେ ଗୋଟିଏ ଲେଖାଏଁ ଗୋଲ କରିଥିଲେ। ଓଡ଼ିଶା ପକ୍ଷରୁ ପ୍ରିୟଙ୍କା ମିଞ୍ଜ, ବ୍ୟକ୍ତିଗତ ୮ଟି ଗୋଲ ଦେଇଥିଲାବେଳେ ପ୍ରିୟଙ୍କା ଅସୀମା ଏକ୍କା ୬ଟି, ରଶ୍ମି କୁଜୁର ୫ଟି ବ୍ୟକ୍ତିଗତ ଗୋଲ କରିଥିଲେ। ତ୍ରିପୁରା ବିପକ୍ଷ ମ୍ୟାଚରେ ଓଡ଼ିଶା ପ୍ରଥମ କ୍ୱାର୍ଟରରେ ୧୦ଟି, ଦ୍ୱିତୀୟ କ୍ୱାର୍ଟରରେ ୮ ଗୋଲ ସ୍କୋର କରିଥିଲା। ପ୍ରଥମାର୍ଦ୍ଧ ଶେଷ ବେଳକୁ ୧୮–୦ର ଅଗ୍ରଣୀ ହାସଲ କରିଥିବା ଓଡ଼ିଶା ବାକି ୨ଟି କ୍ୱାର୍ଟରରେ ୧୭ ଓ ୧୫ ଗୋଲ ସ୍କୋର କରିଥିଲା।

# ପାକିସ୍ତାନଠାରୁ ହାରିବା ପରେ ଜବାବ ମାଗିଲା ବିସିସିଆଇ

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପାକିସ୍ତାନଠାରୁ ଭାରତର ୧୯ ବର୍ଷରୁ କମ ଫାଇନାଲ ପରାଜୟରେ ଅସନ୍ତୁଷ୍ଟ ଥିବା ଜଣାପଡ଼ିଛି। ଟୁର୍ଣ୍ଣାମେଣ୍ଟରେ ଉପବିଜେତା ପାଇଁ ଦଳର ଅଧିନାୟକ ଆୟୁଷ ମହାତ୍ରେ ଏବଂ ମୁଖ୍ୟ ପ୍ରଶିକ୍ଷକ ଋଷିକେଶ କାନିତକରଙ୍କଠାରୁ 'ବ୍ୟାଖ୍ୟା' ବା ଜବାବ ଲୋଡ଼ିବ। କ୍ରିକବଜ ଅନୁଯାୟୀ, ସୋମବାର ବୋର୍ଡର ଆପେକ୍ସ କାଉନସିଲ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ସମସ୍ତ ସଦସ୍ୟ ଅନୁଭବ କରିଛନ୍ତି ଯେ ଏକ 'ସମୀକ୍ଷା' ଆବଶ୍ୟକ।

ଫାଇନାଲରେ ବଏଜ ଇନ ବ୍ଲୁ ୧୯୨ ରନରେ ପାକିସ୍ତାନଠାରୁ ହାରିଥିଲା। ଏହା ଟୁର୍ଣ୍ଣାମେଣ୍ଟରେ ସେମାନଙ୍କର ଏକମାତ୍ର ପରାଜୟ ଥିଲା। ସେମାନେ ଗ୍ରୁପ ପର୍ଯ୍ୟାୟରେ ପ୍ରାଧାନ୍ୟ ବିସ୍ତାର କରିଥିଲେ ଏବଂ ଶେଷ ଚାମ୍ପିଅନମାନଙ୍କୁ ମଧ୍ୟ ପରାସ୍ତ କରିଥିଲେ। ଏହି 'ସମୀକ୍ଷା'ର ଗଭୀରତା ସ୍ପଷ୍ଟ ନୁହେଁ, କିନ୍ତୁ ଭାରତୀୟ ପୁରୁଷ କ୍ରିକେଟର ଅତ୍ୟନ୍ତ ପ୍ରତିଯୋଗିତାମୂଳକ ମାନଦଣ୍ଡ ସହିତ, ବୟସ-ଗୋଷ୍ଠୀ ଟୁର୍ଣ୍ଣାମେଣ୍ଟରେ କିଶୋରମାନଙ୍କ ପ୍ରଦର୍ଶନ ପରୀକ୍ଷା କରିବା ବିରଳ। ରିପୋର୍ଟରେ କୁହାଯାଇଛି ଯେ ବିସିସିଆଇ ଜାନୁଆରୀ-ଫେବୃଆରୀ ୨୦୨୬ରେ ହେବାକୁ ଥିବା ୧୯ ବର୍ଷରୁ କମ ବିଶ୍ୱକପ ବିଚାର କରି ଯେକୌଣସି ସମସ୍ୟାର ଶୀଘ୍ର ସମାଧାନ କରିବାକୁ ଚାହୁଁଛି।

# ଆନ୍ତଃ କଲେଜ କ୍ରିକେଟ : ସାଲେପୁର ଓ ମା' ତାରିଣୀ କଲେଜ ବିଜୟୀ




**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ବ୍ୟାସନଗର ମହାବିଦ୍ୟାଳୟ ଠାରେ ଚାଲୁଥିବା ଉତ୍କଳ ବିଶ୍ୱବିଦ୍ୟାଳୟ ଆନ୍ତଃ କଲେଜ କ୍ରିକେଟ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ଦିନ ଖେଳର ପ୍ରଥମ ମ୍ୟାଚ୍ ସାଲେପୁର ଓ ଚିଉଲ କଲେଜ ମଧ୍ୟରେ ହୋଇଥିଲା। ଟସ୍ ଜିତି ଚିଉଲ କଲେଜ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୫୬ ରନ କରିଥିଲେ। ସାଲେପୁର କଲେଜ ୭.୪ ଓଭରରେ ୫ ଉଇକେଟ ହରାଇ ୫୭ ରନ କରି ୫ ଉଇକେଟରେ ବିଜୟୀ ହୋଇଥିଲା। ସାଲେପୁରର ଏମ.ଡି. ଆସିଫିଙ୍କୁ ତେଜ ହୋଣ୍ଡା ତରଫରୁ ମ୍ୟାନ ଅଫ ଦ ମ୍ୟାଚ୍ ପୁରସ୍କାର ଦିଆଯାଇଥିଲା। ଦ୍ୱିତୀୟ ମ୍ୟାଚ୍ କେନ୍ଦ୍ରାପଡ଼ା ଓ ମା' ତାରିଣୀ କଲେଜ ମଧ୍ୟରେ ହୋଇଥିଲା। ଟସ୍‌ରେ ବିଜୟୀ ହୋଇ କେନ୍ଦ୍ରାପଡ଼ା ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ପାଣିକୋଇଲି ନିର୍ଦ୍ଧାରିତ ୧୫ ଓଭରରେ ୫ ଉଇକେଟ ହରାଇ ୧୨୧ ରନ କରିଥିଲେ। ଏହାର ଜବାବରେ କେନ୍ଦ୍ରାପଡ଼ା ୧୫ ଓଭରରେ ୯ ଉଇକେଟ ହରାଇ ୮୮ ରନ କରିଥିଲେ। ପାଣିକୋଇଲିର ଏମ.ଡି. ସୋହେଲଙ୍କୁ ତେଜ ହୋଣ୍ଡା ତରଫରୁ ମ୍ୟାନ ଅଫ ଦ ମ୍ୟାଚ୍ ପୁରସ୍କାର ଦିଆଯାଇଥିଲା। ଖେଳକୁ ପବିତ୍ର ମଲ୍ଲିକ, ଶୁଭମ୍ ବିଶ୍ୱାଳ, କଳ୍ପତରୁ ପରିଡ଼ା ପରିଚାଳନା କରିଥିଲେ।

# ସାଂସଦ ଖେଳ ମହୋତ୍ସବ : କ୍ରିକେଟ ଫାଇନାଲରେ କଟକ ସଦର ଓ ବଡ଼ମ୍ବା ବିଜୟୀ



**କଟକ, ନ୍ୟୁଜ୍ ବ୍ୟୁରୋ**

ନାଗରିକମାନଙ୍କ ମଧ୍ୟରେ ଖେଳ ସଂସ୍କୃତିକୁ ପ୍ରୋତ୍ସାହନ ଦେବା ସହ ଯୁବ ସମାଜରେ ନେତୃତ୍ୱକୁ ଉତ୍ସାହିତ କରିବା ଏବଂ ଫିଟ୍ ଇଣ୍ଡିଆର ସନ୍ଦେଶକୁ ପ୍ରତ୍ୟେକ ଘରେ ପହଞ୍ଚାଇବା ଲକ୍ଷ୍ୟ ନେଇ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଚାଲିଥିବା ସାଂସଦ ଖେଳ ମହୋତ୍ସବର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ମ୍ୟାଚ୍‌ଗୁଡ଼ିକୁ ସାଂସଦ ଭର୍ତ୍ତୃହରି ମହତାବ ବୁଲି ଦେଖିବା ସହ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଡଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ସାଂସଦଙ୍କ ସହ ଉପସ୍ଥିତ ରହି ବିଭିନ୍ନ ସ୍ପୋର୍ଟସ୍ ଗ୍ରାଉଣ୍ଡରେ ଖେଳାଳିମାନଙ୍କ ମନୋବଳ ବୃଦ୍ଧି କରିଥିଲେ। ମଙ୍ଗଳବାର ନିମପୁର ସ୍ପୋର୍ଟସ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ୨୫ ବର୍ଷରୁ କମ୍ ବାଳକ ଫାଇନାଲ କ୍ରିକେଟ ମ୍ୟାଚ୍‌ରେ କଟକ ସଦର ଦଳ ୧୦ ୱିକେଟରେ ବିଜୟୀ ହୋଇଛି। କଟକ ସଦର ଓ ବଡ଼ମ୍ବା ମଧ୍ୟରେ ଅନୁଷ୍ଠିତ ଫାଇନାଲରେ କଟକ ସଦର ଦଳ ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ବଡ଼ମ୍ବା ଦଳ ୮ ଓଭରରେ ୮ ୱିକେଟ ହରାଇ ୭୮ ରନ୍ ସଂଗ୍ରହ କରିଥିବା ବେଳେ କଟକ ସଦର ଦଳ ମାତ୍ର ୪ ଓଭରରେ ୮୦ ରନ୍ ସଂଗ୍ରହ କରିନେଇଥିଲା। ସେହିପରି ୧୭ ବର୍ଷରୁ କମ୍ ବାଳକ କ୍ରିକେଟ ବର୍ଗରେ ବଡ଼ମ୍ବା ଦଳ ଆଠଗଡ଼ ଦଳକୁ ୪୮ ରନ୍‌ରେ ହରାଇ ଚାମ୍ପିଅନ୍ ହୋଇଛି। ବଡ଼ମ୍ବା ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତି ନେଇ ନିର୍ଦ୍ଧାରିତ ୮ ଓଭରରେ ୧୦୫ ରନ୍ ସଂଗ୍ରହ କରିଥିଲା। ଆଠଗଡ଼ ଦଳ ୭ ଓଭର ୫ଟି ବଲରେ ସମସ୍ତ ଉଇକେଟ ହରାଇ ମାତ୍ର ୫୮ ରନ୍ ସଂଗ୍ରହ କରିପାରିଥିଲା। ଅନ୍ୟପକ୍ଷରେ ସତ୍ୟବ୍ରତ ଷ୍ଟାଡିୟମରେ ଚାଲିଥିବା ଖୋ ଖୋ ଫାଇନାଲରେ ଆଠଗଡ଼ ଦଳ ବଡ଼ମ୍ବା ଦଳକୁ ହରାଇ ଚାମ୍ପିଅନ ହୋଇଛି। ସେହିପରି ବାରବାଟୀ ଷ୍ଟାଡିୟମ କବାଡ଼ି ଗ୍ରାଉଣ୍ଡରେ ଅନୁଷ୍ଠିତ ୨୫ ବର୍ଷରୁ ଉର୍ଦ୍ଧ୍ୱ ବାଳକ ଫାଇନାଲରେ ବାରବାଟୀ କଟକ ନରସିଂପୁରକୁ ୩୧–୨୩ ପଏଣ୍ଟରେ ପରାସ୍ତ କରି ଚାମ୍ପିଅନ ହୋଇଥିବା ବେଳେ ୨୫ ବର୍ଷରୁ କମ୍ ବାଳକ କବାଡ଼ି ଫାଇନାଲରେ ବାରବାଟୀ କଟକ ଦଳ ବଡ଼ମ୍ବାକୁ ୪୨–୨୬ରେ ପରାସ୍ତ କରିଛି ଏବଂ ୨୫ ବର୍ଷରୁ କମ୍ ବାଳିକା କବାଡ଼ି ଫାଇନାଲରେ ବାରବାଟୀ କଟକ ଚୌଦ୍ୱାରକୁ ୪୩–୯ ପଏଣ୍ଟରେ ପରାସ୍ତ କରି ଚାମ୍ପିଅନ୍ ହୋଇଛି। ଆସନ୍ତା ୨୫ ତାରିଖରେ ସାଂସଦ ଖେଳ ମହୋତ୍ସବର ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହେବ। ଏହିଦିନ ୧୭ ବର୍ଷରୁ କମ୍ ଫୁଟବଲ ଫାଇନାଲ ଓ ଖୋ ଖୋ ଫାଇନାଲ ମ୍ୟାଚ୍ ଖେଳାଯିବା ସହ ପୁରସ୍କାର ବିତରଣୀ କରାଯିବ।



ଦ୍ୱିତୀୟ ଟି–୨୦ : ଶ୍ରୀଲଙ୍କାକୁ ୭ ୱିକେଟରେ ହରାଇଲା ମହିଳା ଭାରତୀୟ ଦଳ।

# ୨ଦିନିଆ ସାଂସଦ ଖେଳ ମହୋତ୍ସବ ଉଦ୍‌ଯାପିତ






**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ବାରିପଦା ସ୍ଥିତ ଷ୍ଟାଡିୟମ ପଡିଆ ଠାରେ ଜିଲ୍ଲା ପ୍ରଶାସନର ତତ୍ତ୍ୱାବଧାନରେ ଆୟୋଜିତ 'ସାଂସଦ ଖେଳ ମହୋତ୍ସବ' ଜିଲ୍ଲା ସ୍ତରୀୟ ଖେଳ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟସଭା ସାଂସଦ ମମତା ମହାନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିବା ସହ ଖେଳାଳି ମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଡଃ ସୁଭାଶିଷ ନାୟକ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ, ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ପୁରସ୍କାର ବିତରଣ କରିଥିଲେ। ପୁରୁଷ ବିଭାଗରେ ହୋଇଥିବା ଫୁଟବଲ ପ୍ରତିଯୋଗିତାରେ ୩୨ଟି ଦଳ ଅଂଶଗ୍ରହଣ କରିଥିବାବେଳେ ଏସଏସବି, ଶାଳବଣୀ ଚାମ୍ପିଅନ ଓ ହିମେଶ ଫାଇଟର, ବାରିପଦା ରନର୍ସଅପ ହୋଇଥିଲେ। ମହିଳା ବର୍ଗରେ ଅନୁଷ୍ଠିତ କବାଡ଼ି ପ୍ରତିଯୋଗିତାରେ ୧୨ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ସାଗେନ କ୍ଲବ, ରାଶଗୋବିନ୍ଦପୁର ଚାମ୍ପିଅନ ଓ ଟିଟିଆଇ, ତକତପୁର ରନର୍ସଅପ ହୋଇଥିଲେ। ଉଭୟ ପ୍ରତିଯୋଗିତାର ଚାମ୍ପିଅନ ଦଳକୁ ୨୦ ହଜାର ପ୍ରୋତ୍ସାହନ ରାଶି ଓ ଟ୍ରଫି ଏବଂ ରନର୍ସଅପ ଦଳକୁ ୧୫ ହଜାର ପ୍ରୋତ୍ସାହନ ରାଶି ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଅବସରରେ କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜିଲ୍ଲା କ୍ରୀଡ଼ା ଅଧିକାରୀ ଡଃ ଶୁଭାଶିଷ ନାୟକ, ଶିକ୍ଷକ ତଥା କ୍ରୀଡ଼ାବିତ୍ ସୋମନାଥ ସିଂହ, କ୍ରୀଡ଼ା ଶିକ୍ଷା ଶିକ୍ଷକ ସୁନୀଲ କୁମାର ମହାନ୍ତ ଓ ଦିବ୍ୟରଞ୍ଜନ ମହାନ୍ତଙ୍କୁ ସାଂସଦ ଶ୍ରୀ ମହାନ୍ତ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଖେଳ ମହୋତ୍ସବକୁ ସଫଳ କରିଥିବା ସମସ୍ତ ଅଫିସିଆଲ ମାନଙ୍କୁ ମଧ୍ୟ ପ୍ରଶଂସା ପତ୍ର ଓ ଉପଢୌକନ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଶ୍ରୀ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# 'ରୋଜା'ର ଅଷ୍ଟାଦଶତମ ବାର୍ଷିକ ଉତ୍ସବ

**ଜଟଣୀ, ନ୍ୟୁଜ୍ ବ୍ୟୁରୋ**

ଜଟଣୀସ୍ଥିତ ୧୧୦ ବର୍ଷର ରେଲୱେ ସ୍କୁଲ ପୁରାତନ ଛାତ୍ର ସଂଗଠନ (ରୋଜା)ର ଅଷ୍ଟାଦଶତମ ବାର୍ଷିକ ଉତ୍ସବ ଶିକ୍ଷାନୁଷ୍ଠାନ ପରିସରରେ ରବିବାର ଅନୁଷ୍ଠିତ ହୋଇଛି। ରୋଜା ସଭାପତି ଡାକ୍ତର ପ୍ରସନ୍ନ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ହୋଇଥିଲା। ଏଥିରେ ବିଶିଷ୍ଟ ସାହିତ୍ୟିକ ଦାଶ ବେନହୁର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଭଲନମ୍ବର ରଖିଦେଲେ ଯେ ଜଣେ ଭଲ ବିଦ୍ୟାର୍ଥୀ ହୋଇଯିବ ତା' ନୁହେଁ, ଜଣେ ଶୃଙ୍ଖଳିତ, ସମୟାନୁବର୍ତ୍ତିତା ଉପରେ ଗୁରୁତ୍ୱ ଦେଉଥିବା ଓ ଭଲ ସଂସ୍କାର ପାଇପାରିଲେ ଜଣେ ଉତ୍ତମ ଛାତ୍ର ବା ଛାତ୍ରୀ ଭାବେ ପରିଗଣିତ ହୋଇପାରିବ। ପୁରାତନ ଛାତ୍ର ତଥା ପୂର୍ବତନ ରାଜ୍ୟ ସୂଚନା କମିଶନର ଜଗଦାନନ୍ଦ, ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସବିତା କୁମାରୀ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। 'ରୋଜା'ର ସାଧାରଣ ସଂପାଦିକା ପ୍ରଣତି ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ସ୍ମରଣିକା 'ଆମ ସ୍କୁଲ' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ୫୦ ବର୍ଷ ପୂର୍ବେ ମାଟ୍ରିକ୍ ପରୀକ୍ଷା ଦେଇଥିବା ୧୯୭୫ ମସିହା ବ୍ୟାଚ୍‌ର ପୁରାତନ ବିଦ୍ୟାର୍ଥୀଙ୍କୁ ଏଥିରେ ସମ୍ବର୍ଦ୍ଧିତ କରାଯାଇଥିଲା। ଯୋଗଦେଇ ଥିବା ୧୯୫୮ ବ୍ୟାଚ୍‌ର ୮୪ ବର୍ଷ ବୟସରେ ପଦାର୍ପଣ କରିଥିବା ଦୁଇ ପୁରାତନ ଛାତ୍ର ଭରତଚନ୍ଦ୍ର ରାଉତରାୟ ଓ ନଗେନ୍ଦ୍ର ଷଡ଼ଙ୍ଗୀଙ୍କୁ ସମ୍ମାନୀତ କରାଯାଇଥିଲା। ସ୍କୁଲର ଅବସରପ୍ରାପ୍ତ କେତେକ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା ରୋଜା ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇ ଥିଲା। ରୋଜାର ପୁରାତନ ଛାତ୍ର ରଞ୍ଜିତ ଦାସଙ୍କ ସଂଯୋଜନାରେ ଉତ୍ସବ ପରିଚାଳିତ ହୋଇଥିଲା। ଉତ୍ସବରେ ରାଧାମୋହନ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ଅଶୋକ ଦାସ, ବିନୋଦ ମିଶ୍ର, ଡ. ଗୌରୀ ପ୍ରସାଦ ସିଂ, ଡାକ୍ତର ସଞ୍ଜୟ ଦାସ, ଅରୁଣ କୁମାର ମହାନ୍ତି, ସୁବ୍ରତ ପଣ୍ଡା, ପ୍ରଦୀପ୍ତ ପଟ୍ଟନାୟକ, ମନୋଜ ବିଶ୍ୱାଳ, ଡ. ତପନ ମିଶ୍ର, ସୁନୀଲ ପାଢ଼ୀ, ଆଲତାଫ, ଅରୁଣା ପଣ୍ଡା, କାକୋଲି ମୁନ୍ସୀ, ସୁମିତ୍ରା ପ୍ରଧାନ, ଶୁଭେନ୍ଦୁ ମିଶ୍ରଙ୍କ ସମେତ ଅନେକ ପୁରାତନ ବିଦ୍ୟାର୍ଥୀ ଯୋଗଦେଇଥିଲେ।

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା** CAD-2809
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧ ୦୦୧
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ : (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org.
ପତ୍ର ସଂଖ୍ୟା : ୨୭୮ ତା.୧୬.୧୨.୨୦୨୫

**ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ-ଏଲ୍‌ଆଇଭି-୩୩ (LIV-33), ଡୁମୁଡୁମା, ଫେଜ୍-୪, ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ଲକ୍ଷ୍ମୀନାରାୟନ ସିଂ, ପିତା-ଦ୍ୱଭରତ ସିଂ, ଅନନ୍ତ ନାରାୟନ ସିଂ, ପିତା- ଲକ୍ଷ୍ମୀନାରାୟନ ସିଂ, ସା-ମଙ୍ଗଳା ସାହି (ଡଗରପଡ଼ା), ପୋ-ଚାନ୍ଦିନୀଚୌକ, ଥାନା-ଲାଲବାଗ, ଜିଲ୍ଲା-କଟକଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଲକ୍ଷ୍ମୀନାରାୟନ ସିଂ ଏବଂ ଅନନ୍ତ ନାରାୟନ ସିଂ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ପ୍ରଦିପ୍ତ କୁମାର ଖଟୁଆ, ପିତା-ପ୍ରଫୁଲ୍ଲ କୁମାର ଖଟୁଆ, ସା-କାହ୍ନାପୁର, ପୋ-ସଲମଙ୍ଗା, ଥାନା-ତିର୍ତ୍ତୋଲ, ଜିଲ୍ଲା-ଜଗତସିଂହପୁରଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି / ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ।

ସ୍ୱା/- ପ୍ରଶାସନିକ ଅଧିକାରୀ
OIPR-13030/11/1025/2526 ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

**GOVERNMENT OF ODISHA** M-51
**OFFICE OF THE EXECUTIVE ENGINEER (C), DIRECTORATE OF FISHERIES, ODISHA, CUTTACK**
E-MAIL: - eefedcuttack@gmail.com
**Bid identification No. 2176 / Dt. 20.12.2025 //**

| | | |
|---|---|---|
| 1. | No. of works | : 01 (ONE) Number of Civil works. |
| 2. | Type of works | : Civil works. |
| 3. | Approximate Estimated Cost | : ₹. 20.91 Lakhs |
| 4. | Class of Contractor | : 'C' |
| 5. | Period of Completion | : 02 [TWO] Calendar months. |
| 6. | Date of Sale & Receipt | : Dt. 26.12.2025 to 2.00 PM of Dt. 03.01.2026. (Working days only). |
| 7. | Date of Opening | : Dt. 05.01.2026 at 11:00 AM. |
| 8. | Name of Office inviting Bid | : Executive Engineer (C), Directorate of Fisheries, Odisha, Cuttack. |

Further details can be seen in the bidding documents & can be down loaded from the Government of Odisha website (http.//www.odisha.gov.in). Authority reserves the right to reject any or all the tenders without assigning any reasons thereof.

Sd/- Executive Engineer (C)
Directorate of Fisheries, Odisha, Cuttack
OIPR-06030/11/0054/2526

# ରାଜଆଠଗଡ଼ ଏବଂ ଜୋରନ୍ଦା ରୋଡ୍ ମଧ୍ୟରେ ରେଳବାଇର ନିରାପତ୍ତା ଆଧୁନିକୀକରଣ କାର୍ଯ୍ୟ ସମାପ୍ତ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବୁଢାପଙ୍କ-ଶାଳଗାଁ ତୃତୀୟ ଏବଂ ଚତୁର୍ଥ ଲାଇନର କାର୍ଯ୍ୟକ୍ଷମ ସହିତ ଜଡିତ ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ରାଜଆଠଗଡ଼ ଏବଂ ଜୋରନ୍ଦା ରୋଡ୍ ରେଳ ଷ୍ଟେସନ ମଧ୍ୟରେ ରାଜଆଠଗଡ଼ ଷ୍ଟେସନ ଠାରେ ନିରାପତ୍ତା ସମ୍ବନ୍ଧୀୟ ଆଧୁନିକୀକରଣ ଏବଂ ନନ୍-ଇଣ୍ଟରଲକିଂ କାର୍ଯ୍ୟ ସଫଳତାର ସହ ସମାପ୍ତ କରାଯାଇଥିବା ବେଳେ ଭିତ୍ତିଭୂମି ନିର୍ଭରଯୋଗ୍ୟତାକୁ ସୁଦୃଢ଼ କରିବା ଏବଂ ଏହି ଅଞ୍ଚଳରେ ସୁଗମ, ସୁରକ୍ଷିତ ଟ୍ରେନ୍ ପରିଚାଳନା ସୁନିଶ୍ଚିତ କରିବା ଲକ୍ଷ୍ୟ ରଖାଯାଇଅଛି।

ନିରାପତ୍ତା ଜନିତ ଆଧୁନିକୀକରଣ କାର୍ଯ୍ୟଗୁଡ଼ିକ ୧୩ ଡିସେମ୍ବରରୁ ୨୦ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ଏକ ବ୍ୟାପକ କାର୍ଯ୍ୟକ୍ରମର ଅଂଶ ହୋଇଥିଲା ଯେଉଁଥିରେ ଟ୍ରାକ୍ ପୁନଃବ୍ୟବସ୍ଥିତି, ନୂତନ ଟ୍ରାକ୍ ସଂଯୋଗ ଏବଂ ରେଳ କ୍ରସିଂ କାର୍ଯ୍ୟ ଅନ୍ତର୍ଭୁକ୍ତ ଥିଲା ଯାହା ଏହିଠାରେ ଥିବା ପୁରୁଣା ଭିତ୍ତିଭୂମିର ଆଧୁନିକୀକରଣ ଏବଂ ଭବିଷ୍ୟତର ଟ୍ରାଫିକ ଅଭିବୃଦ୍ଧି ମାର୍ଗରେ ରେଳ ସେକ୍ସନକୁ ପ୍ରସ୍ତୁତ କରିବା ପାଇଁ ଏହି କାର୍ଯ୍ୟ ଅନିର୍ବାଜ୍ୟ ଥିଲା।

ନିରାପତ୍ତା ଏବଂ ଭିତ୍ତିଭୂମି ନିର୍ଭରଯୋଗ୍ୟତା ଉପରେ ଧ୍ୟାନ : ରାଜଆଠଗଡ଼ ଏବଂ ଜୋରନ୍ଦା ରୋଡ୍ ରେଳ ସେକ୍ସନ ଟ୍ରାକ୍ ଏବଂ ସମ୍ପୃକ୍ତ ରେଳ ଭିତ୍ତିଭୂମିର ପୁଙ୍ଖାନୁପୁଙ୍ଖ ପରୀକ୍ଷା ଏବଂ ଉନ୍ନତିକରଣ କରାଯାଇଥିଲା। ଆଧୁନିକୀକରଣ ଏବଂ ନବୀକରଣ କରାଯାଇଥିବା ମୁଖ୍ୟ ଉପାଦାନଗୁଡ଼ିକ ମଧ୍ୟରେ ଟ୍ରାକ୍ ଜ୍ୟାମିତି ଏବଂ ଆଲାଇନମେଣ୍ଟ, ଟର୍ଣ୍ଣଆଉଟ୍ ଏବଂ କ୍ରସିଂ, ସିଗ୍‌ନାଲିଂ ଏବଂ ଇଣ୍ଟରଲକିଂ ସିଷ୍ଟମ, ସେତୁ ଏବଂ ଛୋଟ ଛୋଟ ଗଠନ ମୂଳକ କାର୍ଯ୍ୟ, ଓଭରହେଡ୍ ଉପକରଣ ଇଣ୍ଟରଫେସ୍, ଡ୍ରେନେଜ୍ ବ୍ୟବସ୍ଥା, ସୁରକ୍ଷା କାର୍ଯ୍ୟ ଏବଂ ବାଡ଼/ବାଉଣ୍ଡ୍ରି କାର୍ଯ୍ୟ ଅନ୍ତର୍ଭୁକ୍ତ। ବର୍ଦ୍ଧିତ କାର୍ଯ୍ୟକ୍ଷମ ନିରାପତ୍ତା ଏବଂ ଦୀର୍ଘକାଳୀନ ଭିତ୍ତିଭୂମି ନିର୍ଭର ଯୋଗ୍ୟତା ସୁନିଶ୍ଚିତ କରିବା ପାଇଁ ଏହି ପଦକ୍ଷେପଗୁଡ଼ିକ ଅତ୍ୟାବଶ୍ୟକ ଅଟେ।

ତୃତୀୟ ଏବଂ ଚତୁର୍ଥ ଲାଇନ କାର୍ଯ୍ୟର ଅଗ୍ରଗତି : ଏହି ଆଧୁନିକୀକରଣ କାର୍ଯ୍ୟ କଟକ ଏବଂ ଅନୁଗୁଳ ମଧ୍ୟରେ ବୁଢାପଙ୍କ-ରାଜଆଠଗଡ଼-ଶାଳଗାଁ ରେଳ ସେକ୍ସନରେ ଚାଲୁରହିଥିବା ତୃତୀୟ ଏବଂ ଚତୁର୍ଥ ଲାଇନ କ୍ଷମତା ବୃଦ୍ଧି ପ୍ରକଳ୍ପ ସହିତ ଘନିଷ୍ଠ ଭାବରେ ଜଡ଼ିତ। ଜାତୀୟ ଗୁରୁତ୍ୱର ଏହି ଗୁରୁତ୍ୱପୂର୍ଣ୍ଣ କରିଡ଼ର ପଣ୍ୟବାହୀ ଟ୍ରେନ ସହିତ ବହୁ ସଂଖ୍ୟକ ଯାତ୍ରୀବାହୀ ଟ୍ରେନ ପରିଚାଳନା



କରେ ଯେଉଁଥିରେ ଦେଶର ବିଭିନ୍ନ ପ୍ରାନ୍ତରେ ଥିବା ପାୱାର ହାଉସ ଏବଂ ଶିଳ୍ପ ହବ୍ ପାଇଁ ଟ୍ରାଫିକ୍ ପଣ୍ୟ ପରିବହନ ଅନ୍ତର୍ଭୁକ୍ତ ଥାଏ। ନନ-ଇଣ୍ଟରଲକିଙ୍ଗ କାର୍ଯ୍ୟ ସମାପ୍ତ ହେବା ଦ୍ୱାରା ଅତିରିକ୍ତ ରେଳ ଲାଇନ କାର୍ଯ୍ୟର ଦ୍ରୁତ କାର୍ଯ୍ୟାନ୍ୱୟନ ଏବଂ କାର୍ଯ୍ୟକ୍ଷମ ନମନୀୟତା ମଧ୍ୟ ଉନ୍ନତ ହେବ।

ଏକ ଉଚ୍ଚ-ଘନତା ରେଳ ସେକ୍ସନର ପ୍ରମୁଖ ପୁନର୍ଗଠନ : ବୁଢାପଙ୍କ-ଶାଳଗାଁ ରେଳ ସେକ୍ସନ ହେଉଛି ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ସବୁଠାରୁ ବ୍ୟସ୍ତତମ ରେଳ ସେକ୍ସନ ମଧ୍ୟରୁ ଗୋଟିଏ ଯାହା ପ୍ରତିଦିନ ହଜାର ହଜାର ଯାତ୍ରୀଙ୍କୁ ପରିବହନ କରେ ଏବଂ ପଣ୍ୟ ପରିବହନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ବର୍ଦ୍ଧିତ ଟ୍ରାଫିକ ଚାହିଦା ପୂରଣ କରିବା ପାଇଁ ପ୍ରମୁଖ ପୁନର୍ଗଠନ ଓ ମରାମତି କାର୍ଯ୍ୟ ଯୋଜନାକୁ କାର୍ଯ୍ୟକାରୀ କରାଯାଇଥିଲା ଯେଉଁଥିରେ ୟାର୍ଡ ଲେଆଉଟ୍ ପରିବର୍ତ୍ତନ, ସିଗନାଲିଂ ପରିବର୍ତ୍ତନ, ସ୍ଲିପର ଏବଂ ପଏଣ୍ଟ ସମେତ ଟ୍ରାକ୍ ଉପାଦାନଗୁଡ଼ିକର ନବୀକରଣ ଏବଂ ଓଭରହେଡ୍ ଉପକରଣରେ ସଂଶୋଧନ ଅନ୍ତର୍ଭୁକ୍ତ ଅଟେ। ଏହି କାର୍ଯ୍ୟଗୁଡ଼ିକ ସୁରକ୍ଷିତ ଏବଂ ଅଧିକ ସମୟାନୁବର୍ତ୍ତୀ ଟ୍ରେନ୍ ସେବାରେ ଯୋଗଦାନ କରିବା ପାଇଁ ବିଶେଷ ପ୍ରୟାସ ଅଟେ।

ଯାତ୍ରୀ-କୈନ୍ଦ୍ରିକ ପଦ୍ଧତି : କାର୍ଯ୍ୟକାରୀ ଅବଧି ମଧ୍ୟରେ ଏହି ମାର୍ଗରେ ଚଳାଚଳ କରୁଥିବା କିଛି ଟ୍ରେନ୍ ଗୁଡିକୁ ଅସ୍ଥାୟୀ ଭାବରେ ପୁନଃନିର୍ଦ୍ଧାରିତ, ମାର୍ଗ ପରିବର୍ତ୍ତନ କିମ୍ବା ବାତିଲ କରାଯାଇଥିଲା। ଯାତ୍ରୀଙ୍କ ବୃହତ୍ତର ସ୍ୱାର୍ଥ ଏବଂ ଭବିଷ୍ୟତର କାର୍ଯ୍ୟକ୍ଷମ ଦକ୍ଷତା ପାଇଁ ଏହି ପଦକ୍ଷେପ ନିଆଯାଇଥିଲା। ଏପରି ଯୋଜନାବଦ୍ଧ ହସ୍ତକ୍ଷେପ ଭାରତୀୟ ରେଳବାଇକୁ ଦୀର୍ଘକାଳୀନ ଭାବରେ ଅଧିକ ନମନୀୟ, ନିର୍ଭରଯୋଗ୍ୟ ଏବଂ ସମୟାନୁବର୍ତ୍ତୀ ଟ୍ରେନ୍ ପରିଚାଳନା ପ୍ରଦାନ କରିବାକୁ ସକ୍ଷମ କରିଥାଏ।

ଆଧୁନିକୀକରଣ ଏବଂ ନନ-ଇଣ୍ଟରଲକିଙ୍ଗ କାର୍ଯ୍ୟର ପ୍ରମୁଖ ଲାଭ : ଉନ୍ନତ ଟ୍ରାକ୍, ସିଗନାଲିଂ ଏବଂ ଇଣ୍ଟରଲକିଂ ସିଷ୍ଟମ ମାଧ୍ୟମରେ ବର୍ଦ୍ଧିତ ନିରାପତ୍ତା ବ୍ୟବସ୍ଥା। ଉନ୍ନତ ଭିତ୍ତିଭୂମି ନିର୍ଭରଯୋଗ୍ୟତା ଏବଂ ସ୍ୱଳ୍ପ ରକ୍ଷଣାବେକ୍ଷଣ ଆବଶ୍ୟକତା। ଅଧିକ ଯାତ୍ରୀ ଏବଂ ପଣ୍ୟ ପରିବହନ ପରିଚାଳନା ପାଇଁ ଲାଇନ୍ କ୍ଷମତା ବୃଦ୍ଧି। ଏକ ଉଚ୍ଚ-ଘନତା ରୁଟରେ ସୁଗମ ଏବଂ ଅଧିକ ନମନୀୟ ଟ୍ରେନ୍ ପରିଚାଳନା। ଯାତ୍ରୀ ଏବଂ ପଣ୍ୟ ପରିବହନ ସେବା ପାଇଁ ଉନ୍ନତ ସମୟାନୁବର୍ତ୍ତୀତା ଏବଂ କାର୍ଯ୍ୟକ୍ଷମ ଦକ୍ଷତା।

ନନ-ଇଣ୍ଟରଲକିଙ୍ଗ କାର୍ଯ୍ୟ ସମୟରେ ଟ୍ରେନ ପରିଚାଳନା : ରାଜଆଠଗଡ଼ ଷ୍ଟେସନରେ ନିରାପତ୍ତା ସମ୍ବନ୍ଧୀୟ ଆଧୁନିକୀକରଣ ଏବଂ ନନ୍-ଇଣ୍ଟରଲକିଂ କାର୍ଯ୍ୟ ସମ୍ପାଦନ ସମୟରେ ଏହି ରେଳ ସେକ୍ସନର ଅଧିକ ଟ୍ରାଫିକ ଘନତା ସତ୍ତ୍ୱେ ଟ୍ରେନ ପରିଚାଳନାରେ ସର୍ବନିମ୍ନ ପ୍ରଭାବ ସୁନିଶ୍ଚିତ କରିବା ପାଇଁ ଯତ୍ନବାନ ଯୋଜନା କରାଯାଇଥିଲା।

ରାଜଆଠଗଡ଼ ଷ୍ଟେସନ ମାର୍ଗ ଦେଇ ପ୍ରତିଦିନ ଉଭୟ ପାର୍ଶ୍ୱରୁ ହାରାହାରି ପ୍ରାୟ ୧୩୦ ଟ୍ରେନ ଚଳାଚଳ କରିଥାଏ ଯେଉଁଥିରେ ଯଥେଷ୍ଟ ସଂଖ୍ୟକ ଯାତ୍ରୀ ଏବଂ କୋଚିଂ ଟ୍ରେନ ଅନ୍ତର୍ଭୁକ୍ତ ଅଟେ। ନନ-ଇଣ୍ଟରଲକିଙ୍ଗ ଅବଧିରେ ଏହି ଭାରୀ ଟ୍ରାଫିକକୁ ସୁରକ୍ଷିତ ଭାବରେ ପରିଚାଳନା କରିବା ପାଇଁ ଯାତ୍ରୀ ନିରାପତ୍ତା ଏବଂ ସୁଗମ ଟ୍ରେନ ଚଳାଚଳ ପାଇଁ ସୁଚିନ୍ତିତ କାର୍ଯ୍ୟକ୍ଷମ ପଦକ୍ଷେପ କାର୍ଯ୍ୟକାରୀ କରାଯାଇଥିଲା।

କୋଚିଂ ଟ୍ରେନ ପରିଚାଳନାର ବିପୁଳ ପରିମାଣକୁ ଦୃଷ୍ଟିରେ ରଖି ଏବଂ ୟାର୍ଡ ମାଧ୍ୟମରେ ସୁରକ୍ଷିତ ଏବଂ ନିୟନ୍ତ୍ରିତ ଗତି ବଜାୟ ରଖିବା ପାଇଁ କାର୍ଯ୍ୟ ଅବଧି ମଧ୍ୟରେ ଦୁଇ ଯୋଡା ଟ୍ରେନ ବାତିଲ କରାଯାଇଥିଲା ଏବଂ ସାତ ଯୋଡା ଟ୍ରେନର ମାର୍ଗ ପରିବର୍ତ୍ତନ କରାଯାଇଥିଲା। ଏହି ସଂଶୋଧନ ଗୁଡ଼ିକୁ ସର୍ବନିମ୍ନ ରଖାଯାଇଥିଲା ଏବଂ ଯାତ୍ରୀମାନଙ୍କୁ ଅସୁବିଧା ହ୍ରାସ କରିବା ପାଇଁ ପୂର୍ବ ଯୋଜନା ସହିତ କାର୍ଯ୍ୟକାରୀ କରାଯାଇଥିଲା।

ନନ-ଇଣ୍ଟରଲକିଙ୍ଗ କାର୍ଯ୍ୟ ସମୟରେ ସୁରକ୍ଷା ପ୍ରୋଟୋକଲର ଅଂଶ ଭାବରେ, ରାଜଆଠଗଡ଼ ଷ୍ଟେସନରେ ସମସ୍ତ ସିଗନାଲିଂ ଗିଅରଗୁଡ଼ିକୁ ବିଛିନ୍ନ କରାଯାଇଥିଲା ଏବଂ ପଏଣ୍ଟଗୁଡ଼ିକର ମାନୁଆଲ୍ ସେଟିଂ ମାଧ୍ୟମରେ ଟ୍ରେନ ପରିଚାଳନା କରାଯାଇଥିଲା। ଯେହେତୁ ମାନୁଆଲ୍ କାର୍ଯ୍ୟ ପାଇଁ ଅତିରିକ୍ତ ସମୟ ଏବଂ ବର୍ଦ୍ଧିତ ସତର୍କତା ଆବଶ୍ୟକ, ଟ୍ରେନ ଚଳାଚଳ ସମୟରେ ସମ୍ପୂର୍ଣ୍ଣ ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ୟାର୍ଡ ସୀମା ମଧ୍ୟରେ ୩୦ କିଲୋମିଟର ପ୍ରତି ଘଣ୍ଟା ବେଗରେ ଟ୍ରେନ ଚଳାଚଳ ପାଇଁ ଏକ ଅସ୍ଥାୟୀ ଗତି ପ୍ରତିବନ୍ଧକ ଲାଗୁ କରାଯାଇଥିଲା। ଏହି ନିୟନ୍ତ୍ରିତ କାର୍ଯ୍ୟକ୍ଷମ ପଦକ୍ଷେପଗୁଡ଼ିକ ଏହି ଗୁରୁତ୍ୱପୂର୍ଣ୍ଣ ଉଚ୍ଚ-ଘନତା ରୁଟରେ ଅତ୍ୟାବଶ୍ୟକ ରେଳ ସେବାର ନିରନ୍ତରତା ବଜାୟ ରଖି ଜଟିଳ ଭିତ୍ତିଭୂମି କାର୍ଯ୍ୟର ନିରାପଦ କାର୍ଯ୍ୟାନ୍ୱୟନକୁ ସୁନିଶ୍ଚିତ କରିଥିଲା।

ପୂର୍ବତଟ ରେଳପଥ ନିରନ୍ତର ଭିତ୍ତିଭୂମି ଉନ୍ନତିକରଣ ଏବଂ ସୁରକ୍ଷା ଓ ନିରାପତ୍ତା ବୃଦ୍ଧି ପାଇଁ ପ୍ରତିବଦ୍ଧ ଥିବାବେଳେ ନିର୍ଭରଯୋଗ୍ୟ ରେଳ ସଂଯୋଗ ଏବଂ ଯାତ୍ରୀମାନଙ୍କ ପାଇଁ ଉନ୍ନତ ଯାତ୍ରା ଅଭିଜ୍ଞତା ସୁନିଶ୍ଚିତ କରୁଅଛି।





## ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଜନ୍ମ ଶତାବାର୍ଷିକୀ

# ନବୀନଙ୍କୁ ନିମନ୍ତ୍ରଣ ପାଇଁ ନବୀନ ନିବାସରେ କଂଗ୍ରେସ ନେତା ନିରଞ୍ଜନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ପୁତ୍ର ତଥା କଂଗ୍ରେସ ନେତା ପୃଥ୍ୱୀ ବଲ୍ଲଭ ପଟ୍ଟନାୟକଙ୍କ ସହିତ ନିରଞ୍ଜନ ପଟ୍ଟନାୟକ ଓ ଆର୍ଯ୍ୟ ଜ୍ଞାନେନ୍ଦ୍ର ମଙ୍ଗଳବାର ନବୀନ ନିବାସରେ ପହଞ୍ଚି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଜନ୍ମ ଶତାବାର୍ଷିକୀ ପାଇଁ ନବୀନ ପଟ୍ଟନାୟକଙ୍କୁ ନିମନ୍ତ୍ରଣ କରିବା ପାଇଁ ସେମାନେ ନବୀନ ନିବାସ ଯାଇଥିବା ସୂଚନା ମିଳିଛି। ଆସନ୍ତା ୩ ତାରିଖରେ କ୍ୟାପିଟାଲ ହାଇସ୍କୁଲ ପଡିଆରେ ବିଶାଳ କାର୍ଯ୍ୟକ୍ରମ ଆୟୋଜିତ ହେବ।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପ୍ରଥମ ପର୍ଯ୍ୟାୟରେ...

ଉକ୍ତ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ, ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ, ସ୍ୱାସ୍ଥ୍ୟ ବିଭାଗୀୟ କମିଶନର ତଥା ସଚିବ ଅଶ୍ୱତୀ ଏସ, ଜାତୀୟ ସ୍ୱାସ୍ଥ୍ୟ ମିଶନର ମିଶନ ନିର୍ଦ୍ଦେଶିକା, ଓଡ଼ିଶା ଡଃ. ବୃନ୍ଦା ଡିଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

### ୨୨ ମାଓବାଦୀଙ୍କ...

୨୨ ଜଣ ମାଓବାଦୀ ଆତ୍ମସମର୍ପଣ କରି ସମାଜ ମୁଖ୍ୟସ୍ରୋତରେ ସାମିଲ ହୋଇଛନ୍ତି। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରେ ଜଣେ ଡିଭିଜନାଲ କମିଟି ସଦସ୍ୟ (ଡିଭିସିଏମ୍), ୦୬ ଜଣ ଏରିଆ କମିଟି ସଦସ୍ୟ (ଏସିଏମ୍) ସମେତ ପାର୍ଟି ମେମ୍ବର ସାମିଲ ରହିଛନ୍ତି । ଏହା ବ୍ୟତୀତ ସେମାନଙ୍କ ମଧ୍ୟରେ ୧୦ ଜଣ ମହିଳା କ୍ୟାଡ଼ର ମାଓବାଦୀ ରହିଛନ୍ତି । ଏହା ସହ ଗୋଟିଏ ଏକେ-୪୭ ରାଇଫଲ୍, ଦୁଇଟି ଇନସାସ୍ ରାଇଫଲ୍, ୭.୬୨ ଏମ୍ଏମ୍ ଏସଏଲଆର ରାଇଫଲ୍, ୩ଟି .୩୦୩ ରାଇଫଲ୍ ଏବଂ ଦୁଇଟି ସିଙ୍ଗଲ୍-ସଟ୍ ରାଇଫଲ୍, ୧୫୦ ରାଉଣ୍ଡ ଜୀବନ୍ତ ଗୁଳି, ୯ଟି ମାଗାଜିନ୍, ୨୦ କିଲୋ ବିସ୍ଫୋରକ, ୧୩ଟି ଆଇଇଡି ଏବଂ ଅନ୍ୟାନ୍ୟ ସାମଗ୍ରୀ ପୋଲିସ ନିକଟରେ ହସ୍ତାନ୍ତର କରିଥିଲେ।

### ଜି.ଉଦୟଗିରିରେ...

ଗ୍ରହଣ କରାଯିବ ବୋଲି ସ୍ଥାନୀୟ ଆଇଆଇସି ସୂଚନା ଦେଇଛନ୍ତି । ଜି.ଉଦୟଗିରି ଆଖପାଖ ଅଞ୍ଚଳରେ ମଧ୍ୟ ପୋଲିସ ତରଫରୁ ଫ୍ଲାଗମାର୍ଚ୍ଚ ଅନୁଷ୍ଠିତ ହୋଇଛି। ପୋଲିସ ବିଭାଗ ତରଫରୁ ସମସ୍ତଙ୍କୁ ବଡ଼ଦିନର ଶୁଭେଚ୍ଛା ଓ ଶୁଭକାମନା ଦିଆଯିବା ସହ କୌଣସି ବିଶୃଙ୍ଖଳାକୁ ବରଦାସ୍ତ କରାଯିବ ନାହିଁ, ତା'ସହ ଆମ ଅଞ୍ଚଳରେ ସେପରି କୌଣସି ସମ୍ବେଦନଶୀଳ ସ୍ଥିତି ନାହିଁ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି।

### ମହାନଦୀ ଆନ୍ତଃରାଜ୍ୟ...

ବର୍ତ୍ତମାନର ସ୍ଥିତି, ମହାନଦୀ-ସମ୍ବନ୍ଧୀୟ ସମସ୍ୟାର ସୌହାର୍ଦ୍ଦ୍ୟପୂର୍ଣ୍ଣ ସମାଧାନ ପ୍ରକ୍ରିୟା ଏବଂ ମହାନଦୀ ଅବବାହିକା ସମ୍ବନ୍ଧୀୟ ବିଷୟଗୁଡ଼ିକର ସାମଗ୍ରିକ ସ୍ଥିତି ଉପରେ ପ୍ରାରମ୍ଭିକ ଆଲୋଚନା ହୋଇଥିଲା। ଓଡ଼ିଶା ରାଜ୍ୟର ସ୍ଥିତିକୁ ଆହୁରି ସୁଦୃଢ଼ କରିବା ଏବଂ ମହାନଦୀ ଜଳ ସମସ୍ୟାର ସୌହାର୍ଦ୍ଦ୍ୟପୂର୍ଣ୍ଣ ସମାଧାନ ଦିଗରେ ପ୍ରକ୍ରିୟାକୁ ଆଗକୁ ବଢ଼ାଇବା ପାଇଁ ଆନ୍ତଃମନ୍ତ୍ରଣାଳୟ କମିଟିର ପରବର୍ତ୍ତୀ ବୈଠକ ୨୦୨୬ ଜାନୁଆରୀରେ ଡକାଯିବ ବୋଲି ନିଷ୍ପତ୍ତି ନିଆଯାଇଛି।

### ସ୍ୱାସ୍ଥ୍ୟ ବିଭାଗ ...

ଯେ, ଏସ୍.ସି.ବି ମେଡିକାଲ କଲେଜରେ ୬.୫୧ ଏକର ପରିମିତ ଅଞ୍ଚଳରେ ୧୭ ମହଲା (ଏ+୧୬) ବିଶିଷ୍ଟ ଏକ ମଲ୍ଟି ଲେଭଲ୍ ପାର୍କିଂ ସୁବିଧା ବିକଶିତ କରାଯିବ। ପାର୍କିଂ ସୁବିଧା ଉଭୟ ଏସ୍.ସି.ବି ଓ ଆଚାର୍ଯ୍ୟ ହରିହର କ୍ୟାନସର ହସ୍ପିଟାଲକୁ ଆସୁଥିବା ରୋଗୀ ଓ ଆଟେଣ୍ଡାଣ୍ଟମାନେ ବ୍ୟବହାର କରିପାରିବେ। ଏହି ବିଲ୍ଡିଂରେ ୧୨ ମହଲା ପର୍ଯ୍ୟନ୍ତ ପାର୍କିଂ ସୁବିଧା ଏବଂ ଅବଶିଷ୍ଟ ମହଲା ଗୁଡିକରେ ପ୍ରଶାସନିକ ବ୍ଲକ, ଆନାଟୋମୀ ବ୍ଲକ, ବି. ଫାର୍ମା ଏବଂ ଡି. ଫାର୍ମା କଲେଜ୍ ଇତ୍ୟାଦି କାର୍ଯ୍ୟକ୍ଷମ ହେବ। ଏଥିସହିତ ମେଡିକାଲ ଛାତ୍ର ମାନଙ୍କୁ ଚାପମୁକ୍ତ ରଖିବା ପାଇଁ ଇଣ୍ଡୋର ଗେମ୍, ସୁଇମିଂ ପୁଲ୍ ସୁବିଧା ମଧ୍ୟ ଉପଲବ୍ଧ କରାଯିବ। ସୂଚନାଯୋଗ୍ୟ ଯେ ଜାତୀୟ ଶିକ୍ଷାନୀତି ୨୦୨୦ରେ ପିଲାମାନଙ୍କୁ ଚାପମୁକ୍ତ ରଖିବା ପାଇଁ ବିଭିନ୍ନ ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ଏଥି ନିମନ୍ତେ ଖୁବଶୀଘ୍ର ଡିପିଆର୍ ପ୍ରସ୍ତୁତ କରିବା ପାଇଁ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏସ୍‌ସିବି ନିକଟରେ ୧୩ ଗୋଟି ହାଉସିଂ ଟାୱାର କାମ ନିର୍ମାଣଧୀନ ରହିଛି। ଯେଉଁଥିରେ ୬୭୨ଟି ଆବାସିକ ୟୁନିଟ୍ ଓ ୨,୨୪୪ ଛାତ୍ରଛାତ୍ରୀଙ୍କ ପାଇଁ ହଷ୍ଟେଲ ସୁବିଧା କରାଯାଉଛି। ଏହି ପ୍ରକଳ୍ପ ବିଷୟରେ ମୁଖ୍ୟମନ୍ତ୍ରୀ ସୁବିସ୍ତୃତ ଆଲୋଚନା କରି ଏହାର ନିର୍ମାଣକାର୍ଯ୍ୟ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ବ୍ରହ୍ମପୁର ଓ ବୁର୍ଲା ମେଡିକାଲ କଲେଜର ପୁନଃ ବିକାଶ କାର୍ଯ୍ୟ ଉପରେ ବୈଠକରେ ଆଲୋଚନା ହୋଇଥିଲା। ପାଣିକୋଇଲି ଟ୍ରମା କେୟାର ସେଣ୍ଟରକୁ ଖୁବଶୀଘ୍ର କାର୍ଯ୍ୟକ୍ଷମ ପାଇଁ ଏହାକୁ ପିପିପି ମୋଡ୍‌ରେ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ହସ୍ପିଟାଲ ପରିଚାଳନା କ୍ଷେତ୍ରରେ ଅଭିଜ୍ଞତା ଥିବା କେନ୍ଦ୍ର ସରକାରଙ୍କ ପି.ଏସ୍.ୟୁକୁ ଏକ୍ଷେତ୍ରରେ ପ୍ରାଥମିକତା ଦିଆଯାଉ, ଆବଶ୍ୟକସ୍ଥଳେ ଘରୋଇ କ୍ଷେତ୍ରକୁ ମଧ୍ୟ ଏଥିରେ ସାମିଲ କରିବା ପାଇଁ ସେ କହିଥିଲେ। ଏଥି ସହିତ ରାଜ୍ୟର କଟକ, ବ୍ରହ୍ମପୁର, ବୁର୍ଲା, ସୁନ୍ଦରଗଡ, କୋରାପୁଟ, ବାରିପଦା ଓ ବଲାଙ୍ଗିରରେ ଥିବା ସରକାରୀ ମେଡିକାଲ କଲେଜ୍ କ୍ୟାମ୍ପସ୍‌ରେ ଆଟେଣ୍ଡାଣ୍ଟଙ୍କ ପାଇଁ ବିଶ୍ରାମ ଗୃହ ନିର୍ମାଣ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ସ୍ୱାସ୍ଥ୍ୟ ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍., ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶିକ ଡ. ବୃନ୍ଦା ଡି ଏବଂ ସ୍ୱାସ୍ଥ୍ୟ ବିଭାଗର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଓଡ଼ିଆ ଏସଇବିସିଙ୍କୁ ...

ଅନେକ ସମ୍ପ୍ରଦାୟ ଏପର୍ଯ୍ୟନ୍ତ କେନ୍ଦ୍ରୀୟ ଓବିସି ତାଲିକାରେ ଅନ୍ତର୍ଭୁକ୍ତ ହୋଇନାହାଁନ୍ତି । ଏହି ବିଭେଦ ଯୋଗୁଁ ସମ୍ପ୍ରଦାୟର ବ୍ୟକ୍ତିମାନଙ୍କ ପାଇଁ ପ୍ରଶାସନିକ ସ୍ତରରେ ଅସ୍ୱଷ୍ଟତା ସୃଷ୍ଟି ହେଉଛି । ବିଶେଷକରି ଯେତେବେଳେ ସେମାନେ ଅନ୍ୟ ରାଜ୍ୟକୁ ଯାଆନ୍ତି ଓ କେନ୍ଦ୍ର ସରକାରଙ୍କ ସେବା, ଶିକ୍ଷାନୁଷ୍ଠାନ କିମ୍ବା ନିଯୁକ୍ତି ସୁଯୋଗ ଖୋଜନ୍ତି ସେତେବେଳେ ଅନେକ ଅସୁବିଧା ସାମ୍ନା କରନ୍ତି । ଏପରିକି ସେମାନେ ଜାତୀୟ ସ୍ତରରେ ଉପଲବ୍ଧ ସଂରକ୍ଷଣ ସୁବିଧା ଏବଂ କଲ୍ୟାଣକାରୀ ଯୋଜନାରୁ ବଞ୍ଚିତ ହୁଅନ୍ତି । ତେଣୁ ରାଜ୍ୟ ଏବଂ କେନ୍ଦ୍ରୀୟ ଢାଞ୍ଚା ମଧ୍ୟରେ ସମାନତା କରିବା ପାଇଁ ସମ୍ପ୍ରଦାୟଗୁଡ଼ିକୁ ଓବିସି ଅନ୍ତର୍ଭୁକ୍ତ କରିବା ଆବଶ୍ୟକ ବୋଲି ଧର୍ମେନ୍ଦ୍ର ଚିଠିରେ ଉଲ୍ଲେଖ କରିଛନ୍ତି । ଏହାସହ ୧୦୮ ଏସଇବିସି ସମ୍ପ୍ରଦାୟର ଏକ ବିସ୍ତୃତ ତାଲିକା ଚିଠିରେ ଉଲ୍ଲେଖ କରିଛନ୍ତି ।

### ଚଳଚଞ୍ଚଳ ରାଜଧାନୀ...

ଆଇଏମଡି ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଘନ କୁହୁଡ଼ି ଦୃଶ୍ୟମାନତାକୁ ହ୍ରାସ କରି ଦୈନନ୍ଦିନ କାର୍ଯ୍ୟକଳାପକୁ ପ୍ରଭାବିତ କରିପାରେ ବୋଲି ଆଇଏମଡି ସତର୍କ ସୂଚନା ଜାରି କରିଛି। ଆଇଏମଡି ଅନୁଯାୟୀ, କୋରାପୁଟରେ ତାପମାତ୍ରା ୬.୩ ଡିଗ୍ରୀ ସେଲସିୟସକୁ ହ୍ରାସ ପାଇଛି। ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଯଥେଷ୍ଟ କମ୍ ତାପମାତ୍ରା ଅନୁଭୂତ ହୋଇଛି, ଦାରିଙ୍ଗବାଡିରେ ୭ ଡିଗ୍ରୀ, ନବରଙ୍ଗପୁରରେ ୮ ଡିଗ୍ରୀ, ଫୁଲବାଣୀରେ ୮.୫ ଡିଗ୍ରୀ, ଝାରସୁଗୁଡାରେ ୯.୪ ଡିଗ୍ରୀ, ବୌଦ୍ଧରେ ୯.୫ ଡିଗ୍ରୀ, ଅନୁଗୁଳରେ ୯.୬ ଡିଗ୍ରୀ, ଭୁବନେଶ୍ୱରରେ ୧୧.୯ ଡିଗ୍ରୀ ଏବଂ କଟକରେ ୧୨.୪ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଡିସେମ୍ବର ୨୫ ରୁ ୨୭ ପର୍ଯ୍ୟନ୍ତ ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର, ସମ୍ବଲପୁର ଏବଂ ସୋନପୁର ଭଳି ଜିଲ୍ଲାରେ ଘନ କୁହୁଡ଼ି ହେବ ବୋଲି ଆଇଏମଡି ସତର୍କ କରିଛି।

## ଏମ୍ସ ନିକଟରୁ ସନ୍ଦିଗ୍ଧ ବାଂଲାଦେଶୀଙ୍କୁ ଧରିଲେ ସ୍ଥାନୀୟ ଲୋକେ

# ଫେରି ବାଲା ବେଶରେ ରେକି କରୁଥିବା ନେଇ ଆଣିଲେ ଅଭିଯୋଗ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଏମ୍ସ ନିକଟରୁ ସନ୍ଦିଗ୍ଧ ବାଂଲାଦେଶୀଙ୍କୁ ଧରିଲେ ସ୍ଥାନୀୟ ଲୋକେ। ଫେରି ବାଲା ହୋଇ ବିଭିନ୍ନ ଅଞ୍ଚଳ ବୁଲି ଲୋକଙ୍କ ଘରକୁ ରେକି କରୁଥିବା ଅଭିଯୋଗରେ କିଛି ସ୍ଥାନୀୟ ଯୁବକମାନେ ଉକ୍ତ ବ୍ୟକ୍ତିଙ୍କୁ ଅଟକାଇଥିଲେ। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ବ୍ୟକ୍ତି ଜଣକ ପ୍ରଥମେ ଯୁକ୍ତି କରିବା ସହ ନିଜର ପ୍ରକୃତ ଘର ଠିକଣା କହୁନଥିଲା। ଏହାପରେ କିଛି ଯୁବକମାନେ ତାଙ୍କୁ ପାକିସ୍ତାନ ମୂର୍ଦ୍ଦାବାଦ୍ ଓ ବାଂଲାଦେଶ ମୂର୍ଦ୍ଦାବାଦ୍ କହିବାକୁ କହିଥିଲେ ସେତେବେଳେ ସେ ସେମାନଙ୍କୁ ଗାଳି ଗୁଲଜ କରିଥିଲା। ଏମିତିରେ ପରିଚୟ ପତ୍ର ମାଗିବାରୁ ଖସି ପଳାଇବାକୁ ଉଦ୍ୟମ ବେଳେ ସ୍ଥାନୀୟ ଲୋକେ କାବୁ କରି ଖଣ୍ଡଗିରି ଥାନା ପୋଲିସର ଜିମା ଦେଇଛନ୍ତି। ପୋଲିସ୍ ଘଟଣାରେ ଅଧିକ ତଦନ୍ତ ଜାରି ରଖିଛି।

## ବାରିପଦାରେ ଆଧୁନିକ ଅଟଳ ବସ୍ ଷ୍ଟାଣ୍ଡ ନିର୍ମାଣ ହେବ

# ବିଶ୍ୱସ୍ତରୀୟ ସାର୍ବଜନୀନ ପରିବହନ ଢାଞ୍ଚା ପ୍ରତି ଓଡ଼ିଶା ସରକାର ପ୍ରତିବଦ୍ଧ : ମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଯାତ୍ରୀ ସୁବିଧା, ସହରୀୟ ଗତିଶୀଳତା ଓ ପର୍ଯ୍ୟଟନ ସମ୍ଭାବନାକୁ ଦୃଷ୍ଟିରେ ରଖି ମୟୂରଭଞ୍ଜ ଜିଲ୍ଲାର ବାରିପଦାରେ ବିମାନବନ୍ଦର ସଦୃଶ ସୁବିଧା ସହିତ ଏକ ଆଧୁନିକ "ଅଟଳ ବସ୍ ଷ୍ଟାଣ୍ଡ" ନିର୍ମାଣ କରାଯିବ ବୋଲି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣ ଚନ୍ଦ୍ର ମହାପାତ୍ର ଘୋଷଣା କରିଛନ୍ତି। ପ୍ରକଳ୍ପ ସମ୍ପର୍କରେ ଆୟୋଜିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକର ଅଧ୍ୟକ୍ଷତା କରି ମନ୍ତ୍ରୀ କହିଥିଲେ ଯେ, ଏହି ବସ୍ ଟର୍ମିନାଲ୍ ଉତର ଓଡ଼ିଶାରେ ଏକ ମାଇଲସ୍ଟୋନ୍ ସାର୍ବଜନୀନ ଢାଞ୍ଚା ପ୍ରକଳ୍ପ ଭାବେ ଉଭୟ ହେବ ଏବଂ ଆଧୁନିକ, ସମାବେଶୀ ଓ ସୁସ୍ଥାୟୀ ପରିବହନ ବ୍ୟବସ୍ଥା ଗଠନ ପ୍ରତି ରାଜ୍ୟ ସରକାରଙ୍କ ଦୃଢ଼ ସଙ୍କଳ୍ପକୁ ପ୍ରତିଫଳିତ କରିବ। ମନ୍ତ୍ରୀ ଡା. ମହାପାତ୍ର କହିଥିଲେ,"ବାରିପଦାକୁ ଏକ ମୁଖ୍ୟ ପରିବହନ କେନ୍ଦ୍ର ଭାବେ ଉନ୍ନତ କରାଯିବ। ଏହି ପ୍ରକଳ୍ପ ପାଇଁ ଧନର କୌଣସି ଅଭାବ ରହିବ ନାହିଁ। ସମସ୍ତ ସଂପୃକ୍ତ ବିଭାଗ ଆପସରେ ସମନ୍ୱୟ ରଖି ସମୟବଦ୍ଧ ଓ ଉଚ୍ଚ ଗୁଣମାନ ସହିତ ପ୍ରକଳ୍ପକୁ କାର୍ଯ୍ୟାନ୍ୱୟନ କରିବେ।" ପ୍ରାୟ ୫ ଏକର ଜମିରେ ଏହି ଅଟଳ ବସ୍ ଷ୍ଟାଣ୍ଡ ନିର୍ମାଣ କରାଯିବ, ଯାହା ପୂର୍ବରୁ ଏହି ଉଦ୍ଦେଶ୍ୟ ପାଇଁ ଆବଂଟିତ ହୋଇଛି। ଯାତ୍ରୀ ସୁବିଧା, ସୁରକ୍ଷା, ସୁଲଭତା ଓ କାର୍ଯ୍ୟକ୍ଷମ ପରିଚାଳନାକୁ ପ୍ରାଥମିକତା ଦେଇ ଟର୍ମିନାଲ୍ ର ଡିଜାଇନ୍ କରାଯାଇଛି। ବୈଠକରେ ଓଏସଆରଟିସି ପକ୍ଷରୁ ପ୍ରସ୍ତୁତ 'ଏ-କ୍ଲାସ୍' ଯାତ୍ରୀମୁଖୀ ଡିଜାଇନ୍ ପ୍ରେଜେଂଟେସନ୍‌ର ବିସ୍ତୃତ ଆଲୋଚନା ହୋଇଥିଲା। ପ୍ରସ୍ତାବିତ ଅଟଳ ବସ୍ ଷ୍ଟାଣ୍ଡର ପ୍ରମୁଖ ବିଶେଷତା: ପ୍ରଶସ୍ତ ଓ ହାୱାଯୋଗ୍ୟ ପ୍ରତୀକ୍ଷା ହଲ୍, ପରିଷ୍କାର ଶୌଚାଳୟ, ଫୁଡ୍ କୋର୍ଟ, ଖୁଦ୍ର ବ୍ୟବସାୟ ସ୍ଥାନ ଓ ଦିବ୍ୟାଙ୍ଗ-ସହଜ ସୁବିଧା

ଡିଜିଟାଲ୍ ଯାତ୍ରୀ ସୂଚନା ପ୍ରଣାଳୀ, ସିସିଟିଭି ନିରୀକ୍ଷଣ, ୱାଇଫାଇ ସଂଯୋଗ, ମୋବାଇଲ୍ ଚାର୍ଜିଂ ପଏଂଟ ଓ ଶିଶୁ-ମିତ୍ର କ୍ଷେତ୍ର ସୁଚାରୁ ପରିଚାଳନା, ରକ୍ଷଣାବେକ୍ଷଣ ଓ ଫ୍ଲିଟ୍ ପରିଚାଳନା ପାଇଁ ଏକତ୍ରିତ ବସ୍ ଡିପୋ ବର୍ଷାଜଳ ସଂରକ୍ଷଣ, ସୌର ଆଲୋକୀକରଣ ଓ ସବୁଜ ଖୋଲା ସ୍ଥାନ ସହିତ ପରିବେଶ-ମିତ୍ର ଢାଂଚା ସଂପୃକ୍ତ ଢାଂଚା ଯୋଜନାର ସମୀକ୍ଷା ସମୟରେ ମନ୍ତ୍ରୀ ଜାତୀୟ ରାଜପଥ କର୍ତ୍ତୃପକ୍ଷକୁ ନିର୍ଦ୍ଦେଶ ଦେଇଥିଲେ ଯେ, ପ୍ରସ୍ତାବିତ ଫ୍ଲାଇଓଭର୍ ନିର୍ମାଣ ଡିଜାଇନ୍ ଏପରି ହେବା ଦରକାର ଯାହା ଅଟଳ ବସ୍ ଷ୍ଟାଣ୍ଡ ଓ ବାରିପଦା ସହରର ଦୃଶ୍ୟମାନତା, ସୁଲଭତା ଓ ସ୍ଥାପତ୍ୟ ସୌନ୍ଦର୍ଯ୍ୟକୁ ବୃଦ୍ଧି କରିବ। ପରିବେଶ ସୁରକ୍ଷା ପ୍ରତି ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ଉଲ୍ଲେଖ କରି ମନ୍ତ୍ରୀ କହିଥିଲେ ଯେ, ସଂପୃକ୍ତ ସହରାଂଚଳ ସ୍ଥାନୀୟ ସରକାର ପକ୍ଷରୁ ପ୍ରକଳ୍ପ ଅଂଚଳ ଓ ଆଖପାଖରେ ୬,୦୦୦ରୁ ଅଧିକ ଗଛ ରୋପଣ କରାଯିବ। ଏହା ସହିତ ଜଙ୍ଗଲ ବିଭାଗ ପକ୍ଷରୁ ୧୦ ଏକର ଅଂଚଳରେ ସବୁଜୀକରଣ ପାଇଁ ଧନରାଶି ଆବଂଟନ କରାଯାଇଛି।

ବର୍ତମାନ ବାରିପଦା ସହର କେନ୍ଦ୍ରରେ ଅବସ୍ଥିତ ପୁରୁଣା ବସ୍ ଷ୍ଟାଣ୍ଡ ଅତ୍ୟଧିକ ଭିଡ଼ ଓ ଅପର୍ଯ୍ୟାପ୍ତ ଥିବାରୁ ଯାତାୟାତ ଜାମ୍ ଓ ଯାତ୍ରୀ ଅସୁବିଧା ସୃଷ୍ଟି କରୁଛି। ନୂତନ ବସ୍ ଟର୍ମିନାଲ୍ ସହର କେନ୍ଦ୍ରକୁ ଭିଡ଼ମୁକ୍ତ କରିବା ସହ ରାସ୍ତା ସୁରକ୍ଷା ଉନ୍ନତ କରିବ ଏବଂ ଭୁବନେଶ୍ୱର, ବାଲେଶ୍ୱର, କୋଲକାତା ସହିତ ଅନ୍ୟାନ୍ୟ ମୁଖ୍ୟ ସ୍ଥାନକୁ ସଂଯୋଗ ସୁଦୃଢ଼ କରିବ। ଏହି ପ୍ରକଳ୍ପ ସିମିଳିପାଳ ଜାତୀୟ ଉଦ୍ୟାନ ଓ ପାର୍ଶ୍ୱବର୍ତ୍ତୀ ପର୍ଯ୍ୟଟନ ଗନ୍ତବ୍ୟସ୍ଥଳ ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଉତ୍ସାହ ଦେବ। ଉନ୍ନତି ଭବନ, ଭୁବନେଶ୍ୱରରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ଓଏସଆରଟିସି ଅତିରିକ୍ତ ସଚିବ-ସହ-ମହାପ୍ରବନ୍ଧକ ଅରୁଣ ବିଶ୍ୱାଳ, ଏନଏଚଏଆଇର ବରିଷ୍ଠ ଅଧିକାରୀମାନେ ଓ ଅନ୍ୟାନ୍ୟ ସଂପୃକ୍ତ ବିଭାଗର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଅଟଳ ବସ୍ ଷ୍ଟାଣ୍ଡ ପ୍ରକଳ୍ପ ଭୁବନେଶ୍ୱରର ଉନ୍ନତ ବାରମୁଣ୍ଡା ବସ୍ ଟର୍ମିନାଲ୍ ଆଦର୍ଶରେ ରାଜ୍ୟରେ ବିଶ୍ୱସ୍ତରୀୟ ବସ୍ ଟର୍ମିନାଲ୍ ଉନ୍ନୟନ ଭିଜନ୍ ସହ ସମନ୍ୱୟ ରଖିଥିବା ସହ ନାଗରିକ-କେନ୍ଦ୍ରିକ ଓ ଭବିଷ୍ୟତମୁଖୀ ସାର୍ବଜନୀନ ପରିବହନ ଢାଞ୍ଚା ପ୍ରଦାନ ପ୍ରତି ରାଜ୍ୟ ସରକାରଙ୍କ ଦୃଢ଼ ସଙ୍କଳ୍ପକୁ ପ୍ରତିବିମ୍ବିତ କରେ।

## ଯଶସ୍ୱିନୀ ଜିନ୍ଦଲ ବାଳିକା ଛାତ୍ରାବାସର ଭୂମି ପୂଜନ

# ଅନୁଗୁଳରେ ଜନଜାତି ବାଳିକାମାନଙ୍କ ଶିକ୍ଷା ପାଇଁ ନୂତନ ଅଧ୍ୟାୟ ଆରମ୍ଭ

**ଅନୁଗୁଳ, ନ୍ୟୁଜ ବ୍ୟୁରୋ**



ସାମାଜିକ ଉନ୍ନତି ଏବଂ ଜନଜାତି ବାଳିକାମାନଙ୍କ ଶିକ୍ଷାକୁ ସମର୍ଥନ ଦେବା ଉଦ୍ଦେଶ୍ୟରେ ଜିନ୍ଦଲ୍ ଷ୍ଟିଲ୍‌ର ସାମାଜିକ ଶାଖା ଜିନ୍ଦଲ୍ ଫାଉଣ୍ଡେସନ୍ ପକ୍ଷରୁ ଅନୁଗୁଳ ଜିଲ୍ଲାର କିଶୋରନଗର ବ୍ଲକ୍ ଅନ୍ତର୍ଗତ ବଡ଼ରୋହିଲା ଗାଁରେ ଅବସ୍ଥିତ ରାମକୃଷ୍ଣ ଆଶ୍ରମ ଏସ୍.ଟି. ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ଯଶସ୍ୱିନୀ ଜିନ୍ଦଲ' ବାଳିକା ଛାତ୍ରାବାସ ନିର୍ମାଣ ପାଇଁ ଭୂମି ପୂଜନ ଆଧାରଶିଳା ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିନ୍ଦଲ୍ ଫାଉଣ୍ଡେସନର ଅଧ୍ୟକ୍ଷା ଶାଲୁ ଜିନ୍ଦଲ୍ ଜୀ ଭୂମିପୂଜନ କରି ଆଧାରଶିଳା ରଖିଥିଲେ। ଏହି ପ୍ରକଳ୍ପର ଲକ୍ଷ୍ୟ ହେଉଛି ଜନଜାତି ଓ ଦୂରଦୂରାନ୍ତ ଅଞ୍ଚଳର ବାଳିକାମାନଙ୍କ ପାଇଁ ସୁରକ୍ଷିତ, ସହଯୋଗୀ ଓ ପୋଷକ ଆବାସିକ ସୁବିଧା ଯୋଗାଇ ଉତ୍ତମ ଶିକ୍ଷାର ସୁଯୋଗ ବୃଦ୍ଧି କରିବା। ଛାତ୍ରୀମାନଙ୍କୁ ଓ ସ୍ଥାନୀୟ ସମୁଦାୟକୁ ଲକ୍ଷ୍ୟ କରି ଦିଆଯାଇଥିବା ପ୍ରେରଣାଦାୟୀ ଉଦବୋଧନରେ ଶାଲୁ ଜିନ୍ଦଲ୍ ଜୀ କହିଥିଲେ, "ଝିଅମାନଙ୍କ ଶିକ୍ଷା ଓ ସଶକ୍ତିକରଣ ଆମ ଦୃଷ୍ଟିକୋଣର କେନ୍ଦ୍ରବିନ୍ଦୁ। ଏହି ହଷ୍ଟେଲ କେବଳ ସୁରକ୍ଷିତ ଆବାସ ଓ ଶିକ୍ଷାଗତ ସମର୍ଥନ ଦେବ ତାହା ନୁହେଁ, ବରଂ ଛାତ୍ରୀମାନଙ୍କୁ ନିଜ ସମ୍ପୂର୍ଣ୍ଣ ସମ୍ଭାବନା ପ୍ରକାଶ କରି ସମାଜ ପାଇଁ ଅର୍ଥପୂର୍ଣ୍ଣ ଅବଦାନ ଦେବାରେ ସାହାଯ୍ୟ କରିବ।" ସେ, ଦୂରଦୂରାନ୍ତ ଅଞ୍ଚଳରେ ଝିଅମାନଙ୍କ ଶିକ୍ଷା ପାଇଁ ରାମକୃଷ୍ଣ ଆଶ୍ରମ ପରିଚାଳନାର ପ୍ରୟାସକୁ ମଧ୍ୟ ପ୍ରଶଂସା କରିଥିଲେ। ଛଅ ମାସ ମଧ୍ୟରେ ସମ୍ପୂର୍ଣ୍ଣ ହେବାକୁ ଥିବା ଏହି ନୂଆ ହଷ୍ଟେଲରେ ୩୩୦ ଜଣ ଛାତ୍ରୀ ରହିପାରିବେ, ଯାହା ସ୍କୁଲର ଆବାସିକ ସୁବିଧାକୁ ବୃଦ୍ଧି କରିବ। ଏହି ପ୍ରୟାସ ମାଧ୍ୟମରେ ବର୍ତ୍ତମାନ ଥିବା ଆବାସ ସଂକଟ ଦୂର ହେବା ସହିତ ଛାତ୍ରୀମାନଙ୍କ ପାଇଁ ସୁରକ୍ଷିତ, ସୁନିଶ୍ଚିତ ଓ ପୋଷକ ପରିବେଶ ସୃଷ୍ଟି ହେବ, ଯାହା ଉତ୍ତମ ଶିକ୍ଷାର ପହଞ୍ଚକୁ ଆହୁରି ମଜବୁତ କରିବ। ରାମକୃଷ୍ଣ ଆଶ୍ରମର ସଂସ୍ଥାପକା ଅନନ୍ତ ଶାସିନୀଙ୍କ ସ୍ୱାଗତ ଭାଷଣ ରହି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହା ପରେ ଜିନ୍ଦଲ୍ ଷ୍ଟିଲର ସଭାପତି ପ୍ରଶାନ୍ତ ହୋତା ସମସ୍ତଙ୍କ ପରିଚୟ ପ୍ରଦାନ କରିଥିଲେ । ଜିନ୍ଦଲ୍ ଷ୍ଟିଲର ଚେୟାରମ୍ୟାନ୍ ନବୀନ ଜିନ୍ଦଲଙ୍କ ନେତୃତ୍ୱ ଓ ଜିନ୍ଦଲ୍ ଫାଉଣ୍ଡେସନର ଅଧ୍ୟକ୍ଷା ଶଲୁ ଜିନ୍ଦଲଙ୍କ ଭୂମିକାକୁ ଉଲ୍ଲେଖ କରି ସେ କହିଥିଲେ, "ଜିନ୍ଦଲ୍ ଫାଉଣ୍ଡେସନରେ ଆମେ ସଦା ବିଶ୍ୱାସ କରୁଛୁ ଯେ ସମାନ ଶିକ୍ଷା ଅଧିକାରରୁ ହିଁ ସ୍ଥାୟୀ ଉନ୍ନତିର ଆରମ୍ଭ, ବିଶେଷକରି ଝିଅମାନଙ୍କ ପାଇଁ। ଏହି ହଷ୍ଟେଲ ଆମ ଶିକ୍ଷାକେନ୍ଦ୍ରିକ ପଦକ୍ଷେପର ଗୁରୁତ୍ୱପୂର୍ଣ୍ଣ ଅଂଶ ଏବଂ ସମାବେଶମୂଳକ ଓ ସମୁଦାୟ ଉନ୍ନତି ପ୍ରତି ଆମ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ।"

ଏହି ଅବସରରେ ପାରମ୍ପରିକ ପୂଜାର୍ଚ୍ଚନା, ଆଧାରଶିଳା ସ୍ଥାପନ ଓ ପୂର୍ଣ୍ଣାହୁତି ଆଦି ରିତିନୀତି ଅନୁଷ୍ଠିତ ହୋଇଥିଲା। ସମାରୋହରେ ସ୍ଥାନୀୟ ସମୁଦାୟ ନେତା, ସ୍ଥାନୀୟ ଅଂଶୀଦାର, ଗୁରୁଜୀ ଶ୍ରୀମଦ୍ ବଂଶୀଧର ବଳରାମ ଦାସ, ଜିନ୍ଦଲ୍ ଷ୍ଟିଲର ସିଏସଆର ମୁଖ୍ୟ ରିଶି ପଠାନିଆ, ଏଚଓଡି-ସିଏସ୍ଆର(ଅନୁଗୁଳ) ଜୟନ୍ତ କୁମାର ମହାନ୍ତି, ସ୍କୁଲର ସଂସ୍ଥାପକ ଶେଷଦେବ ଶାସିନୀ, ସହ-ସଂସ୍ଥାପକ ଅନନ୍ତ ଶାସିନୀ ଓ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଯଶସ୍ୱିନୀ ଜିନ୍ଦଲ୍ ବାଳିକା ଛାତ୍ରାବାସ ଓଡ଼ିଶାର ଜନଜାତି ସମୁଦାୟଙ୍କ ଶିକ୍ଷା, ସଶକ୍ତିକରଣ ଓ ସାମଗ୍ରିକ ବିକାଶ ପ୍ରତି ଜିନ୍ଦଲ୍ ଫାଉଣ୍ଡେସନର ଅବିରତ ପ୍ରତିବଦ୍ଧତାର ଏକ ସ୍ପଷ୍ଟ ଉଦାହରଣ। ଏହା ସହିତ ଫାଉଣ୍ଡେସନ୍ ଆଫ୍ଟର-ସ୍କୁଲ୍ ଲର୍ଣିଂ, ମହିଳା ଓ ଝିଅମାନଙ୍କ ପାଇଁ ଯଶସ୍ୱୀ ଛାତ୍ରବୃତ୍ତି, ଓ.ପି. ଜିନ୍ଦଲ୍ ଷ୍ଟାର୍ ଏବଂ ଜୁଏଲ୍ ଛାତ୍ରବୃତ୍ତି, ଜିନ୍ଦଲ୍ ଆଶା, ସାବିତ୍ରୀ ଜିନ୍ଦଲ୍ ଡିଏଭି ହାଇସ୍କୁଲ୍ ଓ ଅନ୍ୟାନ୍ୟ ଶିକ୍ଷାମୂଳକ ପଦକ୍ଷେପ ମାଧ୍ୟମରେ ଶିକ୍ଷା ପରିବେଶକୁ ନିରନ୍ତର ମଜବୁତ କରି ଚାଲିଛି।

# ମାତ୍ର ୨୬୩ ଦିନରେ ୨୦୦ନିୟୁତ ଟନ୍ ମାଲ୍ ପରିବହନ କରିଛି ପୂର୍ବତଟ ରେଳପଥ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୂର୍ବତଟ ରେଳପଥ ଚଳିତ ଆର୍ଥିକ ବର୍ଷ ଅର୍ଥାତ ୨୦୨୫-୨୬ ମଧ୍ୟରେ ସବୁଠାରୁ କମ ସମୟ ମଧ୍ୟରେ ମାତ୍ର ୨୬୩ ଦିନ ମଧ୍ୟରେ ୨୦୦ ନିୟୁତ ଟନ୍ (ଏମଟି) ମାଲ ପରିବହନ ପରିଚାଳନା କରି ଉଲ୍ଲେଖନୀୟ ମାଇଲଖୁଣ୍ଟ ହାସଲ କରିଛି। ଏହି ସଫଳତା ୨୦୨୪-୨୫ ରେ ପୂର୍ବତଟ ରେଳପଥରର ବିଗତ ଶ୍ରେଷ୍ଠ ୨୯୦ ଦିନକୁ ଅତିକ୍ରମ କରିଛି, ଯାହାକି ୨୭ ଦିନ ପୂର୍ବରୁ ଅର୍ଥାତ ୨୬୩ ଦିନରେ ଏହି ମାଇଲଖୁଣ୍ଟ ହାସଲ କରିଛି, ଯାହା ଜୋନର ପରିଚାଳନାଗତ ଉତ୍କର୍ଷତା, ଭିତିଭୂମି ବୃଦ୍ଧି ଏବଂ ଅଂଶୀଦାରମାନଙ୍କ ସହିତ ଘନିଷ୍ଠ ସମନ୍ୱୟକୁ ପ୍ରତିଫଳିତ କରୁଛି । ତୁଳନାମୂଳକ ଭାବେ, ପୂର୍ବ ବର୍ଷ ଗୁଡ଼ିକରେ ପୂର୍ବତଟ ରେଳପଥ ୨୦୦ ନିୟୁତ ଟନ ମାଲ ପରିବହନ କରିଛି ୨୦୨୩-୨୪ରେ ୨୯୫ ଦିନ ୨୦୨୨-୨୩ରେ ୩୧୦ ଦିନ। ଏହା ବ୍ୟତୀତ, ଡିସେମ୍ବର ୨୨ ତାରିଖ ପର୍ଯ୍ୟନ୍ତ, ପୂର୍ବତଟ ରେଳପଥ ୩୮୪.୨୦ ନିୟୁତ ଟନ୍ ମୋଟ ମାଲ ପରିବହନ କରି ରେକର୍ଡ କରିଛି, ଯେଉଁଥିରେ ୨୦୨.୫୦ ଏମଟି ଲୋଡିଂ ଏବଂ ୧୮୧.୭୦ ଏମ୍‌ଟି ଅନଲୋଡିଂ ଅନ୍ତର୍ଭୁକ୍ତ, ଯାହା ୩୪୮.୭୦ ଏମଟି ମାଲ ପରିବହନ ତୁଳନାରେ ୧୦.୨% ସାମଗ୍ରିକ ଅଭିବୃଦ୍ଧି ହାସଲ କରିଛି, ଯେଉଁଥିରେ ପୂର୍ବ ବର୍ଷର ସମାନ ସମୟ ମଧ୍ୟରେ ୧୮୧.୫୪ ଏମଟି ଲୋଡିଂ ଏବଂ ୧୬୭.୧୬ ଏମଟି ଅନଲୋଡିଂ ଅନ୍ତର୍ଭୁକ୍ତ।



# ଏଏମ୍/ଏନ୍ଏସ୍ ଇଣ୍ଡିଆ ପକ୍ଷରୁ ପାରାଦ୍ୱୀପର ୧୪୩ ଜଣ ଛାତ୍ରୀଙ୍କୁ ବେଟି ପଢ଼ାଓ ସ୍କଲାରସିପ୍ ପ୍ରଦାନ

**ପାରାଦ୍ୱୀପ, ନ୍ୟୁଜ ବ୍ୟୁରୋ**

ଆର୍ସେଲରମିତ୍ତଲ ନିପ୍ପନ ଷ୍ଟିଲ ଇଣ୍ଡିଆ (ଏଏମ୍/ଏନ୍ଏସ୍ ଇଣ୍ଡିଆ) ପକ୍ଷରୁ ପାରାଦ୍ୱୀପର ଦକ୍ଷ ଏକାଡେମୀରେ ଆୟୋଜିତ ଏକ ଉତ୍ସବରେ ପାରାଦ୍ୱୀପର ୧୪୩ ଜଣ ମେଧାବୀ ଛାତ୍ରୀଙ୍କୁ 'ବେଟି ପଢ଼ାଓ ସ୍କଲାରସିପ୍' ପ୍ରଦାନ କରାଯାଇଛି। କମ୍ପାନୀର ପ୍ରମୁଖ ସିଏସ୍ଆର ପଦକ୍ଷେପର ଏକ ଅଂଶ ଭାବରେ, ଆର୍ଥିକ ଅନଗ୍ରସର ଶ୍ରେଣୀର ଝିଅମାନଙ୍କୁ ସହାୟତା ସ୍ୱରୂପ ସେମାନଙ୍କ ଆର୍ଥିକ ପ୍ରତିବନ୍ଧକକୁ ଦୂର କରିବା ଏବଂ ସେମାନଙ୍କୁ ନିଜର ଶିକ୍ଷାଗତ ଲକ୍ଷ୍ୟ ହାସଲ କରିବାରେ ସାହାଯ୍ୟ କରିବା ପାଇଁ ଏହି ବୃତ୍ତି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଏହି ପଦକ୍ଷେପ ଝିଅମାନଙ୍କ ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ସରକାରଙ୍କ ପ୍ରୟାସ ସହ ସମନ୍ୱୟ ରକ୍ଷା କରୁଛି। ଏହି ସ୍କଲାରସିପ୍ ପାଇଥିବା ଛାତ୍ରୀମାନଙ୍କ ମଧ୍ୟରେ ନବମ ଶ୍ରେଣୀଠାରୁ ଆରମ୍ଭ କରି ଉଚ୍ଚ ମାଧ୍ୟମିକ ଶିକ୍ଷା, ସ୍ନାତକ (ଅଣ୍ଡରଗ୍ରାଜୁଏଟ), ଆଇଟିଆଇ (ଆଇଟିଆଇ), ଡିପ୍ଲୋମା, ଇଞ୍ଜିନିୟରିଂ, ମେଡିକାଲ ଏବଂ ଅନ୍ୟାନ୍ୟ ବୃତ୍ତିଗତ ପାଠ୍ୟକ୍ରମରେ ପଢୁଥିବା ଛାତ୍ରୀଙ୍କ ସମେତ ରାଜ୍ୟ ଓ ଜାତୀୟ ସ୍ତରର କ୍ରୀଡ଼ାବିତ୍‌ମାନେ ଅନ୍ତର୍ଭୁକ୍ତ ଥିଲେ।




# ଗୁରୁକୂଳ ଅନ୍ତର୍ଜାତୀୟ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଛାତ୍ରୀ ଚିନ୍ମୟୀ ପଶୁପାଳକଙ୍କୁ ସମ୍ବର୍ଦ୍ଧନା

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ଗୁରୁକୂଳ ଅନ୍ତର୍ଜାତୀୟ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ରୀ ଚିନ୍ମୟୀ ପଶୁପାଳକ ଦିଲ୍ଲୀରେ ଟାଟା ଗ୍ରୁପ୍ ତରଫରୁ ଆୟୋଜିତ ଜାତୀୟ ସ୍ତରର ବିଜ୍ଞାନ ମେଳାରେ ସମଗ୍ର ଭାରତରୁ ଆସିଥିବା ପ୍ରାୟ ଏକ ହଜାର ପ୍ରୋଜେକ୍ଟକୁ ପଛରେ ଛାଡ଼ି ପ୍ରଥମ ସ୍ଥାନ ଅଧିକାର କରି ଚାମ୍ପିଅନ୍‌ସିପ୍ ହାସଲ କରିଛନ୍ତି । ଏହାଦ୍ୱାରା ସେ ବିଦ୍ୟାଳୟର ନାମକୁ ଜାତୀୟ ସ୍ତରରେ ଗୌରବାନ୍ୱିତ କରିପାରିଛନ୍ତି। ବିଦ୍ୟାଳୟର ବିଜ୍ଞାନ ଶିକ୍ଷକମାନଙ୍କ ପରାମର୍ଶ ଏବଂ ବିଜ୍ଞାନ ଶିକ୍ଷୟିତ୍ରୀ ଟ୍ୱିଙ୍କଲ୍ ପାତ୍ରଙ୍କ ତତ୍ତ୍ୱାବଧାନରେ ଛାତ୍ରୀ ଚିନ୍ମୟ ଦିଲ୍ଲୀ ଯାଇ ବିଜ୍ଞାନ ମେଳାରେ ଅଂଶଗ୍ରହଣ କରିଥିଲେ। ସେଠାରେ ଉପସ୍ଥାପିତ ହୋଇଥିବା ଅନେକ ପ୍ରକଳ୍ପ ମଧ୍ୟରୁ ତାଙ୍କ ପ୍ରକଳ୍ପ ସର୍ବୋତ୍କୃଷ୍ଟ ମନୋନୀତ ହୋଇଥିଲା। ଦିଲ୍ଲୀରୁ ସଫଳତାର ସହିତ ଫେରିଆସିବା ପରେ ବିଦ୍ୟାଳୟ ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭାରେ ଆୟୋଜନ କରାଯାଇଥିଲା। ଏହି ସଭାରେ ଛାତ୍ରୀ ଚିନ୍ମୟ ପଶୁପାଳକ, ତାଙ୍କ ଶିକ୍ଷୟିତ୍ରୀ ଟ୍ୱିଙ୍କଲ ପାତ୍ର ଏବଂ ଛାତ୍ରୀଙ୍କ ପିତାମାତାଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା । ବିଦ୍ୟାଳୟର ସଭାପତି ପ୍ରଶାନ୍ତ ମହାପାତ୍ର, ସମ୍ପାଦିକା ଅନୀତା କୁମାରୀ ପାଢ଼ୀ ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁନୀଲ୍ ବଡ଼ପଣ୍ଡା ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟଣ ପ୍ରଦାନ କରି ଛାତ୍ରୀଙ୍କ ପିତାମାତାଙ୍କୁ ସମ୍ମାନୀତ କରିଥିଲେ। ଏହା ସହ ବିଦ୍ୟାଳୟ ପକ୍ଷରୁ ପୁରସ୍କାର ରୂପେ ଛାତ୍ରୀଙ୍କୁ ୩ହଜାର ଟଙ୍କା ଏବଂ ଶିକ୍ଷୟିତ୍ରୀଙ୍କୁ ୨ହଜାର ଟଙ୍କା ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସଫଳତା ପାଇଁ ବିଦ୍ୟାଳୟ ପରିବାର ପକ୍ଷରୁ ଛାତ୍ରୀ ଓ ଶିକ୍ଷୟିତ୍ରୀଙ୍କୁ ହୃଦୟପୂର୍ଣ୍ଣ ଅଭିନନ୍ଦନ ଜଣାଯାଇଛି ।

# ଚନ୍ଦକାର ଛୁଆ ହାତୀ ଶମ୍ଭୁର ମୃତ୍ୟୁ

**ବାରଙ୍ଗ, ନ୍ୟୁଜ ବ୍ୟୁରୋ**

ଚନ୍ଦକା କୁମାରଖୁଣ୍ଟିରେ ଥିବା ହାତୀ ଛୁଆ ସମ୍ଭୁର ମୃତ୍ୟୁ ଘଟିଛି। ଗତକାଲି ସକାଳୁ ସମ୍ଭୁ ଅସୁସ୍ଥ ଥିଲା। ସ୍ଥାନୀୟ ପଶୁ ଚିକିତ୍ସକ ଏବଂ ନନ୍ଦନକାନନର ପଶୁ ଚିକିତ୍ସା ଦଳ ସହିତ ପରାମର୍ଶ କରି ତା'ର ଚିକିତ୍ସା କରଯାଇଥିଲା। ପରେ ସନ୍ଧ୍ୟାରେ ସେ ଉନ୍ନତି ଅନୁଭବ କରି ଖାଦ୍ୟ ଗ୍ରହଣ କରିଥିଲା। ଧୀରେ ଧୀରେ ଚାଲିଥିଲା ମଧ୍ୟ। ହେଲେ ଆଜି ସକାଳେ ପୁଣି ଥରେ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ହୋଇଥିଲା। ଚିକିତ୍ସକଙ୍କ ଦ୍ୱାରା ଚିକିତ୍ସା ଜାରି ରହିଥିଲା। ସାଲାଇନ ମଧ୍ୟ ଲାଗିଥିଲା। ସ୍ୱାସ୍ଥ୍ୟରେ ଉନ୍ନତି ନ ହେବାରୁ ସମ୍ଭୁକୁ ନନ୍ଦନକାନନକୁ ସ୍ଥାନାନ୍ତର କରିବାକୁ ଯୋଜନା ମଧ୍ୟ କରାଯାଇଥିଲା। ହେଲେ ଆଜି ସକାଳ ୭.୩୦ ସମୟରେ ସମ୍ଭୁର ମୃତ୍ୟୁ ଘଟିଛି। ଯାହାକୁ ନେଇ ଚନ୍ଦକା ବନଖଣ୍ଡ ଅଧିକାରୀ ଓ କର୍ମଚାରୀଙ୍କ ମହଲରେ ଦୁଃଖ ଖେଳି ଯାଇଛି। ତେବେ କେଉଁ କାରଣରୁ ସମ୍ଭୁର ମୃତ୍ୟୁ ଘଟିଲା ତାହା ବର୍ତ୍ତମାନ ଅସ୍ପଷ୍ଟ ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ। ତେବେ ଶମ୍ଭୁ ହର୍ପିସ ଭୁତାଣୁ ଦ୍ୱାରା ଆକ୍ରାନ୍ତ ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି। କାରଣ କିଛିଟା ହର୍ପିସ୍ ଲକ୍ଷଣ ଦେଖା ଦେଇଥିବା କହିଛନ୍ତି ଚନ୍ଦକା ଡିଏଫଓ ବିନୋଦ ଆଚାର୍ଯ୍ୟ। ସୂଚନା ମୁତାବକ ଚଳିତ ମାସ ୧୪ ତାରିଖରେ କେନ୍ଦୁଝର ବନଖଣ୍ଡରୁ ଉଦ୍ଧାର ହୋଇ ଚନ୍ଦକା ଆସିଥିଲା ସମ୍ଭୁ। ଚନ୍ଦକା ଆସିଲା ପରେ



ତାକୁ କୁମାରଖୁଣ୍ଟି ଠାରେ ଥିବା ବାଲ ହସ୍ତୀ ଭବନରେ ରଖା ଯାଇଥିଲା। ମା ଓ ହାତୀ ପଲ ଠାରୁ ଅଲଗା ହୋଇ ଏକ ଖାଲରେ ପଡ଼ି ଯାଇଥିଲା ଏହି ୬ ମାସର ଅଣ୍ଡିରା ହାତୀ ଛୁଆ ସମ୍ଭୁ। ପରେ ବନ ବିଭାଗ ତାକୁ ଉଦ୍ଧାର କରି ମା ସହ ଓ ହାତୀ ପଲ ସହ ମିଶାଇବାକୁ ଚେଷ୍ଟା କରିଥିଲେ। ହେଲେ ହାତୀ ଛୁଆକୁ ଦଳରେ ମିଶାଇ ନଥିଲେ। ପରେ ତାକୁ ଚନ୍ଦକା ଅଣାଯାଇଥିଲା। ସେଠାରେ ହାତୀ ଛୁଆର ନାମକରଣ କରଯାଇଥିଲା। ଯାହାକୁ ନେଇ ଚନ୍ଦକା ବନଖଣ୍ଡରେ ଖୁସିର ଲହରୀ ଖେଳି ଉଠିଥିଲା। ହେଲେ ସମ୍ଭୁର ମୃତ୍ୟୁ ପରେ ସମସ୍ତଙ୍କ ମନରେ ଦୁଃଖର ବାଦଲ ଖେଳି ଯାଇଛି।

ଭୁବନେଶ୍ୱର
୨୪ ଡିସେମ୍ବର,
ବୁଧବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ମହାପ୍ରଭୁଙ୍କୁ ପୁଣି ଅସମ୍ମାନ, ତିନି ଠାକୁରଙ୍କ ଫଟୋ ଉପରେ ପାଦ ଫଟୋ ରଖି ପୂଜା କରିବା ଭିଡିଓ ଭାଇରାଲ



**ପୁରୀ,୨୩/୧୨ ନ୍ୟୁଜ ବ୍ୟୁରୋ**

ପୁଣି ଜଗନ୍ନାଥ, ବଳଭଦ୍ର ଓ ମା' ସୁଭଦ୍ରାଙ୍କୁ ଅପମାନ । ତିନି ଠାକୁରଙ୍କ ପଛପଟ ଉପରେ ଏକ ଫଟୋ ଫ୍ରେମରେ ଜଣେ ବ୍ୟକ୍ତିଙ୍କ ପାଦ ଚିତ୍ରକୁ ରଖି ପୂଜା କରିବାର ଦୃଶ୍ୟ ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ୍ ହୋଇଛି । ଅଜୟ ଖତ୍ରୀ ନାମକ ଜଣେ ବ୍ୟକ୍ତି ହାର୍ଟ ପ୍ରପର ନାମକ ଇନ୍‌ଷ୍ଟାଗ୍ରାମ ଆଇଡିରେ ଏଭଳି ଦୃଶ୍ୟକୁ ଅପଲୋଡ଼ କରିଛନ୍ତି । ଯାହାକୁ ଦେଖୁଥିବା ଶ୍ରୀଜଗନ୍ନାଥପ୍ରେମୀ ଘୋର ଉଦବେଗ ପ୍ରକାଶ କରିଛନ୍ତି । ଯାହାକି ମହାପ୍ରଭୁଙ୍କୁ ଅପମାନ ହୋଇଥିବା ବେଳେ କୋଟିକୋଟି ଜଗନ୍ନାଥପ୍ରେମୀଙ୍କ ଭାବାବେଗକୁ ଆଘାତ ପହଞ୍ଚାଇଛି । ଏହି ଭିଡିଓକୁ ପାଖାପାଖି ୮୫ ହଜାର ଲୋକେ ଦେଖିଥିବା ବେଳେ ଏହି ଭିଡିଓ ଅଜୟ ଖତ୍ରୀଙ୍କ ଆଇଡିରେ ସକ୍ରିୟ ରହିଛି । ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରଶାସନ ନିକଟରେ ଦାବି ହୋଇଛି ।




ଭୁବନେଶ୍ୱର : ସୁଷମା ସଂଗୀତ ସଦନ ଅନୁଷ୍ଠାନ ପକ୍ଷରୁ ରବିନ୍ଦ୍ର ମଣ୍ଡପ ପରିସରରେ ପ୍ରଖ୍ୟାତ କଣ୍ଠଶିଳ୍ପୀ ମହମ୍ମଦ ରଫି ଓ ସୋନୁ ନିଗମଙ୍କ କଲେକ୍ସନକୁ ନେଇ "ଏକ ଏହେସାସ୍ ଦୋ ଆୱାଜ" ସନ୍ଧ୍ୟାରେ ସଂଗୀତ ପରିବେଷଣ କରୁଛନ୍ତି ଓଡ଼ିଶାର ଦୁଇ ବିଶିଷ୍ଟ ଯୁବ କଣ୍ଠଶିଳ୍ପୀ ରଣଦୀପ୍ ଓ ବନ୍ଦିସ୍ । (ଫଟୋ : ସମ୍ବାଦ କଳିକା)

**ହାଇକୋର୍ଟଙ୍କୁ ଅବଗତ କଲେ ଆଡ଼ଭୋକେଟ ଜେନେରାଲ**

# ରତ୍ନଭଣ୍ଡାର ରତ୍ନ ଗଣତିମଣତି ପାଇଁ ଚାଲିଛି ଏସଓପି ପ୍ରସ୍ତୁତି

**କଟକ, ୨୩/୧୨ ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି କାମ ଶେଷ ହୋଇଛି । ମରାମତି କାର୍ଯ୍ୟ ସାରିବା ପରେ ଏହାକୁ ମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରାଯାଇଛି । ମଙ୍ଗଳବାର ସତ୍ୟପାଠ ଜରିଆରେ ହାଇକୋର୍ଟଙ୍କୁ ଅବଗତ କରାଇଛି ଏଏସଆଇ । ସେହିପରି ରତ୍ନ ଗଣତି ମଣତି ପାଇଁ ଏସଓପି ପ୍ରସ୍ତୁତ ହେଉଛି ବୋଲି ରାଜ୍ୟ ସରକାରଙ୍କ ତରଫରୁ କୋର୍ଟଙ୍କୁ ଅବଗତ କରିଛନ୍ତି ଆଡ଼ଭୋକେଟ ଜେନେରାଲ । ଏସଓପି ପ୍ରସ୍ତୁତ ହେବାମାତ୍ରେ ଗଣତି ମଣତି କାର୍ଯ୍ୟ ଆରମ୍ଭ ହେବ ବୋଲି ଏଜିଙ୍କ ପକ୍ଷରୁ ହାଇକୋର୍ଟଙ୍କୁ ସୂଚିତ କରାଯାଇଛି । ତେବେ ରତ୍ନ ଭଣ୍ଡାର ଚାବି ହଜିବାକୁ ନେଇ ହୋଇଥିବା ନ୍ୟାୟିକ ତଦନ୍ତ ରିପୋର୍ଟ ବାବଦରେ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ତଥ୍ୟ ରଖାଯାଇନାହିଁ । ଯାହା ହୁଏତ ଆଗାମୀ ଶୁଣାଣି ବେଳେ ହୋଇପାରେ । ରତ୍ନ ଭଣ୍ଡାର ସୁରକ୍ଷା, ରତ୍ନ ଗୁଡିକର ଗଣତି ମଣତି ଏବଂ ତଦନ୍ତ କମିଶନ ରିପୋର୍ଟ ସାର୍ବଜନୀନ କରିବାକୁ ନେଇ ଜନସ୍ୱାର୍ଥ ମାମଲା ହାଇକୋର୍ଟରେ ଦାୟର ହୋଇଛି ।

# ଶ୍ରୀଜୀଉଙ୍କ ରଥ ନିର୍ମାଣ ପାଇଁ ଫାଶୀ କାଠ ଦାନ କରିବାକୁ ଆହ୍ୱାନ ଦେଲେ ଗଜପତି ମହାରାଜା

**ପୁରୀ, ୨୩/୧୨ ନ୍ୟୁଜ ବ୍ୟୁରୋ**

ଗଜପତି ମହାରାଜାଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହେଲେ ଫାଶୀ କାଠ ଦାତା । ଚଳିତବର୍ଷ ମହାପ୍ରଭୁଙ୍କ ରଥ ନିର୍ମାଣ ପାଇଁ ଫାଶୀ କାଠ ଦାନ କରିଥିବା ଦାତାଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ଗଜପତି ମହାରାଜା ଦିବ୍ୟସିଂହ ଦେବ ନିଜେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଫାଶୀ କାଠଦାତାଙ୍କୁ ମହାପ୍ରଭୁଙ୍କ ଖଣ୍ଡୁଆ ଏବଂ ମହାପ୍ରସାଦ ସହିତ ମାନପତ୍ର ଦେଇ ସମ୍ମାନିତ କରିଥିଲେ । ଦିନକୁ ଦିନ ଓଡ଼ିଶାରେ ଜଙ୍ଗଲ ହ୍ରାସ ପାଉଥିବା ବେଳେ ଫାଶୀ କାଠର ମଧ୍ୟ ଅଭାବ ଦେଖାଦେଇଛି । ଫାଶୀ କାଠରେ ମହାପ୍ରଭୁଙ୍କ ରଥର ତୁମ୍ବ, ଅର ଏବଂ ପଇ ସହିତ ଚକ ନିର୍ମାଣ ହୋଇଥାଏ । ତେବେ ଫାଶି କାଠ ଜଙ୍ଗଲରେ ପର୍ଯ୍ୟାପ୍ତ ମିଳୁନଥିବାରୁ ଆଗାମୀ ଦିନରେ ରଥ ନିର୍ମାଣରେ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ପ୍ରକାଶ କରିଛନ୍ତି ଗଜପତି ମହାରାଜା । ଏଣୁ ଓଡ଼ିଶାର ପ୍ରତ୍ୟେକ ଜଗନ୍ନାଥ ପ୍ରେମୀ ମହାପ୍ରଭୁଙ୍କ ରଥ ନିର୍ମାଣ ନିମନ୍ତେ ନିଜ ବାଡ଼ି, ବଗିଚାରେ ଥିବା ଫାଶୀ କାଠକୁ ବନବିଭାଗ ଜରିଆରେ ଶ୍ରୀମନ୍ଦିର ପ୍ରଶାସନକୁ ପ୍ରଦାନ କରିବାକୁ ଆହ୍ୱାନ ଦେଇଛନ୍ତି ଗଜପତି ମହାରାଜା । ଯାହାଦ୍ୱାରା ରଥ ନିର୍ମାଣରେ କୌଣସି ସମସ୍ୟା ସୃଷ୍ଟି ହେବ ନାହିଁ ବୋଲି ଆଶା ପ୍ରକାଶ କରିଛନ୍ତି ଗଜପତି ମହାରାଜା ।




ଚଳିତବର୍ଷ ରଥଯାତ୍ରାର ରଥ ନିର୍ମାଣ ନିମନ୍ତେ ଫାଶୀ କାଠ ଦାନ କରିଥିବା ୬୯ ଜଣ ଦାତାଙ୍କୁ ଗଜପତି ମହାରାଜା ସମ୍ବର୍ଦ୍ଧିତ କରିଛନ୍ତି । ସେହିପରି ଶ୍ରୀଜଗନ୍ନାଥ ବନ ପ୍ରକଳ୍ପ କିଭଳି ସୁରକ୍ଷିତ ରହିପାରିବ ସେ ଦିଗରେ ବନ ବିଭାଗ ଏବଂ ସ୍ଥାନୀୟ ଗ୍ରାମବାସୀ ଧ୍ୟାନ ଦେବାର ଆବଶ୍ୟକତା ଥିବା ଗଜପତି ମହାରାଜା କହିଛନ୍ତି । ସେପଟେ ମହାପ୍ରଭୁଙ୍କ ରଥ ନିର୍ମାଣ ପାଇଁ ଫାଶି କାଠ ଦାନ କରିବାର ସୁଯୋଗ ପ୍ରାପ୍ତ ହୋଇଥିବାରୁ ନିଜକୁ ଧନ୍ୟମନେ କରିଛନ୍ତି ଫାଶୀ କାଠଦାତା । ପ୍ରତ୍ୟେକ ଓଡ଼ିଶାବାସୀ ମହାପ୍ରଭୁଙ୍କ ସେବା ପାଇଁ ଆଗେଇ ଆସିବାକୁ ଫାଶୀ କାଠ ଦାନ କରିଥିବା ଦାତା ନିଜ ପ୍ରତିକ୍ରିୟାରେ କହିଛନ୍ତି । ଏହି ଅବସରରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ତି,'୨୦୨୫ ରଥ ଯାତ୍ରାରେ ରଥ ନିର୍ମାଣ ଫାଶୀ କାଠ ଦାନ କରିଥିବା ଦାତାଙ୍କୁ ଆମେ ସମ୍ବର୍ଦ୍ଧିତ କରିଛୁ । ୬୯ ଜଣ ଦାତା ୧୧୦ଟି ଫାଶୀ ଗଛ ଦାନ କରିଛନ୍ତି । ରଥ ନିର୍ମାଣରେ ଫାଶୀ କାଠର ବହୁତ୍ ଗୁରୁତ୍ୱ ରହିଛି । ଫାଶୀ କାଠରେ ରଥର ଚକ ନିର୍ମାଣ ହୋଇଥାଏ । ଯେହେତୁ ଫାଶୀ କାଠ ଆଉ ଜଙ୍ଗଲରେ ପର୍ଯ୍ୟାପ୍ତ ଉପଲବ୍ଧ ହେଉନାହିଁ ଏଣୁ ଲୋକମାନେ ନିଜ ବାଡ଼ି ବଗିଚାରେ ଥିବା ଫାଶୀ ଗଛକୁ ଶ୍ରୀମନ୍ଦିର ପ୍ରଶାସନକୁ ଦାନ କରିବା ପାଇଁ ଆମେ କିଛି ବର୍ଷ ହେବ ଅଭିଯାନ ଆରମ୍ଭ କରିଥିଲୁ । ଫଳରେ ଅନେକ ଲୋକ ଫାଶୀ କାଠ ଦାନ କରୁଛନ୍ତି । ୨୦୨୫ ରଥ ଯାତ୍ରା ପାଇଁ ନୟାଗଡ଼, ଘୁମୁସର ଦକ୍ଷିଣ, ବରଗଡ଼, ଢେଙ୍କାନାଳ, ଆଠଗଡ଼ ଏବଂ ସିଟି ଡିଭିଜନ କଟକ ଏହି ୬ଟି ବନଖଣ୍ଡ ଡିଭିଜନରୁ ୬୯ ଜଣ ଦାତା ୧୧୦ଟି ଫାଶୀ କାଠ ଦାନ କରିଛନ୍ତି । ସମସ୍ତଙ୍କୁ ସମ୍ବର୍ଦ୍ଧିତ କରିଛୁ । ରଥ ନିର୍ମାଣ ନିମନ୍ତେ କାଠର ଅଭାବ ଯେଭଳି ନ ରହେ ସେ ନେଇ ଯେଉଁ ଶ୍ରୀଜଗନ୍ନାଥ ବନ ପ୍ରକଳ୍ପ କରାଯାଇଛି, ତାହାକୁ ସଫଳ କରାଇବା ପାଇଁ ଆମର ଲକ୍ଷ୍ୟ ରହିଛି । ଫାଶୀକାଠ ଦାତା ଡକ୍ଟର ସୁଚିସ୍ମିତା ସାମଲ କହିଛନ୍ତି,'ମହାପ୍ରଭୁଙ୍କ ସେବା ପାଇଁ ନିଜକୁ ସାମିଲ କରିବାର ସୌଭାଗ୍ୟ ମିଳିଥିବାରୁ ମୁଁ ନିଜକୁ ବହୁତ୍ ଭାଗ୍ୟବାନ ମନେ କରୁଛି । ଫାଶୀ କାଠର ଅଭାବ ଦେଖା ଦେଇଥିବା ବେଳେ କାଠ ଦାନ କରୁଥିବା ଦାତାଙ୍କୁ ମଙ୍ଗଳବାର ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମ୍ମାନିତ କରାଯାଇଥିବାରୁ ଏହା ବହୁତ୍ ଉତ୍ସାହିତ କରିବ । ଆଗାମୀ ଦିନରେ ବହୁ ଭକ୍ତମାନେ ଫାଶୀ କାଠ ଦାନ ପାଇଁ ଆଗେଇ ଆସିବେ । ରଥ ନିର୍ମାଣ ପାଇଁ ଫାଶୀ କାଠ ଅଭାବ ରହିବ ନାହିଁ ବୋଲି ମୋର ଆଶା ।'

ଆଉ ଜଣେ ଦାତା ସନ୍ତୋଷ କୁମାର ସେଠୀ କହିଛନ୍ତି,'ମହାପ୍ରଭୁଙ୍କ ରଥ ନିର୍ମାଣ ପାଇଁ ମୁଁ ଆମ ବାଡ଼ିରେ ଥିବା ଏକ ଫାଶୀ ଗଛକୁ ଜଙ୍ଗଲ ବିଭାଗ ସହ ଯୋଗାଯୋଗ କରି ଶ୍ରୀମନ୍ଦିର ପ୍ରଶାସନକୁ ଦେଇଥିଲି । ଏଥି ପାଇଁ ଆମକୁ ଗଜପତି ମହାରାଜା ସମ୍ବର୍ଦ୍ଧିତ କରିଛନ୍ତି । ଜୀବନରେ ଏଭଳି ଏକ ସୁଯୋଗ ମିଳିବ ବୋଲି ଜାଣିନଥିଲି । ମୁଁ ବହୁତ୍ ଖୁସି ମହାପ୍ରଭୁଙ୍କ ସେବା ପାଇଁ ସମ୍ମାନିତ ହୋଇଛି । ଆଗାମୀ ଦିନରେ କିଭଳି ଅଧିକରୁ ଅଧିକ ଲୋକ ମହାପ୍ରଭୁଙ୍କ ରଥ ନିର୍ମାଣ ପାଇଁ ଫାଶୀ କାଠ ଦାନ କରିବେ, ସେନେଇ ସଚେତନ କରାଇବି ।'

ସେ ଆହୁରି କହିଛନ୍ତି, 'ବାରମ୍ବାର ଶ୍ରୀମନ୍ଦିରର ଭିତର ଫଟୋ ଭାଇରାଲ ହେବା ଘଟଣା ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ଶ୍ରୀମନ୍ଦିରର ପ୍ରଚଳିତ ଆଇନରେ ପରିବର୍ତ୍ତନ ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି । ଶ୍ରୀମନ୍ଦିର ଆଇନରେ ସଂଶୋଧନ କରାଯାଇ କଡ଼ା ଦଣ୍ଡ ବିଧାନ ବ୍ୟବସ୍ଥା ହେବା, ପରେ ଏଭଳି ବେଆଇନ୍ କାର୍ଯ୍ୟ ଉପରେ ରୋକ୍ ଲାଗି ପାରିବ ବୋଲି ଆଶା ରହିଛି । ସେହିପରି ଆଗକୁ ଇଂରାଜୀ ନୂତନ ବର୍ଷ ଥିବାରୁ ଶ୍ରୀମନ୍ଦିରରେ କିଭଳି ଶୃଙ୍ଖଳିତ ନୀତିକାନ୍ତି ସହିତ ଦର୍ଶନ ହୋଇପାରିବ, ସେନେଇ ଗଜପତି ମହାରାଜା ପରିଚାଳନା କମିଟି ସଦସ୍ୟଙ୍କ ସହିତ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି । ମହାପ୍ରଭୁଙ୍କ ବିଧି ପରମ୍ପରା ଅନୁଯାୟୀ ପ୍ରତିବର୍ଷ ରଥଯାତ୍ରା ପାଇଁ ତିନୋଟି ନୂତନ ରଥ ନିର୍ମାଣ କରାଯାଇଥାଏ । ତେବେ ଫାଶୀ କାଠର ଅଭାବ ହେତୁ ଆଗାମୀ ଦିନରେ ରଥ ନିର୍ମାଣକୁ ନେଇ କାଠ ସଙ୍କଟ ସୃଷ୍ଟି ହେବା ଆଶଙ୍କା ରହୁଥିବା ବେଳେ ଶ୍ରୀଜଗନ୍ନାଥ ବନ ପ୍ରକଳ୍ପକୁ ସଫଳ କରିବା ପାଇଁ ବନ ବିଭାଗ ବିଭିନ୍ନ ଗ୍ରାମ୍ୟ କମିଟି ଜରିଆରେ ଗଛ ଗୁଡିକର ଉପଯୁକ୍ତ ସଂରକ୍ଷଣ କରାଯିବାର ଆବଶ୍ୟକତା ରହିଛି ।'

# ଆଜମେର ଦରଘାରେ ଚଢାନଯାଉ ପିଏମ୍‌ଓ ପଠାଉଥିବା ଚାଦର

**ଆବେଦନ ଉପରେ ତୁରନ୍ତ ଶୁଣାଣି କରିବାକୁ ମନା କଲେ ସୁପ୍ରିମକୋର୍ଟ**

**ନୂଆଦିଲ୍ଲୀ, ୨୩।୧୨**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପକ୍ଷରୁ ଆଜମେର ଶରିଫ୍ ଦରଘାକୁ ଚାଦର ପଠାଯିବା ବିରୋଧରେ ସୁପ୍ରିମକୋର୍ଟରେ ଆବବେଦନ ଦାଖଲ କରାଯାଇଛି । ବିଶ୍ୱ ବୈଦିକ ସନାତନ ସଂଘର ମୁଖ୍ୟ ଜିତେନ୍ଦ୍ର ସିଂହ ଏବଂ ବିଷ୍ଣୁ ଗୁପ୍ତାଙ୍କ ଦ୍ୱାରା ଦାୟର କରାଯାଇଥିବା ଏହି ଆବେଦନରେ ଖ୍ୱାଜା ମୋଇନୁଦ୍ଦିନ ଚିସ୍ତିଙ୍କ ଆଜମେର ଦରଘାକୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଦ୍ୱାରା ବାର୍ଷିକ ଚାଦର ଅର୍ପଣକୁ ତୁରନ୍ତ ବନ୍ଦ କରିବାକୁ ଦାବି କରାଯାଇଛି । ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ୍ ଜୟମାଲା ବାଗଚୀଙ୍କ ଖଣ୍ଡପୀଠରେ ଏହି ଆବେଦନ ହୋଇଛି । ଯାହା ଉପରେ ତୁରନ୍ତ ଶୁଣାଣି କରିବାର ଦାବିକୁ ଖଣ୍ଡପୀଠ ତୁରନ୍ତ ଖାରଜ କରି ଦେଇଛନ୍ତି । ଆବେଦନରେ କୁହାଯାଇଥିଲା, ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ପକ୍ଷରୁ ଖ୍ୱାଜା ମୋଇନୁଦ୍ଦିନ ଚିସ୍ତିଙ୍କ ଦରଘାରେ ଚାଦର ଚଢାଇବା ପାଇଁ ପଠାଯାଇଛି । ଏହାକୁ ୮୧୪ ତମ ବର୍ଷ ଅବସରରେ ଚଢାଯିବ । ମିଡିଆ ରିପୋର୍ଟ ଅନୁସାରେ, ସଂଖ୍ୟାଲଘୁ କଲ୍ୟାଣ ମନ୍ତ୍ରୀ କିରେନ୍ ରିଜିଜୁ ଏହି ଚାଦର ପିଏମ୍ ଶ୍ରୀ ମୋଦୀଙ୍କ ପକ୍ଷରୁ ଚଢାଇବେ । ତେଣୁ ଆବେଦନରେ ଏହା ଉପରେ ରୋକ୍ ଲଗାଇବାର ଦାବି କରାଯାଇଛି । ଦରଘାରେ ଚାଦର ଅର୍ପଣ ଏବଂ ଆବେଦନ ସମ୍ପର୍କରେ କିରେନ ରିଜିଜୁ କହିଛନ୍ତି,



ଚାଦର ଦେଶର ପ୍ରଗତି ଏବଂ ଲୋକଙ୍କ ମଙ୍ଗଳ ପାଇଁ ଥିଲା । ମୁଁ କୌଣସି ରାଜନୀତି ଉଦ୍ଦେଶ୍ୟରେ କରୁନି । କୋର୍ଟ କୌଣସି ପ୍ରତିବନ୍ଧକ ଲଗାଇ ନାହିଁ, ତେଣୁ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କହିଛନ୍ତି, ମୁଁ ସେଠାକୁ ଚାଦର ଚଢାଇବାକୁ ଯିବି ।' ଆବେଦନରେ କୁହାଯାଇଛି, ଆଜମେର ଦରଘା ଉପରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପକ୍ଷରୁ ଚାଦର ଚଢାଇବା ପାଇଁ ପଠାଯିବା ଭୁଲ । ଏହା ଏଥିପାଇଁ ଯେ, ସେଠାରେ ଭଗବାନ ଶିବଙ୍କ ମନ୍ଦିର ଥିଲା ଓ ଏ ସମ୍ପର୍କରେ କୋର୍ଟରେ ଆବେଦନ ଦୀର୍ଘ ଦିନ ଧରି ବିଚାରାଧୀନ ରହିଛି । ତେଣୁ ପିଏମ୍ ଶ୍ରୀ ମୋଦୀଙ୍କ ପକ୍ଷରୁ ପଠାଯାଇଥିବା ଚାଦରକୁ ଚଢାଇବାରୁ ରୋକାଯାଉ ଏବଂ ତୁରନ୍ତ ଆବେଦନ ଉପରେ ଶୁଣାଣି ହେଉ । ଏହା ଉପରେ ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଛନ୍ତି, ଏହା ଉପରେ ଶୁଣାଣି ହୋଇପାରିବନି । ପୂର୍ବରୁ ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ପକ୍ଷରୁ ଆଜମେର ଦରଘା ପାଇଁ ଚାଦର ପଠାଯାଇଛି । ତେଣୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ମଧ୍ୟ ସେହି ପରମ୍ପରା ବଜାୟ ରଖିଛନ୍ତି । ଏଭଳି ଏକ ଆବେଦନ ଆଜମେରର କୋର୍ଟରେ ମଧ୍ୟ ଦାଖଲ କରାଯାଇଥିଲା । ଏହି ଆବେଦନ ହିନ୍ଦୁ ସେନାର ଅଧ୍ୟକ୍ଷ ବିଷ୍ଣୁ ଗୁପ୍ତାଙ୍କ ପକ୍ଷରୁ ଦାଖଲ କରାଯାଇଥିଲା । ସେ ଏହି ମକଦ୍ଦମାରେ ମଧ୍ୟ ଗୋଟିଏ ପକ୍ଷ ରହିଛନ୍ତି, ଯେଉଁଥିରେ ଦାବି କରାଯାଇଥିଲା ଆଜମେର ଦରଘାକୁ ହିନ୍ଦୁ ମନ୍ଦିର ଭାଙ୍ଗି ତିଆରି କରାଯାଇଥିଲା । ଶ୍ରୀ ଗୁପ୍ତା କହିଛନ୍ତି କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ବିବାଦୀୟ ଢାଞ୍ଚା ଉପରେ ଚଢାଇବାକୁ ଥିବା ଚାଦର ପଠାଇବା ଭୁଲ । ଏଭଳି କରିବା ନ୍ୟାୟିକ ପ୍ରକ୍ରିୟାକୁ ପ୍ରଭାବିତ କରିବା ଭଳି ସମାନ । ଏହାଦ୍ୱାରା ଫେୟାର ଟ୍ରାଏଲର ଅଧିକାର ମଧ୍ୟ ଶେଷ ହୋଇଯିବ । ତାହା ବି ସେତେବେଳେ ଯେଉଁ ସମୟରେ ଟ୍ରାଏଲ କୋର୍ଟରେ ଏ ସମ୍ପର୍କରେ ମାମଲା ବିଚାରାଧୀନ ରହିଛି । ଉଲ୍ଲେଖନୀୟ ଯେ, ଆଜମେର ଦରଘାକୁ ଏଏସ୍‌ଆଇ ସର୍ଭେ କରିବା ନେଇ ଦାବି କରାଯାଉଛି ।

# ବିଧାୟକଙ୍କ ଦରମା ବୃଦ୍ଧି ମାମଲା : ଆବେଦନକୁ ଗ୍ରହଣ କଲେନି ହାଇକୋର୍ଟ

**ଭୁବନେଶ୍ୱର, ୨୩/୧୨ ନ୍ୟୁଜ ବ୍ୟୁରୋ**

ବିଧାୟକଙ୍କ ଦରମା ବୃଦ୍ଧି ମାମଲା । ହାଇକୋର୍ଟରେ ଗ୍ରହଣ ହେଲାନି ଆବେଦନ । ଇଏ ପୀତାମ୍ବର ଆଚାର୍ଯ୍ୟଙ୍କ ଦୃଢ ଯୁକ୍ତି ପରେ ଗ୍ରହଣ କଲେନି ହାଇକୋର୍ଟ । ପ୍ରିମାଚ୍ୟୁର କହି ମାମଲାକୁ ଗ୍ରହଣ କଲେନି ହାଇକୋର୍ଟ । ବିଧିବଦ୍ଧ ବିଜ୍ଞପ୍ତି ହୋଇନଥିବା ଦର୍ଶାଇ ମାମଲା ଗ୍ରହଣୀୟ ହେବନି ବୋଲି କହିଲେ କୋର୍ଟ । ବିଧିବଦ୍ଧ ବିଜ୍ଞପ୍ତି ପରେ ଯାଇ ମାମଲା କରିପାରିବେ ବୋଲି ଆବେଦନକାରୀଙ୍କୁ ଅନୁମତି ଦେଇଛନ୍ତି ଉଚ୍ଚ ନ୍ୟାୟାଳୟ । ଓଡ଼ିଶାର ବିଧାୟକମାନଙ୍କ ଦରମା ଦେଶର ଅନ୍ୟ ସମସ୍ତ ରାଜ୍ୟର ବିଧାୟକମାନଙ୍କ ଅପେକ୍ଷା ଅଧିକ । ଓଡ଼ିଶା ଭଳି ଏକ ଗରିବ ରାଜ୍ୟରେ ବିଧାୟକମାନଙ୍କ ଦରମା ଏତେ ପରିମାଣରେ ବୃଦ୍ଧି ହେଲେ ଏହାର ପ୍ରତିକୂଳ ପ୍ରଭାବ ରାଜ୍ୟ ଅର୍ଥ ବ୍ୟବସ୍ଥା ଉପରେ ପଡ଼ିବାର ଆଶଙ୍କା ରହିଛି । କିନ୍ତୁ ଏସବୁକୁ ଗୁରୁତ୍ୱ ନଦେଇ ରାଜ୍ୟ ସରକାର ବିଧାୟକମାନଙ୍କ ଦରମା ୩ଲକ୍ଷ ୪୫ ହଜାର ଟଙ୍କାକୁ ବୃଦ୍ଧି କରିଛନ୍ତି । ଏଭଳି ଦରମା ବୃଦ୍ଧି ସମ୍ପୂର୍ଣ୍ଣ ବେଆଇନ ତଥା ଅସାମ୍ବିଧାନିକ । ଏଭଳି ନିଷ୍ପତ୍ତିକୁ ରଦ୍ଦ କରାଯାଇ ବିଧାୟକମାନଙ୍କ ଦରମା ବୃଦ୍ଧି ପାଇଁ ସ୍ୱାଧୀନ ବେତନ କମିଶନ ଗଠନ ପାଇଁ ନିର୍ଦ୍ଦେଶ ଦେବାକୁ ପ୍ରାର୍ଥନା କରି ସମାଜସେବୀ ନାରାୟଣ ଚନ୍ଦ୍ର ଜେନା ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ ।


ସମ୍ପାଦକୀୟ
ପୃଷ୍ଠା-୪
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
ଶିଖର ଛୁଇଁବ ନୂଆ ଓଡ଼ିଶାର ଭିତ୍ତିଭୂମି

**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ । ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ଭିତରକନିକାରେ ଜାନୁଆରୀ ୮ରୁ କୁମ୍ଭୀର ଗଣନା

**ରାଜନଗର,୨୩/୧୨ ନ୍ୟୁଜ ବ୍ୟୁରୋ**

ଭିତରକନିକା ଜାତୀୟ ଉଦ୍ୟାନରେ ୨୦୨୬ ମସିହା ଜାନୁଆରୀ ୮ରୁ ୧୦ ତାରିଖ ପର୍ଯ୍ୟନ୍ତ କୁମ୍ଭୀର ଗଣନା କରାଯିବ । ତେଣୁ ଏହି ତିନି ଦିନ ପାଇଁ ପର୍ଯ୍ୟଟକମାନଙ୍କ ନିମନ୍ତେ ଜାତୀୟ ଉଦ୍ୟାନ ବନ୍ଦ ରହିବ ବୋଲି ବନଖଣ୍ଡ ଅଧିକାରୀ ଭରଦରାଜ ଗାଓଁକାର ସୂଚନା ଦେଇଛନ୍ତି । ଶୀତ ସହ ଅମାବାସ୍ୟା ତିଥିକୁ ଦୃଷ୍ଟିରେ ରଖି କୁମ୍ଭୀର ଗଣନା ପାଇଁ ସମୟ ସ୍ଥିର କରାଯାଇଥାଏ । ଶୀତ ଅଧିକ ହେଲେ ଛୋଟରୁ ବଡ଼ ପର୍ଯ୍ୟନ୍ତ ସମସ୍ତ କୁମ୍ଭୀର ନଦୀପଠାରେ ଖରା ଖାଇବାକୁ ପଡ଼ି ରହିଥାନ୍ତି । ଭିତରକନିକାର ନଦୀନାଳଗୁଡ଼ିକ ମୁଖ୍ୟତଃ ଜୁଆରିଆ ହୋଇଥିବାରୁ ଅଧିକ ଭଟ୍ଟା ରହୁଥିବା ଅମାବାସ୍ୟା ତିଥି ପରେ ଉଚ୍ଚ ଜୁଆର ନଆସିବା ଯୋଗୁଁ ନଦୀପଠା ବୁଡ଼ି ନଥାଏ । ଏହି ସମୟରେ ଦିନ ଓ ରାତିରେ କୁମ୍ଭୀର ଗଣନା କରିବା ପାଇଁ ସୁବିଧା ହୋଇଥାଏ । ମୁଖ୍ୟତଃ ପର୍ଯ୍ୟଟକମାନେ ବାଟରେ ଆସିବା ସମୟରେ କୁମ୍ଭୀରମାନେ ନଦୀପଠାରୁ ନଦୀ ଭିତରକୁ ଚାଲି ଯାଇଥାନ୍ତି । ତେଣୁ ପର୍ଯ୍ୟଟକମାନଙ୍କୁ ବନ୍ଦ କରାଯାଇ ଆହୁଲା ଡଙ୍ଗା ସାହାଯ୍ୟରେ କୁମ୍ଭୀର ଗଣନା କରାଯାଇଥାଏ । ବିଶେଷଜ୍ଞ ଗଣନାକାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବା ପରେ ଗଣନାକାରୀ ଦଳ ଗଠନ କରାଯାଇ କୁମ୍ଭୀର ଗଣନା ଆରମ୍ଭ କରାଯିବ ବୋଲି ଜଣାପଡ଼ିଛି ।

**ସ୍ୱତନ୍ତ୍ର ଚଢ଼ଉ ଅଭିଯାନର ତୃତୀୟ ଦିନ**

# ୨୧୧ମାମଲା ରୁଜୁ, ୬୨.୦୩ ଲକ୍ଷ ଟଙ୍କାର ସାମଗ୍ରୀ ଜବତ

**ଭୁବନେଶ୍ୱର,୨୩/୧୨ ନ୍ୟୁଜ ବ୍ୟୁରୋ**

ଚଳିତ ମାସ ୨୦ତାରିଖରୁ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ଚଢ଼ଉ ଅଭିଯାନର ତୃତୀୟ ଦିନରେ ଅବକାରୀ ବିଭାଗ ପକ୍ଷରୁ ୨୧୧ଟି ମାମଲା ରୁଜୁ ହେବା ସହ ୬୨.୦୩ଲକ୍ଷ ଟଙ୍କା ମୂଲ୍ୟର ବେଆଇନ ସାମଗ୍ରୀ ଜବତ ହୋଇଛି । ସୂଚନା ଅନୁସାରେ, ଏହି ଅଭିଯାନ ସମୟରେ ୧୩୬ଜଣଙ୍କୁ ଗିରଫ କରାଯାଇଥିବାବେଳେ, ଏନ୍‌ଡିପିଏସ୍ ଆକ୍ଟରେ ଗୋଟିଏ ମାମଲା ରୁଜୁ ହୋଇଛି । ଏଥି ସହିତ ବେଆଇନ କାରବାରରେ ସଂପୃକ୍ତ ୧୬ଟି ଗାଡ଼ି ମଧ୍ୟ ଜବତ ହୋଇଛି । ଜବତ ସାମଗ୍ରୀ ମଧ୍ୟରେ ୮୨୬୦ଲିଟର ବେଆଇନ ଦେଶୀ ମଦ, ୨୯୨ଲିଟର ଡ୍ୟୁଟି ପେଡ୍ ଲିକ୍ୟୁର, ୫୯,୪୩୪ ଲିଟର ମହୁଲ ପୋଚ ଏବଂ ୧୨,୫୦୦କିଲୋଗ୍ରାମ ଗୁଡ଼ ପୋଚ ରହିଛି । ନାର୍କୋଟିକ୍ସ ସାମଗ୍ରୀ ଭାବେ ୫କିଲୋଗ୍ରାମ ଗଞ୍ଜେଇ ମଧ୍ୟ ଜବତ ହୋଇଛି । ବେଆଇନ ତଥା ଅବୈଧ ମଦ ପ୍ରସ୍ତୁତି କେନ୍ଦ୍ରକୁ ଧ୍ୱଂସ କରିବା ଓ ନିଶା କାରବାର ନେଟୱର୍କକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଲକ୍ଷ୍ୟରେ ଏହି ଚଢ଼ଉ ଅଭିଯାନ ଜାରି ରହିବ ବୋଲି ଚଢ଼ଉକାରୀ ଦଳ ପକ୍ଷରୁ ସୂଚନା ମିଳିଛି ।

